ସେ ଆରମ୍ଭ କଲେ। ତିନି ବର୍ଷ ତଳର କଥା। ଏକ ଆର୍ଥିକ ସଚେତନତା କାର୍ଯ୍ୟକ୍ରମରୁ ମୁଁ ପ୍ରେରଣା ପାଇଥିଲି। ସେଦିନର ଆର୍ଥିକ ବିଶେଷଜ୍ଞଙ୍କ ଉପଦେଶ ମୋ ମନକୁ ପ୍ରଭାବିତ କରିଥିଲା। ସେ କହିଲେ, ଥରେ ଜଣେ ଶିକ୍ଷକ ଶ୍ରେଣୀର ଦୁଇ ମେଧାବୀ ଛାତ୍ରଙ୍କୁ ପାଖକୁ ଡାକି କହିଲେ, ଏ ବର୍ଷ ଗଣିତରେ ଯେପରି ଶହେରୁ ଶହେ ନମ୍ବର ରହେ। ଜଣେ ଛାତ୍ର କହିଲା– "ଗୁରୁଜୀ! ଗଣିତରେ କେବେ ଷାଠିଏରୁ ଅଧିକ ନମ୍ବର ଆସିନି। ଶହେ ନମ୍ବର ରଖିବା ମୋ ପକ୍ଷରେ ସମ୍ଭବ ନୁହେଁ। ଅଯଥା ଗଣିତରେ ସମୟ ଦେଇ ଲାଭ ନାହିଁ। ଏପରି ଯୁକ୍ତି ଦେଖାଇ ସେ ଗୁରୁଜୀଙ୍କ କଥାକୁ ଏଡ଼ାଇଦେଲା। ଅନ୍ୟ ଛାତ୍ରଟି ପଚାରିଲା– ଗୁରୁଜୀ! ମୁଁ ଗଣିତରେ କେବେ ପଚାଶ ନମ୍ବରରୁ ଅଧିକା ରଖିନାହିଁ। ଶହେ ନମ୍ବର ରଖିବାକୁ କ'ଣ କରିବାକୁ ହେବ? ଏହା ମୋ ପକ୍ଷରେ ସମ୍ଭବ କି ନାହିଁ ଟିକେ ବିସ୍ତୃତ ଭାବେ ବୁଝାଇ କୁହନ୍ତୁ। ଗୁରୁଜୀ ଆଶ୍ୱାସନା ଦେଇ କହିଲେ, ଶହେ ନମ୍ବର ଆଣିବା ପାଇଁ ନିୟମିତ ବିଭିନ୍ନ ପ୍ରକାରର ଗାଣିତିକ ପ୍ରଶ୍ନ ସମାଧାନ କରିବା ଅଭ୍ୟାସ କରିବ। ଏପରି କରିବା ଦ୍ୱାରା ତୁମର ଗଣିତରେ ଜ୍ଞାନ ବଢ଼ିବ। ପରୀକ୍ଷାରେ ଶହେ ନମ୍ବର, ନହେଲେ ଶହେ ପାଖାପାଖି ନମ୍ବର ରଖିପାରିବ। ଗୁରୁଙ୍କ ଉପଦେଶ ମାନିବାରୁ ପିଲାଟି ଗଣିତରେ ୯୯ ନମ୍ବର ଆଣିଲା। ଅନ୍ୟ ପିଲାଟି ଗୁରୁଜୀଙ୍କ କଥାକୁ ଗୁରୁତ୍ୱ ଦେଲା ନାହିଁ। ନିଜ ଜ୍ଞାନର ପରିସୀମା ବଢ଼ାଇବାକୁ ଚେଷ୍ଟା କଲାନି। ଗଣିତରେ ୬୨ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେଲା। ପ୍ରଥମ ଛାତ୍ରଟି ରୋକଠୋକ ମନା କରିଦେଲା। ଦ୍ୱିତୀୟ ପିଲା ଅଧିକ ନମ୍ବର ରଖିବାକୁ କ'ଣ କରିବାକୁ ହେବ ତାହା ପଚାରି ବୁଝିବା ସହ ନିରନ୍ତର ସେଥିପାଇଁ ଚେଷ୍ଟା କଲା। ପରିଶେଷରେ ତା' ଶ୍ରମର ମୂଲ୍ୟ ପାଇଲା। ଗରିବ ଲୋକ କିପରି କୋଟିପତି ହେବାର ଉପାୟ ପ୍ରାଞ୍ଜଳ ଭାବେ ସେ ବୁଝାଇଲେ। ତାଙ୍କ ଉପଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଆସୁଛି। ଏବେ ମୋର କୋଟିପତି ହେବା ନିଶ୍ଚିତ। ଅନେକ ଲୋକ ତାଙ୍କ କଥାକୁ ଅବାସ୍ତବ କହି ଗୁରୁତ୍ୱ ଦେଲେ ନାହିଁ। ଫଳରେ ସେମାନଙ୍କର କୋଟିପତି



ହେବାର ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଗଲା।

ଦଶ ବର୍ଷ ତଳର ଏକ ଘଟଣା ମନେପଡ଼େ। ସୀମା ସୁରକ୍ଷା ବଳରେ କିଛି କର୍ମଚାରୀମାନଙ୍କ ସହ ଆର୍ଥିକ ସାକ୍ଷରତା, ଆର୍ଥିକ ପରିଚାଳନା ଏବଂ ନିଜର ଆର୍ଥିକ ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ନେଇ ଆଲୋଚନା କରୁଥାଏ। ଶେଷରେ ପଚାରିଲି, କେଉଁମାନେ ନିଜକୁ କୋଟିପତି କରିପାରିବେ ବୋଲି ଭାବୁଛନ୍ତି ସେମାନେ ନିଜ ନିଜର ହାତ ଟେକନ୍ତୁ। ଜଣେ ବୟସ୍କ କର୍ମଚାରୀ ହାତ ଉଠାଇଥିବା ଲକ୍ଷ୍ୟ କଲି। ତାଙ୍କୁ ପଚାରିଲି– ସାର୍, ଆପଣଙ୍କ ବୟସ କେତେ? ସେ କହିଲେ– ୫୫ ବର୍ଷ। ତାଙ୍କୁ ପଚାରିଲି, ଆପଣ ତ ଆଉ କିଛି ବର୍ଷ ଭିତରେ ଅବସର ନେବେ। କୋଟିପତି ହେବାର ପ୍ରସ୍ତୁତି ବୋଧହୁଏ ପୂର୍ବରୁ ଆରମ୍ଭ କରିଛନ୍ତି। ସେଥିପାଇଁ କୋଟିପତି ହୋଇପାରିବେ ବୋଲି ଦୃଢ଼ ବିଶାସ। ସେ ଯେଉଁ ଉତ୍ତର ଦେଲେ, ସେଥିରେ ଉପସ୍ଥିତ ସମସ୍ତ ବ୍ୟକ୍ତି ସ୍ତମ୍ଭୀଭୂତ ହୋଇଗଲେ। ସେ କହିଲେ, ଦୀର୍ଘ ତିରିଶ ବର୍ଷ ଧରି ରୋଜଗାର କରୁଛି। କେବେ କୋଟିପତି ହେବାର ସ୍ୱପ୍ନ ଦେଖିନି। ଆୟର ସଦୁପଯୋଗ, ଖର୍ଚ୍ଚ ନିୟନ୍ତ୍ରଣ, ବିଭିନ୍ନ ଲାଭଦାୟକ ଯୋଜନାରେ ନିବେଶ କରି ସାଧାରଣ ଲୋକଟିଏ କୋଟିପତି ହେବାର ଉପାୟ ଜାଣିବା ପରେ କୋଟିପତି ହେବା ଆଶା ବଢ଼ିଗଲା। ଅବସର ପୂର୍ବରୁ କୋଟିପତି ହେବା ସମ୍ଭବ ନୁହେଁ। କିନ୍ତୁ ଦୃଢ଼ତାର ସହ କହୁଛି, ଯଦି ମୁଁ ୮୫ ବର୍ଷଯାଏ ବଞ୍ଚେ ତେବେ ନିୟମିତ ସଞ୍ଚୟ ଓ ନିବେଶ ଦ୍ୱାରା ମୋ ପୁଅକୁ ସେତେବେଳକୁ କୋଟିପତି କରିପାରିବି। ନିଜେ ନ ହେଲେ ନାହିଁ, ଜଣେ କୋଟିପତିର ବାପା ହିସାବରେ ଗର୍ବ ଅନୁଭବ କରିବି। ଏହି ଭାବନାକୁ ଦୃଷ୍ଟିରେ ରଖି ମୁଁ କୋଟିପତି ହେବାର ଆଶା ରଖିଛି।

ବାସ୍ତବରେ ଜଣେ ଗରିବ ବ୍ୟକ୍ତି ଚେଷ୍ଟାକଲେ କୋଟିପତି ହୋଇପାରିବ। ମାସକୁ ମାତ୍ର ୧୦୦ ଟଙ୍କା ନିୟମିତ ୬୦ ବର୍ଷ ପର୍ଯ୍ୟନ୍ତ ସଞ୍ଚୟ କରିବା ସହ ସଞ୍ଚିତ ରାଶିକୁ ଲାଭଦାୟକ, ସ୍ୱୀକୃତିପ୍ରାପ୍ତ ମିଚ୍ୟୁଆଲ ଫଣ୍ଡରେ ପଦ୍ଧତିଗତ ଯୋଜନା (SYSTEMATIC INVESTMENT PLAN) ମାଧ୍ୟମରେ ବିନିଯୋଗ କଲେ କୋଟିପତି ହେବା ସହଜ ହୋଇଥାଏ। ୬୦ ବର୍ଷରେ ସମୁଦାୟ ସଞ୍ଚିତ ରାଶି ହେଉଛି ୭୨୦୦୦/– ଟଙ୍କା। ଦୀର୍ଘ ଅବଧିର ନିବେଶରୁ ବାର୍ଷିକ ୧୦ ରୁ ୧୫ ପ୍ରତିଶତ ରିଟର୍ନ ମିଳିବାର ଆଶା ଥାଏ। ବାର୍ଷିକ ୧୨ ପ୍ରତିଶତ ରିଟର୍ନ ହିସାବରେ ୬୦ ବର୍ଷରେ ଏଥିରୁ ମିଳିବ ଟ୧ .୩ କୋଟି। ଏହା ଏକ ଗାଣିତିକ ହିସାବ। ସମାଜରେ ଅନେକ ଲୋକ ଏହା ଶୁଣିବା ଓ ବୁଝିବାକୁ ପ୍ରସ୍ତୁତ ନ ଥା'ନ୍ତି। ନିୟମିତ ୧୦୦ ଟଙ୍କା ମାସକୁ ସଞ୍ଚୟ କରିବା ଯେତିକି କଷ୍ଟ ନୁହେଁ, ତା'ଠାରୁ ଅନେକ ଗୁଣ କଷ୍ଟ ହେଉଛି ଦୀର୍ଘ ୬୦ ବର୍ଷର ଅପେକ୍ଷା। ଏଠାରେ ଜାଣିବା ଦରକାର ଯେଉଁମାନଙ୍କର ଅଧିକ ଆୟ ବା ସମ୍ବଳ ଅଛି, ସେମାନେ କମ୍‌ସମୟ ମଧ୍ୟରେ କୋଟିପତି ହୋଇପାରିବେ। ଉଦାହରଣ ସ୍ୱରୂପ ଜଣେ ମାସକୁ ୧୦୦୦ ଟଙ୍କା ନିୟମିତ ୪୦ ବର୍ଷ ନିବେଶ କଲେ ବାର୍ଷିକ ୧୨ ପ୍ରତିଶତ ହିସାବରେ ପରିପକ୍ୱ ରାଶି (MATURITY VALUE)ର ମୂଲ୍ୟ ଟ୧ .୨ କୋଟି। ୩୦ ବର୍ଷରେ କୋଟିପତି ହେବାକୁ ହେଲେ ନିୟମିତ ମାସିକ ୩୦୦୦ ଟଙ୍କା ସଞ୍ଚୟ କରିବାକୁ ହେବ। କୋଟିପତି ହେବାର ଅନେକ ଉପାୟ ଅଛି। ସେ ସବୁ ଉପାୟ ଜାଣିଲେ ଆପେ ଆପେ ଜଣେ କୋଟିପତି ହୋଇପାରିବ ନାହିଁ। କୋଟିପତି ହେବା ପାଇଁ ନିରନ୍ତର ପ୍ରଚେଷ୍ଟା ଦରକାର।

ମୋ: ୭୩୮୧୦୪୬୪୭୭

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ପ୍ରଚାରରେ ଗ୍ୟାରେଣ୍ଟି

ମହାଶୟ,

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ ପ୍ରଚାରରେ ଓଡ଼ିଶାରେ ଭାଜପା ସରକାର ଶପଥ ନେବାର ୬ ଘଣ୍ଟା ମଧ୍ୟରେ ଦର୍ଶନାର୍ଥୀଙ୍କ ନିମନ୍ତେ ବଡ଼ଦେଉଳର ୪ ଦ୍ୱାର ଖୋଲିବ ବୋଲି କହିଛନ୍ତି। ୬ ମାସ ମଧ୍ୟରେ ସାର୍ବଜନୀନ ହେବ ଦେଉଳର ରତ୍ନଭଣ୍ଡାର ରିପୋର୍ଟ। ପ୍ରଶ୍ନ ଉଠେ, କେନ୍ଦ୍ର ସରକାରଙ୍କ କ୍ଷମତା ବାହାରେ ଶ୍ରୀମନ୍ଦିର ପ୍ରଶାସନ ଓ ଓଡ଼ିଶା ସରକାର କି ? ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ କରିବା, ରତ୍ନଭଣ୍ଡାର ଚାବି ହଜିବା ଏବଂ ଡୁପ୍ଲିକେଟ ଚାବି ତିଆରି କରିବା ପ୍ରାସଙ୍ଗିକତା ଉପରେ ରାଜ୍ୟ ସରକାରଙ୍କ ସ୍ୱେଚ୍ଛାଚାରିତା ମନୋଭାବ ରାଜ୍ୟବାସୀଙ୍କ ପ୍ରତି ଉପହାସ ମନେହୁଏ। କୌଣସି ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥାରେ ମିଥ୍ୟା ପ୍ରତିଶ୍ରୁତିରେ ସୀମିତ ବିକାଶ, ପ୍ରଗତି ଓ ମାନବିକ ଅଧିକାର ଉଲ୍ଲଂଘନକୁ ନିୟନ୍ତ୍ରଣ କରିବା ଏବଂ ସୁଧାରିବା କ'ଣ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ନୁହେଁ କି ? ଦ୍ୱିତୀୟରେ ନିର୍ବାଚନ ପ୍ରଚାରରେ ପ୍ରାୟ ସବୁ ରାଜ୍ୟର ନେତା, ମନ୍ତ୍ରୀମାନଙ୍କ ଘୋଷଣାନାମାରେ ପୁଣି ଥରେ କ୍ଷମତାକୁ ଫେରିବା ପରେ ନିଜ ନିଜ ରାଜ୍ୟକୁ ଏକ ନମ୍ବର କରାଇବା ଏକ ଛଳନା ପ୍ରତାରଣା ପରି ମନେହୁଏ। ବର୍ଷବର୍ଷ ଧରି ଶାସନ କ୍ଷମତାରେ ରହିଥିବା ବେଳେ ରାଜ୍ୟଗୁଡିକର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଦେଖାଇ ଏକ ନମ୍ବର କରୁ ନ ଥିଲେ କାହିଁକି ?

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ।
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଭୋଜପୁରୀରେ ବିଦ୍ୟାଙ୍କ ପ୍ରେମ ନିବେଦନ



ମୁମ୍ବାଇ

ନିକଟରେ ଅଭିନେତ୍ରୀ ବିଦ୍ୟା ବାଲାନ୍ ଚଳଚ୍ଚିତ୍ର ଅପେକ୍ଷା ନିଜ ରିଲ୍ସ ପାଇଁ ଅଧିକ ଚର୍ଚ୍ଚାରେ ରହୁଛନ୍ତି। ବିଦ୍ୟାଙ୍କ ଏହିସବୁ ରିଲ୍ସ ମଧ୍ୟ ବେଶ୍ ଭାଇରାଲ୍ ହେଉଛି। ପ୍ରଶଂସକଙ୍କୁ ମନୋରଞ୍ଜନ କରାଇବା ଉଦ୍ଦେଶ୍ୟରେ ସେ ବୁଧବାର ଏକ ନୂତନ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ତାଙ୍କର ଦେଶୀ ଅନ୍ଦାଜ ଦେଖିବାକୁ ମିଳିଛି। ସେ ଶାଢ଼ି ପିନ୍ଧିଥିବାବେଳେ ମୁଣ୍ଡରେ ଓଢ଼ଣା ପକାଇଛନ୍ତି ଏବଂ ତାଙ୍କ ତାଙ୍କ କପାଳରେ ଏକ ବଡ ବିନ୍ଦି ମଧ୍ୟ ରହିଛି। ବିଦ୍ୟାଙ୍କର ଏହି ଦେଶୀ ଅବତାରକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଏହି ଭିଡିଓରେ ବିଦ୍ୟା ଫୋନ୍ ଯୋଗେ ଭୋଜପୁରୀ ଭାଷାରେ ଜଣେ ବ୍ୟକ୍ତିଙ୍କୁ ନିଜର ପ୍ରେମବ୍ୟକ୍ତ କରୁଥିବା ନଜର ଆସିଛନ୍ତି। ଭିଡିଓରେ, ପ୍ରଥମେ ବିଦ୍ୟାଙ୍କୁ ଏକ କଲ୍ ଆସୁଛି। କଲ୍‌ରେ ଥିବା ବ୍ୟକ୍ତି ବିଦ୍ୟାଙ୍କୁ ପଚାରୁଛନ୍ତି, ତୁମେ ମତେ କେତେ ଭଲ ପାଅ। ଭୋଜପୁରୀ ଭାଷାରେ ଅତି ମଜାଳିଆ ଢଙ୍ଗରେ ବିଦ୍ୟା ଏହାର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ମୁଁ ତୁମକୁ ୭୨ ପ୍ରତିଶତ ଭଲ ପାଏ। ଏହାପରେ ଫୋନ୍‌ରେ ଥିବା ବ୍ୟକ୍ତି ପଚାରିଛନ୍ତି, ୭୨ ପ୍ରତିଶତ କାହିଁକି ୧୦୦ ପ୍ରତିଶତ କାହିଁକି ନୁହେଁ। ବିଦ୍ୟା ମଜାଳିଆ ଢଙ୍ଗରେ ଏହାର ଉତ୍ତର ରଖି କହିଛନ୍ତି, ଅବଶିଷ୍ଟ ୨୮ ପ୍ରତିଶତ ଜିଏସ୍‌ଟିରେ କଟାଯିବ। ବିଦ୍ୟାଙ୍କର ଏହି ମଜାଳିଆ ଭିଡିଓକୁ ଲୋକମାନେ ବହୁଳ ଭାବେ ପସନ୍ଦ କରି କମେଣ୍ଟ ମଧ୍ୟ ଦେଇଛନ୍ତି।

ବିଦ୍ୟାଙ୍କୁ ଶେଷଥର ପାଇଁ 'ଦୋ ଅର୍ ଦୋ ପ୍ୟାର୍' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ବିଦ୍ୟାଙ୍କ ସହ ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ଓ ଅଭିନେତା ପ୍ରତୀକ ଗାନ୍ଧୀ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

**ବିଶ୍ୱ କଇଁଛ ଦିବସ**

# କଇଁଛ ସଂରକ୍ଷଣ ଜରୁରୀ

କଇଁଛ ପୃଥିବୀର ଦୀର୍ଘଦିନ ବଞ୍ଚୁଥିବା ଜୀବ ଅଟେ। ମାତ୍ର ଏବେ ଏହାର ଅନେକ ପ୍ରଜାତି ବିଲୁପ୍ତ ହୋଇଗଲେଣି। ଏଭଳି ପରିସ୍ଥିତିରେ କଇଁଛମାନଙ୍କ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୩ରେ ବିଶ୍ୱ କଇଁଛ ଦିବସ ପାଳନ କରାଯାଇଆସୁଛି।

୧୯୯୦ରେ କଇଁଛ ଦିବସ ପାଳନ ଆରମ୍ଭ ହୋଇଥିଲା। ବାସ୍ତବରେ ବିଭିନ୍ନ ପ୍ରଜାତିର କଇଁଛମାନଙ୍କୁ ବଞ୍ଚାଇବା ଲକ୍ଷ୍ୟରେ ଏକ ଅଣ-ଲାଭ ସଂଗଠନ ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ପ୍ରତିଷ୍ଠା କରାଯାଇଥିଲା। ଏହି ସଂସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ କଇଁଛ ସଂରକ୍ଷଣ। କଇଁଛମାନେ ଦୁନିଆର ସରୀସୃପ ଗୋଷ୍ଠୀର ଅନ୍ୟତମ ପୁରାତନ ପ୍ରାଣୀ। କଇଁଛମାନେ ସାପ ଏବଂ କୁମ୍ଭୀରଠାରୁ ମଧ୍ୟ ବହୁତ ପୁରୁଣା। ଏହି ଜୀବମାନେ ୨୫୦ ନିୟୁତ ବର୍ଷ ପୂର୍ବେ ବିକଶିତ ହୋଇଥିବା



ପୂର୍ବାନୁମାନ କରାଯାଏ। ଦୁନିଆରେ ୩୦୦ ପ୍ରଜାତିର କଇଁଛ ଅଛନ୍ତି, ସେଥିମଧ୍ୟରୁ ୧୨୯ଟି ବିଲୁପ୍ତପ୍ରାୟ। ଏହି କାରଣରୁ ବିଶ୍ୱ କଇଁଛ ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଉଛି।

ସରୀସୃପ ଗୋଷ୍ଠୀର କଇଁଛମାନଙ୍କର ବୟସ ପୃଥିବୀରେ ୧୫୦ ବର୍ଷରୁ ଅଧିକ ବୋଲି ବିବେଚନା କରାଯାଏ। ଦୁନିଆର ଦୀର୍ଘତମ କଇଁଛ ଥିଲା ହନାକୋ କଇଁଛ। ଯିଏ ପ୍ରାୟ ୨୨୬ ବର୍ଷ ବଞ୍ଚିଥିଲା। ଦୀର୍ଘବର୍ଷ ବଞ୍ଚିବା ପରେ ହନାକୋର ୧୭ ଜୁଲାଇ ୧୯୭୭ରେ ମୃତ୍ୟୁ ଘଟିଥିଲା। ଆମେ ସମସ୍ତେ ପିଲାଦିନରେ କଇଁଛ ଏବଂ ଠେକୁଆ କାହାଣୀ ଶୁଣିଛେ ନିଶ୍ଚିତ। କଇଁଛ ହେଉଛି ଏକ ପ୍ରାଣୀ, ଯାହା ଏହାର ଅତି ଧୀର ଗତି ପାଇଁ ଜଣାଶୁଣା। ଏହା ବ୍ୟତୀତ ଏହାର ଧାର୍ମିକ ଗୁରୁତ୍ୱ ମଧ୍ୟ ରହିଛି। ଅନେକ ଲୋକ ଏହାକୁ ଶୁଭ ବୋଲି ଭାବନ୍ତି, ଯେଉଁଥିପାଇଁ ଲୋକମାନେ କଇଁଛକୁ ଘରେ ରଖନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ସାରା ବିଶ୍ୱରେ ହ୍ରାସ ପାଉଛି। ଶୀକାର ପାଇଁ ଏବେ ଏହି ସରୀସୃପ ସଙ୍କଟରେ ଅଛି। ତେଣୁ ଏହାର ସଂରକ୍ଷଣ ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।




# ଚୁଟି ନ କାଟିଲେ ସ୍କୁଲରୁ ବିଦା



ଲଣ୍ଡନ

ଅନେକ ଲୋକଙ୍କର ବିଭିନ୍ନ ପ୍ରକାର ଭୟ ରହିଥାଏ। ନିକଟରେ ଲଣ୍ଡନର ଫାରୁକ୍ ଜେମ୍‌ସ ନାମକ ଜଣେ ୧୨ ବର୍ଷୀୟ ସ୍କୁଲ ଛାତ୍ରଙ୍କର ଏକ ନିଆରା କେଶକଟା ପ୍ରତି ଭୟ ରହିଥିବା ଜଣାପଡ଼ିଛି, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଜେମ୍‌ସଙ୍କର ଏପରି କେଶକଟା ପ୍ରତି ଭୟ ଥିବାରୁ, ସେ ନିଜ କେଶ କାଟିବାକୁ ଭୟ କରନ୍ତି। ତେଣୁ ସେ ପିଲାଟି ଦିନରୁ କଇଁଚି ବ୍ୟବହାର କରି କେବେ ମଧ୍ୟ ନିଜ କେଶ କାଟିନାହାନ୍ତି। ଫଳରେ ତାଙ୍କ କେଶ ଏବେ ଝିଅଙ୍କ କେଶ ଅପେକ୍ଷା ଆହୁରି ଅଧିକ ମୋଟା ଏବଂ ଲମ୍ବା ହୋଇଯାଇଛି। ଜେମ୍‌ସଙ୍କର ସହପାଠୀମାନେ ତାଙ୍କର ଏହି ଲମ୍ବା କେଶକୁ ପସନ୍ଦ କରୁନାହାନ୍ତି। ସେମାନେ ଚାହାନ୍ତି ଜେମ୍‌ସ ନିଜ କେଶ ଠିକ୍ ଭାବେ କାଟି ସ୍କୁଲ୍ ଆସନ୍ତୁ। ଏତେମାତ୍ରାରେ କେଶ ରଖି ଶ୍ରେଣୀଗୃହରେ ଯୋଗଦେବା, ୟୁନିଫର୍ମକୁ ନେଇ ବିଦ୍ୟାଳୟର ରହିଥିବା ନିୟମର ବିରୁଦ୍ଧାଚରଣ ବୋଲି କେତେକ ଶିକ୍ଷକ ମତ ଦେଇଛନ୍ତି।

ଫାରୁକଙ୍କ ଅଭିଭାବକ ତାଙ୍କର ଏହି ଭୟକୁ ବୁଝିଥିବାବେଳେ ବିଦ୍ୟାଳୟ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନାହିଁ। ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ସନ୍ ପାଇବା ପରେ ମଧ୍ୟ ମେଡିକାଲ ଆଧାରରେ ଜେମ୍‌ସଙ୍କ ପାଇଁ ନିୟମ ଛାଡ କରିବାକୁ ତାଙ୍କ ଅଭିଭାବକଙ୍କ ନିବେଦନକୁ ବିଦ୍ୟାଳୟ ତରଫରୁ ପ୍ରତ୍ୟାଖ୍ୟାନ କରାଯାଇଛି।



## ସଂକ୍ଷେପରେ

### ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତା ମନୋନୀତ


ଜଗନ୍ନାଥ ସାମିଲ


ନିହାର ରଞ୍ଜନ କଣ୍ଠ

**ଯାଜପୁର ଟାଉନ,୨୨।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା ବିଜୁ ଯୁବ ଜନତା ଦଳର ସଭାପତି ପ୍ରତାପ କୁମାର ମହାନ୍ତିଙ୍କ ଅନୁମୋଦନକ୍ରମେ ୨ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଏଥିରେ ଜଗନ୍ନାଥ ସାମଲଙ୍କୁ ସାଧାରଣ ସମ୍ପାଦକ ଓ ନିହାର ରଞ୍ଜନ କଣ୍ଠଙ୍କୁ ଉପସଭାପତି କରାଯାଇଛି। ଏହି ଦୁଇ ଜଣଙ୍କ ମନୋନୟନକ୍ରମେ ଯାଜପୁର ଯୁବ ଜନତା ଦଳର ଶକ୍ତି ବୃଦ୍ଧି ଘଟିଛି। ଏହି ନିଯୁକ୍ତି ପରେ ଉଭୟେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଓ ଜିଲା ଯୁବ ଜନତା ଦଳର ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଘରେ ମତଦାନ ଶତ ପ୍ରତିଶତ ସଫଳ ପାଇଁ ଆହ୍ୱାନ

**ଯାଜପୁର ଟାଉନ,୨୨।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର (ସଂରକ୍ଷିତ) ଲୋକ ସଭା ଆସନ ଅନ୍ତର୍ଗତ ବିଞ୍ଝାରପୁର, ବରୀ, ବଡ଼ଚଣା ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା ବିଧାନସଭା ଆସନ ପାଇଁ ଜୁନ୍ ୧ରେ ମତଦାନ ଅନୁଷ୍ଠିତ ହେବ। ଏଥିରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଭିନ୍ନକ୍ଷମ ଏବଂ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ହୋଇ ଅନୁପସ୍ଥିତ ଥିବା ଭୋଟର ଘରେ ମତଦାନ (ହୋମ୍ ଭୋଟିଂ) କରିବେ। ୨୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ହୋମ୍ ଭୋଟିଂ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେମାନଙ୍କ ମତଦାନକୁ ଶତପ୍ରତିଶତ ସଫଳ କରିବା ନିମନ୍ତେ ବ୍ୟାପକ ଜନସଚେତନତା ଦିଗରେ ସହଯୋଗ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବୁଧବାର ନରସିଂହ ଚୌଧୁରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡାକି ଜିଲାପାଳ ଏ ଦିଗରେ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲାପାଳ କହିଛନ୍ତି, ପୋଲିଂ କର୍ମଚାରୀ, ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ପୋଲିସ କର୍ମଚାରୀ, ସେକ୍ଟର ଅଫିସର, ମାଇକ୍ରୋ ଅବଜରଭର, ଡ୍ରାଇଭର, ମେଡିକାଲ କର୍ମଚାରୀ ଓ ଷ୍ଟାଟିକ ସର୍ଭେଲାନ୍ସ ଟିମ୍‌କୁ ନେଇ ବିଞ୍ଝାରପୁର (ସଂରକ୍ଷିତ) ବିଧାନସଭା ଆସନ ପାଇଁ ୧୧୬୧ ଦରଖାସ୍ତ ମିଳିଛି। ସେହିପରି ବରୀ ପାଇଁ ୧୩୦୮, ବଡ଼ଚଣା ପାଇଁ ୧୧୨୨, ଧର୍ମଶାଳା ପାଇଁ ୧୨୨୬, ଯାଜପୁର ପାଇଁ ୧୭୪୬, କୋରେଇ ପାଇଁ ୧୪୫୧ ଏବଂ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ୧୧୫୧ ଦରଖାସ୍ତକୁ ନେଇ ମୋଟ୍ ୯,୪୬୫ ଦରଖାସ୍ତ ଆସିଛି।

ହୋମ୍ ଭୋଟିଂ ପାଇଁ ପୁଲିଂ ପାର୍ଟି ଜିଲା ୱେରହାଉସ୍‌ଠାରୁ ବାହାରି ଭୋଟ୍ ଗ୍ରହଣ ପାଇଁ ଯିବେ। ଶେଷରେ ଆସି ଯାଜପୁର ଜିଲା ଟ୍ରେଜେରି ପାଖରେ ରହିବେ। ପୋଷ୍ଟାଲ ବାଲାଟ ଭୋଟିଂ ପୋଲିଂ ପର୍ସୋନେଲମାନଙ୍କ ପାଇଁ ସେମାନଙ୍କ ଶେଷ ପର୍ଯ୍ୟାୟ ଟ୍ରେନିଂ ସମୟରେ ଆସନ୍ତା ୨୪ରୁ ୨୭ ପର୍ଯ୍ୟନ୍ତ ଏନ୍‌ସି କଲେଜରେ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପୃଥକ ଭାବେ ଅନୁଷ୍ଠିତ ହେବ। ହୋମ୍ ଭୋଟିଂ ପାଇଁ ମାଇକ୍ରୋ ଅବଜରଭର, ସେକ୍ଟର ଅଫିସର ଓ ବିଡିଓମାନଙ୍କୁ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଯାୟୀ ରୁଟ୍ ଚାର୍ଟ ପ୍ରଦାନ କରାଯାଇଛି। ମେ’୩୧ରେ ପୋଲିଂ ପାର୍ଟିକୁ ସେମାନଙ୍କର ବୁଥ୍ ଗନ୍ତବ୍ୟସ୍ଥଳକୁ ଏନ୍‌ସି କଲେଜରୁ ପ୍ରେରଣ କରାଯିବ। ପୋଲିଂ ପାର୍ଟି ଗନ୍ତବ୍ୟସ୍ଥଳକୁ ଯିବା ଯାନଗୁଡ଼ିକୁ କୁସୁମା ପଡିଆରେ ରଖାଯିବ। ପୋଲିଂ ପାର୍ଟି ପ୍ରସ୍ତୁତ ହୋଇସାରିବାପରେ କୁସୁମା ପଡିଆରୁ ନିୟୋଜିତ ଯାନ ଏନ୍‌ସି କଲେଜରୁ ପୋଲିଂ ପାର୍ଟିକୁ ନେଇ ବୁଥ୍‌କୁ ଯିବ। ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚିଲା ପରେ ଜିଲା ପ୍ରଶାସନ ଓ ସମ୍ପୃକ୍ତ ରିଟର୍ନିଂ ଅଫିସରକୁ ଜଣାଇବେ। ଜିଲାରେ ପିଙ୍କ ବୁଥ୍ ପରିବର୍ତ୍ତେ ୨୮୬ ସଖୀ ବୁଥ୍ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ମତଦାନ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସରମାନଙ୍କ ଭୂମିକା, ମକ୍‌ପୋଲ ଓ ଆଦର୍ଶ ଆଚରଣ ବିଧି ପାଳନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ ଓ ଶାଶ୍ୱତୀ ସାଡୁଆଲ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ।

# ସ୍କୁଲ୍ ପାଇଖାନା ଟାଙ୍କିରେ ପଡ଼ି ଷଣ୍ଢ ଗୁରୁତର

**କାଳିଆପାଣି,୨୨।୫ (ଅସିତ ମହାନ୍ତ):**



ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ କଲରଙ୍ଗି ସ୍କୁଲ୍ ପାଇଖାନା ଟାଙ୍କିରେ ପଡ଼ି ଏକ ଷଣ୍ଢ ଗୁରୁତର ହୋଇଛି। ଗ୍ରାମବାସୀ ଦମକଳ ବାହିନୀ ସାହାଯ୍ୟରେ ତାକୁ ଉଦ୍ଧାର କରିଛନ୍ତି। ସ୍କୁଲ୍‌ର ବାଳିକା ଛାତ୍ରାବାସ ପାଇଖାନା ଟାଙ୍କିର ଘୋଡ଼ଣି କିଛି ଦିନ ହେବ ଭାଙ୍ଗିଯାଇଛି। ଫଳରେ ଏହା ଖୋଲା ରହିଛି। ମଙ୍ଗଳବାର ରାତିରେ ଏକ ଷଣ୍ଢ ଭଙ୍ଗା ପାଚେରି ଦେଇ ଭିତରକୁ ଆସିଥିଲା। ସେଠାରେ ବୁଲୁବୁଲୁ ଟାଙ୍କିରେ ପଡ଼ି ଯାଇଥିଲା। ରାତି ତମାମ ଟାଙ୍କି ଭିତରେ ରହିଥିବାବେଳେ ବୁଧବାର ସକାଳେ ସ୍କୁଲ କର୍ମଚାରୀ ଦେଖି ଗ୍ରାମବାସୀ ଓ ସୁକିନ୍ଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଷଣ୍ଢକୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ସ୍କୁଲର ଉନ୍ନତୀକରଣ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହେବା ସହ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ହେଲେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରା ନ ଯିବାରୁ ଏପରି ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୨ ବଖରା ଜଳିଗଲା



**ଯାଜପୁର ସଦର,୨୨।୫ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ଅନ୍ତର୍ଗତ ଶାମଦାସପୁର ପଞ୍ଚାୟତର କୁଖାଲା ଗ୍ରାମରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଗୁଣନିଧି ମିଶ୍ରଙ୍କ ଦୁଇ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଏଥିସହିତ ତାଙ୍କ ଘରେ ଥିବା ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀର ମୁଖ୍ୟ ଆଗ୍ନିକ ପବିତ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆଗ୍ନିକ ତୋଫାନ ପଟ୍ଟନାୟକ, ଅନନ୍ତ କୁମାର ବେହେରା, ଗୋପାଳ ଚନ୍ଦ୍ର ସାହୁ ଓ ମନୋରଞ୍ଜନ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ କରୁଣାକର ବିଶ୍ୱାଳ ପହଞ୍ଚି ବିପନ୍ନ ପରିବାରକୁ ଭେଟି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟୁତ୍ ସର୍ଟ ଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି।

### ଡାଲିରେ ଅପମିଶ୍ରଣ, ଦୋକାନୀ ଗିରଫ

**ବେତନଟୀ,୨୨।୫ (ଧରଣୀଧର ମହାନ୍ତି):**

ମଶୁର ଡାଲିରେ ଅପମିଶ୍ରଣ କରିଥିବା ଅଭିଯୋଗରେ ବେତନଟୀ ଥାନା ପୋଲିସ ଜଣେ ତେଜରାତି ଦୋକାନୀଙ୍କୁ ଗିରଫ କରିଛି। ସେ ହେଲେ ବାରମାଇଲର ଚିତ୍ତରଞ୍ଜନ ପାତ୍ର। କୋର୍ଟ ୱାରେଣ୍ଟ ବଳରେ ବୁଧବାର ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ଏକ ତେଜରାତି ଦୋକାନ କରିଥିଲେ। ତାଙ୍କ ଦୋକାନରେ ମଶୁର ଡାଲିରେ ଅପମିଶ୍ରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଫୁଡ ଇନିସ୍ପେକ୍ଟର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ତାଙ୍କ ନାମରେ ୨୦୦୦ ମସିହାରେ ଅଭିଯୋଗ ଦାଖଲ କରିଥିଲେ। କୋର୍ଟରେ ଏହି କେସ ଚାଲୁ ରହିଥିଲା। ତେବେ ଚିତ୍ତରଞ୍ଜନ କୋର୍ଟ କାର୍ଯ୍ୟରେ ସହଯୋଗ କରୁ ନ ଥିଲେ। ଫଳରେ କୋର୍ଟ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିବାରୁ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

# ଅନ୍ଧାରିରେ ବିଜେଡିର କର୍ମୀ ସମାବେଶ


ଅନ୍ଧାରି ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରଗଡ଼ି,୨୨।୫ (ଯତୀଶ କୁମାର ମଲ୍ଲିକ):**

କୋରେଇ ବ୍ଲକ୍ ଅଧୀନ ଅନ୍ଧାରି ପଞ୍ଚାୟତର ଅନ୍ଧାରି ଖେଳ ପଡ଼ିଆଠାରେ ବୁଧବାର ଅପରାହ୍ନରେ ବିଜେଡିର ଏକ କର୍ମୀ ସମାବେଶ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରେଇ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କର୍ମୀ ସମାବେଶ ହୋଇଥିଲା। ଏଥିରେ ସନ୍ଧ୍ୟାରାଣୀ ଯୋଗଦେଇ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ପ୍ରଚାର କମିଟି ଅଧ୍ୟକ୍ଷ ଭିକାରୀ ବରାଳ, ବରିଷ୍ଠ ନେତା ସୁରେନ୍ଦ୍ର କୁମାର ମିଶ୍ର, ଅଭୟ କୁମାର ମହାନ୍ତି, ସରପଞ୍ଚ ସାରଙ୍ଗ ଧର ପ୍ରଧାନ ଓ ଆଲେକଜାଣ୍ଡର ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, କୋରେଇ ନିର୍ବାଚନମଣ୍ଡଳୀ ବିଜେଡି ଯୁବ ସଭାପତି ସୁଧାଂଶୁ ଶେଖର ବରାଳ, ସମିତିସଭ୍ୟା ରଶ୍ମିତା କର, ରମେଶ ଚନ୍ଦ୍ର ସାହୁ, ପଞ୍ଚାୟତ ବିଜେଡି ସଭାପତି ଗଣେଶ ଦାସ ଓ ବସନ୍ତ କୁମାର ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଧୁସ୍ମିତା ବାରିକ, ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ସମିତି ସଭ୍ୟା ପ୍ରିୟଙ୍କା ବରାଳ ଓ କଳ୍ପନା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### କରଦାରେ ବିଜେଡିର କର୍ମୀ ସମ୍ମିଳନୀ

**ପାଣିକୋଇଲି,୨୨।୫ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ବିଜେଡିର ଏକ କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା କରଦା ଦଧିବାମନଜୀଉ ହାଟ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଗଣେଶ ସାହୁଙ୍କ ସଞ୍ଚାଳନା ଓ କରଦା ବିଜେଡି ପର୍ଯ୍ୟବେକ୍ଷକ ନିମାଇଁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ବିଜେଡିର କୋରେଇ ବିଧାନସଭା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପଙ୍କଜିନୀ ସାହୁ, ସରପଞ୍ଚ ଅନିମା ମଲିକଙ୍କ ଦ୍ୱାରା ପ୍ରାର୍ଥିନୀ ସନ୍ଧ୍ୟାରାଣୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ବରାଳ, ଯୁବ ନେତା ଇଂ. ଆଲେକଜାଣ୍ଡାର ଦାସ, ଶିକ୍ଷାବିତ ଚିନ୍ତାମଣି ବେହେରା, କୃଷକ ନେତା ବଳରାମ ସାହୁ, ରଂଗାଧର ସାହୁ, ଯୁବନେତା ଶୁଶୀଲ ବେହେରା, ପ୍ରଶନ୍ନ ବେହେରା, ଦେବୀ ପ୍ରଶନ୍ନ ସାହୁ ଓ ମଣ୍ଟୁ ମଲିକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ଜଳଛତ୍ର

**ରସୁଲପୁର,୨୨।୫ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାରଠାରେ ଅଶୋକ ଦାସ ଫାଉଣ୍ଡେଶନ ତରଫରୁ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଂଗଠକ ଅଲେଖ ସ୍ୱାଇଁ ଯୋଗଦେଇଥିଲେ। ଫାଉଣ୍ଡେଶନ ତରଫରୁ ଅରୁଣ ଦାଶ, ସୁଧାକର ପଲେଇ, ବିଜୟ ଦାଶ, ଜିତେନ୍ଦ୍ର ଦାଶ, ପ୍ରକାଶ ପଲେଇ, ସୁବ୍ରତ ପଲେଇ, ଜଗନ୍ନାଥ ବାରିକ, ଅଞ୍ଜନ ଦାଶ, ବୁଲୁ ପଲେଇ, ପ୍ରୀତି ବିଶ୍ୱାଳ, ମନୋଜ ସ୍ୱାଇଁ, ମନଜିତ୍ ମହାନ୍ତି, ଆଶୁତୋଷ ପଲେଇ, କୈଳାସ ନାୟକ ଓ ଅମିୟ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଠାରେ ପ୍ରତ୍ୟେକ ଦିନ ବଜାର ଦେଇ ଯାତାୟାତ କରୁଥିବା ପଥିକ ଓ ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ ଜଳ, ଦହି ସର୍ବତ ଆଦି ବିତରଣ କରାଯିବ। ବଜାରରେ ସର୍ବସାଧାରଣଙ୍କ ନିମନ୍ତେ ପାନୀୟ ଜଳର ସୁବିଧା ନ ଥିବାରୁ ଫାଉଣ୍ଡେଶନ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର ଲୋକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ବୋଲି ଆଶା କରାଯାଉଛି।


ଅତିଥି ଜଳଛତ୍ରକୁ ଉଦ୍‌ଘାଟନ କରୁଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ପାଣିକୋଇଲି,୨୨।୫ (ବିକାଶ ମଲ୍ଲିକ):**

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ବିବେକାନନ୍ଦ ସାହୁ (୨୯)। ଏନେଇ ଥାନାରେ ଏକ ମାମଲା ନଂ.୨୬୯।୨୪ ରୁଜୁ ହୋଇଛି।

### ୨ ମୃତବ୍ୟକ୍ତିଙ୍କ ସ୍କେଚ୍ ଜାରି

**ଯାଜପୁର ଟାଉନ,୨୨।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ୨ ମୃତବ୍ୟକ୍ତିଙ୍କ ସ୍କେଚ୍ ଜାରି କରିଛନ୍ତି। ସେମାନଙ୍କ ମଧ୍ୟରୁ ଗତ ୧୮ତାରିଖରେ ଟାଉନ୍ ଥାନା ଅନ୍ତର୍ଗତ ବୈତରଣୀ ନଦୀର ଦାଣ୍ଡସୁନ୍ଦରପୁରଠାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ତାଙ୍କର ଆନୁମାନିକ ବୟସ ୩୫ ବର୍ଷ ହେବ। ବ୍ୟକ୍ତିଜଣକ ଭଦ୍ରକ କିମ୍ବା ଯାଜପୁରର ଆଖପାଖ ଉପକୂଳ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ସେହିପରି ଅନ୍ୟ ଜଣଙ୍କ ଆନୁମାନିକ ବୟସ ୬୦ବର୍ଷ ହେବ। ଗତ ୨୦ତାରିଖରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସି ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ମୃତଦେହକୁ କୌଣସି ସମ୍ପର୍କୀୟ ଆସି ନ ନେବାରୁ ତାହାକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଉକ୍ତ ବ୍ୟକ୍ତିଜଣକ ଭଦ୍ରକ, କେନ୍ଦୁଝର, ଯାଜପୁରର ଆଖପାଖ ଉପକୂଳ ଅଞ୍ଚଳର ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। କେହି ଉଭୟଙ୍କ ସମ୍ପର୍କରେ ଜାଣିଥିଲେ ଥାନା ଅଧିକାରୀଙ୍କୁ ଜଣାଇବାକୁ ସେ ଅନୁରୋଧ କରିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ଷ୍ଟ୍ରିଟ୍‌ଲାଇଟ୍ ବିଦ୍ୟୁତ୍ ତାର


ଷ୍ଟ୍ରିଟ୍ ଲାଇଟ୍‌କୁ ସଂଯୋଗ କରାଯାଇଥିବା ବିଦ୍ୟୁତ୍ ତାର ବାହାରେ ପଡ଼ିଛି।

**ପାଣିକୋଇଲି,୨୨।୫ (ବିକାଶ ମଲ୍ଲିକ):**

ପାଣିକୋଇଲି ୨୦ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ଜଳୁଛି। ଫଳରେ ଏହା ପାଣିକୋଇଲିର ଶୋଭା ବର୍ଦ୍ଧନ କରିବା ସହ ଲୋକଙ୍କ ରାତ୍ରିକାଳୀନ ଯାତାୟାତରେ ସହାୟକ ହେଉଛି। ରାଜ୍ୟ ବାହାରୁ ବା ବିଭିନ୍ନ ଜିଲାରୁ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପାଇଁ ଏହା ମଧ୍ୟ ଏକପ୍ରକାର ସୁରକ୍ଷା କବଚ ପାଲଟିଛି। ଆଲୋକୀକରଣ ଦ୍ୱାରା ବଜାର ବ୍ୟବସାୟୀ ମଧ୍ୟ ଉପକୃତ ହେଉଛନ୍ତି। ମାତ୍ର ଏହି ଆଲୋକୀକରଣ କରାଯିବାବେଳେ ପ୍ରତିଖୁଣ୍ଟ ନିକଟକୁ ଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକ ଓଭରବ୍ରିଜ କଡରେ ପଡିରହିଛି। ଏହା ବିପଦସଙ୍କୁଳଭାବେ ପଡ଼ିଥିବାରୁ ଓଟିନ୍ଦା ରୋଡ୍ ନିକଟରେ ବହୁ ସମୟରେ ସ୍ପାର୍କିଂ ହୋଇ ନିଆଁ ବାହାରୁଛି। ଫଳରେ ଯାତାୟାତ ସମୟରେ ଯାତ୍ରୀମାନେ ନିଜକୁ ସୁରକ୍ଷା ମଣୁନାହାନ୍ତି। ଅନେକ ସମୟରେ ବିଭାଗକୁ ଖବର ଦେବା ପରେ ବିଦ୍ୟୁତ୍ ସଂଯୋଗ କଟାଯାଉଛି। କିନ୍ତୁ ଏହାର ସ୍ଥାୟୀ ବ୍ୟବସ୍ଥା କରାଯାଉନାହିଁ। ତେଣୁ ଯାତ୍ରୀ ଓ ବ୍ୟବସାୟୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ବିଦ୍ୟୁତ୍ ତାରକୁ ସ୍ଥାୟୀଭାବେ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

# ରାସ୍ତା କାମର ୨ ଦିନ ପରେ ଉଠିଗଲା ପିଚୁ

**ପାଣିକୋଇଲି,୨୨।୫ (ବିକାଶ ମଲ୍ଲିକ):**

ଜାତୀୟ ରାଜପଥ ୧୬୦ାରୁ ହାଟସାହି ଭାୟା ସୋତି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହାର ଅବଧି ଶେଷ ହୋଇ ସାରିଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା ମଧ୍ୟରେ ଦୁଇ ଦିନ ତଳେ ରାସ୍ତାରେ ପକାଯାଇଥିବା ପିଚୁ ଉଠିଯାଉଛି। ଫଳରେ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ନେଇ ଗ୍ରାମବାସୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏହି ରାସ୍ତା ଜାତୀୟ ରାଜପଥ ୧୬୦ାରୁ ବାହାରି ଅଳତିରି, ଚାନ୍ଦପୁର, ଦାମୋଦରପୁର, ବାଟୁଳ, ସୋତି ମଧ୍ୟ ଦେଇ ହାଟସାହି ନିକଟରେ ଟିକର-ଶଙ୍ଖଚିଲା ରାସ୍ତା ସହିତ ମିଶିଛି। ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନାନୁସାରେ ଉକ୍ତ ରାସ୍ତାର ଦୈର୍ଘ୍ୟ ୬ କିମି ୨୭୦ ମିଟର ହୋଇଥିବାବେଳେ ୧୯ ଘୋଷରା ପୋଲ କରାଯିବାର ବ୍ୟବସ୍ଥା ରହିଛି।


ରାସ୍ତାରେ ପଡ଼ିଥିବା ପିଚୁ ଉଠିଯାଉଛି।

ଏଥିପାଇଁ ବ୍ୟୟ ଅଟକଳ ୪ କୋଟି ୭୦ ଲକ୍ଷ ୭୭ହଜାର ଟଙ୍କା ରହିଛି ଓ ରକ୍ଷଣାବେକ୍ଷଣ ଲାଗି ୪୦ ଲକ୍ଷ ୬୮ ହଜାର ଟଙ୍କା ରହିଛି। ଉକ୍ତ ରାସ୍ତା କାର୍ଯ୍ୟ ୨୦୨୨ସେପ୍ଟେମ୍ବର ୧୨ରୁ ଆରମ୍ଭ ହୋଇ -୨୦୨୩ ଜୁନ ୧୧ରେ ସାରିବା ଲାଗି ବିଭାଗ ତରଫରୁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସଂପୃକ୍ତ ଠିକା ସଂସ୍ଥା ଅବଧି ଶେଷ ହୋଯାଇଥିଲେ କାମ ସାରି ପାରିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ତରଫରୁ ଅସନ୍ତୋଷ ଜାହିର କରାଯାଇଛି। ରାସ୍ତାଟିର ନିର୍ମାଣ କାର୍ଯ୍ୟ ସୋତି ପର୍ଯ୍ୟନ୍ତ ଶେଷ ହୋଇଛି। ଦୁଇ ଦିନ ତଳେ ସୋତିରୁ ହାଟସାହି ମଧ୍ୟରେ ନୂତନ ଭାବେ ପିଚୁ ପଡ଼ିଥିଲା। ମାତ୍ର ପିଚୁର ଅବସ୍ଥା ଦେଖି ଗ୍ରାମବାସୀଙ୍କ ସନ୍ଦେହହେବାରୁ ସେମାନେ ହାତରେ ଖୋଳି ଦେବାରୁ ପିଚୁ ଗୁଡ଼ିକ ଆପେଆପେ ବାହାରି ଯାଇଥିଲା। ଯେପରିକି ସେଗୁଡ଼ିକ ରାସ୍ତା ଉପରେ ଥୁଆ ହୋଇଛି।

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଗ୍ରାମବାସୀ ଉକ୍ତ କାର୍ଯ୍ୟକୁ ବନ୍ଦ କରି ସଂପୃକ୍ତ ଠିକାଦାରଙ୍କୁ ଯୋଗଯୋଗ କରିଥିଲେ। ମାତ୍ର ଠିକାଦାର ସେମାନଙ୍କୁ ଧମକାଇଥିଲେ। ଫଳରେ ସୋତି ଗ୍ରାମର ନାରାୟଣ କରଣ, ପ୍ରଫୁଲ୍ଲ କୁମାର ନାୟକ, ବିଷ୍ଣୁଚରଣ ବାରିକ, କୁଳମଣି ସାହୁ, ଅନାମ ମହାପାତ୍ର, ପ୍ରଦୀପ ଖଣ୍ଡାଇ, କୀର୍ତ୍ତନ ମହାପାତ୍ର, ରବୀନ୍ଦ୍ର ସେଠୀ, ଅନନ୍ତ କୁମାର ମହାପାତ୍ର, ସନ୍ତୋଷ ବାରିକ, ପ୍ରଫୁଲ୍ଲ ମାଝି, ସୁଶାନ୍ତ ସେନାପତି, ସତ୍ୟବ୍ରତ ମହାପାତ୍ର, ଶିବ ପ୍ରସାଦ ବାରିକ, ଅଖିଳ ସ୍ୱାଇଁ, ଚକ୍ରଧର ସ୍ୱାଇଁ ଓ ଅଭୟ କୁମାର ସ୍ୱାଇଁ ପ୍ରମୁଖ ଉତ୍ତ୍ୟକ୍ତ ହୋଇ ରାସ୍ତା କାର୍ଯ୍ୟ ବନ୍ଦ ରଖିବା ସହିତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି।

# ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ

- ରାଜ୍ୟ ଶିଳ୍ପ ବିଭାଗ ପ୍ରକୋଷ୍ଠରେ ଅଭିଯୋଗ
- ଦିପାର ୩ ଜଣିଆ ଟିମ୍ ଜମି ନିରୀକ୍ଷଣ କଲେ

**ପଟ୍ଟାମୁଣ୍ଡାଇ,୨୨।୫(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବା ପାଇଁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ମନ ବଳାଉଥିଲେ ମଧ ସବୁ କ୍ଷେତ୍ରରେ ସହାୟତା ମିଳିପାରୁ ନ ଥିବାରୁ କର୍ମସଂସ୍ଥା ପାଇଁ ସେମାନେ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗତ ଏପ୍ରିଲ ୨୫ରେ ପଟ୍ଟାମୁଣ୍ଡାଇର ଉତ୍କଳମଣି ଯୁବକ ସଂଘ ପକ୍ଷରୁ ରାଜ୍ୟ ଶିଳ୍ପ ବିଭାଗ ପ୍ରକୋଷ୍ଠରେ ଏକ ଇ-ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ପରେ ଇଡ୍କୋର ନିର୍ଦ୍ଦେଶରେ ମଙ୍ଗଳବାର ଜିଲା ଇନଭେଷ୍ଟମେଣ୍ଟ ପ୍ରମୋଶନ ଏଜେନ୍ସି(ଦିପା)ରୁ ଏକ ୩ ଜଣିଆ ଟିମ୍ ବଡମହନପୁର ପଞ୍ଚାୟତ ଦେଉଳି ଗ୍ରାମରେ ଥିବା ଜାଗା ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଛନ୍ତି। ଯାହା ରିର୍ପୋଟ ହୋଇଛି ତାହା ଭୁବନେଶ୍ୱର ଇଡ୍କୋରେ ଦାଖଲ କରିବୁ ବୋଲି ଦିପା ଅଧିକାରୀ ସୌମ୍ୟଦର୍ଶନ ମହାନ୍ତି କହିଛନ୍ତି।

ଉତ୍କଳମଣୀ ଯୁବକ ସଂଘ ସଭାପତି ଗୌତମ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ବେକାରୀ ସମସ୍ୟା ସହ ଲୋକଙ୍କ ଜୀବନ ଧାରଣରେ ପରିବର୍ତ୍ତନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗର ବିକାଶ ନିମନ୍ତେ ଏମ୍ଏସ୍ଏମ୍ଇ ବିଭାଗ ଏବଂ କେଭିଆଇସି, କେଭିଆଇବି ଓ ଡିଆଇସି ପରି ବିଭାଗ କାର୍ଯ୍ୟ କରୁଛି। ଅବସ୍ଥାପିତ ଉଦ୍ୟୋଗ ଓ ନୂତନ ଭାବେ ଗଢି ଉଠୁଥିବା ଉଦ୍ୟୋଗର ଅଭିବୃଦ୍ଧି ନିମନ୍ତେ ଉଦ୍ୟୋଗ ସ୍ଥାପନକାରୀ ଇଡ୍କୋ, ଦିପା ଆଦି ବିଭାଗ କାର୍ଯ୍ୟ କରୁଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନା ଶିଳ୍ପାଞ୍ଚଳ ଅଛି ନା ଶିଳ୍ପର ବିକାଶ ହୋଇ ପାରୁଛି। ଖାଲି ଜିଲା ଶିଳ୍ପକେନ୍ଦ୍ର ଟାର୍ଗେଟ ପୂରଣ କରି ପ୍ରହସନ ଦେଖାଉଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପର ବିକାଶରେ ଗରିବ ଲୋକ ରୋଜଗାର ପାଇବା ଲକ୍ଷ୍ୟରେ ଜିଲା ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ହୋଇଛି। ବର୍ଷକୁ ୨ଶହ ଉପରେ ଅଣୁ ଶିଳ୍ପ ହେଉଛି ବୋଲି ଡିଆଇସି ପକ୍ଷରୁ ସୂଚନା ଦିଆଯାଉଛି। କିନ୍ତୁ ଏଠାରେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଯେଉଁ ଶିଳ୍ପ ଅଛି ତାହା ଶିଳ୍ପାଞ୍ଚଳ ନ ଥିବାରୁ ଜଣା ପଡୁନାହିଁ। ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଅଣୁ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇ ପଡ଼ିଛି। ସେହିପରି ଇଡ୍କୋ ସ୍ୱଳ୍ପ ମୂଲ୍ୟରେ ଶିଳ୍ପ ସଂସ୍ଥା ପାଇଁ ଜାଗା ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତାହା ପରିଲକ୍ଷିତ ହେଉନାହିଁ। ଯଦି ଇଡ୍କୋ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଉଳି ଗାଁରେ ଥିବା ଖେଳ ପଡ଼ିଆ, ଶ୍ମଶାନ ଜମି ନେଇ ନୂଆ ଶିଳ୍ପସଂସ୍ଥା କରି ନୂଆ ଟେକ୍ସଟାଇଲ, ଅଟୋପାର୍ଟ, ଫାର୍ମାସ୍ୟୁଟିକାଲ ଶିଳ୍ପ ସହିତ ସରକାରୀ ବେସରକାରୀ ଶିଳ୍ପ କରିବା ପାଇଁ ପ୍ରୋତ୍ସାହନ ଯୋଗାଇବା ସହିତ ଅଚଳ ହୋଇ ପଡ଼ିଥିବା ଶିଳ୍ପକୁ ସେଠାରେ ସ୍ଥାପନ କରି ବେକାରୀ ଯୁବତୀଯୁବକ କର୍ମସଂସ୍ଥାନ ପାଇପାରନ୍ତେ ବୋଲି ଦର୍ଶାଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ସଚିବ ବିଦେଶ ବୁଲି ଶିଳ୍ପପତିମାନଙ୍କୁ ଓଡ଼ିଶାରେ ଅର୍ଥ ବିନିଯୋଗ ପାଇଁ ନିମନ୍ତ୍ରଣ କରୁଛନ୍ତି। କିନ୍ତୁ ଓଡ଼ିଶାର ପୁରାତନ ଶିଳ୍ପାଞ୍ଚଳ ଅଚଳ ହୋଇ ପଡ଼ିଛି। ଶିଳ୍ପ ସଂସ୍ଥାକୁ ସଚଳ କରିବା ପାଇଁ କାହିଁକି ସରକାର କିମ୍ବା ଇଡ୍କୋ କୌଣସି ପଦକ୍ଷେପ ନେଉନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଭିଯୋଗ ସମ୍ପର୍କରେ କେନ୍ଦ୍ରାପଡ଼ା ଶିଳ୍ପାକେନ୍ଦ୍ରରେ କାର୍ଯ୍ୟରତ କୌଣସି ଅଧିକାରୀ ଏ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।



ଜମିର ସ୍ଥିତି ଦେଖିବାକୁ ଆସିଥିବା ଦିପାର ୩ଜଣିଆ ଟିମ୍।

# ନବୋଦୟ ଜିଲା ଟପ୍ପର ଓମ୍ ବେହେରା ସମ୍ବର୍ଦ୍ଧିତ



ଓମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା,୨୨।୫ (ରବୀନ୍ଦ୍ର କୁମାର ଦାସ)**

ଚଳିତ ବର୍ଷ ସିବିଏସ୍‌ସି ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରାପଡ଼ା ନବୋଦୟ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ରାଜକନିକା ବ୍ଲକ କାଟଣା ଗାଁର ମନୋରଞ୍ଜନ ବେହେରା ଓ ବିଳାସିନୀ ବେହେରାଙ୍କ ବଡ ପୁଅ ଓମ୍ ବେହେରା ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୯୬.୬ ପ୍ରତିଶତ ନମ୍ବର ରଖି ରାଜକନିକା ବ୍ଲକ ସମେତ କାଟଣା ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ 'ସୁଧା' ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ, କପିଳେଶ୍ୱର ମୈତ୍ରୀ ସମିତି କାଟଣାର ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରତାପ ଚନ୍ଦ୍ର ମିଶ୍ର, ଗଦାଧର ବିଶ୍ୱାଳ ଓ ନୃସିଂହ ବେହେରା ପ୍ରମୁଖ ଓମ୍‌କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉନ୍ନତି କାମନା କରିଛନ୍ତି। କାଟଣା ଉପଯୋଜନା କେନ୍ଦ୍ରର ସତ୍‌ସଙ୍ଗ ପରିବାର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମଧ ଓମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିଲାର ସ୍ୱାଭିମାନ ରକ୍ଷା କରିବାକୁ ଆହ୍ୱାନ

**ଡେରାବିଶ,୨୨।୫(ବେବର୍ତ୍ତା ଅଜୟ ଦାସ)**

ପ୍ରତିନିର୍ବାଚନରେ ପ୍ରବୀଣ ରାଜନେତାମାନଙ୍କୁ ନିର୍ବାଚିତ କରି କେନ୍ଦ୍ରାପଡ଼ା ମାଟି ଗୌରବାନ୍ୱିତ ହୋଇଛି। ଏଥର ବି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ଜିଲାର ପ୍ରତି ଭୋଟର ଲୋକସଭା ଓ ବିଧାନସଭା କ୍ଷେତ୍ର ପାଇଁ ନିଜର ମନପସନ୍ଦର ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କେନ୍ଦ୍ରାପଡ଼ା ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

ବୁଧବାର ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ କିରଣକୁଞ୍ଜସ୍ଥିତ ଡେରାବିଶ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ସାଧାରଣ ସମ୍ପାଦକ ଇଂ.ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, ନିଜ ଅଞ୍ଚଳର ସଂସ୍କୃତି ଓ ସାମାଜିକ ବ୍ୟବସ୍ଥା, ଭାଇଚାରାର ସୁଦୃଢ଼ୀକରଣ ପାଇଁ ହିଂସାଠାରୁ ଦୂରେଇ ରହିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ମଞ୍ଚର ସଭାପତି ତଥା ବରିଷ୍ଠ ଆଇନଜିବୀ ପ୍ରତାପ ମହାପାତ୍ର କହିଲେ, ଜିଲାର ପ୍ରତ୍ୟେକ ବିଧାନସଭା ନିର୍ବାଚନୀମଣ୍ଡଳୀର ପ୍ରତି ନାଗରିକ ସେମାନଙ୍କ ଭୋଟ ଯୋଗ୍ୟପ୍ରାର୍ଥୀଙ୍କୁ ଦେବା ଉଚିତ୍। ଏକ ଅବାଧ, ନିରପେକ୍ଷ ଓ ଭୟ ମୁକ୍ତ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ କମିଶନର ପକ୍ଷରୁ କରାଯାଇଥିବା ଆହ୍ୱାନ ପ୍ରତି ପ୍ରତ୍ୟେକ ଭୋଟର ସଚେତନ ହେବା ଦରକାର। ନିଜ ଜିଲାର ସ୍ୱାଭିମାନ ରକ୍ଷା ପାଇଁ ଅର୍ଥ ପ୍ରଲୋଭନ ଓ ରାଜନୈତିକ ଚାପଠାରୁ ଭୋଟରମାନେ ଦୂରେଇ ରହିବା ଉଚିତ୍। ମଞ୍ଚର କର୍ମକର୍ତ୍ତା ଅଧ୍ୟାପକ ପ୍ରଭାକର ସାମଲ ଓ ପରେଶ ଚନ୍ଦ୍ର ଦାସ ବି ଯୋଗ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ଖୁଣ୍ଟିଆ, ଆଇନଜିବୀ ପ୍ରଫୁଲ୍ଲ କୁମାର ଦାଶ ଓ ସାବିର ଖାଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




ଖବରଦାତା ସମ୍ମିଳନୀରେ ନାଗରିକ ମଞ୍ଚର କର୍ମକର୍ତ୍ତା।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ,୨୨।୫(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବୁଧବାର ପ୍ରକଳ୍ପ ୟୁ.ପି.ବିଦ୍ୟାଳୟ ବେଲତଳଠାରେ ଲୋକଙ୍କ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦର ସମାଧାନ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ସିନିୟର ସିଭିଲ ଜଜ ସୁଶ୍ରୀ ସଂଗୀତା ମଲିକଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ଉପସଭାପତି ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନୀଜୀବୀ ଭବାନୀ ଶଙ୍କର ପଣ୍ଡା ଅଧ୍ୟକ୍ଷତା କରି କହିଲେ, ଦେଶ ବିକାଶରେ ଆଇନ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ। ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇପାରିଲେ ହିଁ ଜନସାଧାରଣ ଆବଶ୍ୟକ ଆଇନଗତ ସହାୟତା ସହଜରେ ପାଇପାରିବେ। ଏହାଦ୍ୱାରା ବିଚାର କାର୍ଯ୍ୟ ଶୀଘ୍ର ହେବା ଦ୍ୱାରା ବହୁ ଅର୍ଥ ଅପଚୟ ରୋକି ହେବ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ସାହୁ, ଆଇନଜୀବୀ ଜିତେନ୍ଦ୍ର କୁମାର ନନ୍ଦୀ, ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ଓ ବେଲତଳ ଗାଁର ମହିଳା, ବିଦ୍ୟାଳୟ କମିଟିର ସଭାପତି ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଆରତୀ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜକନିକାରେ ଭାଜପାର ମହିଳା ସମାବେଶ



ଭାଜପା ମହିଳା ସମାବେଶରେ ଯୋଗଦେଇଥିବା ଅତିଥି।

**ରାଜକନିକା,୨୨।୫ (ରବୀନ୍ଦ୍ର କୁମାର ଦାସ)**

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରାଜକନିକାର ରାଜବାଟୀ ମେଲଣ ପଡ଼ିଆରେ ଏକ ମହିଳା ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଲକ୍ଷ୍ମିପ୍ରିୟା ଜେନାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ସ୍ୱାତୀ ସିଂ, କେନ୍ଦ୍ରମନ୍ତ୍ରୀ ଦେବୁ ସିଂ ଚୌହାନ, ଗୁଜରାଟର ଶିକ୍ଷାମନ୍ତ୍ରୀ କୁବେର ଭାଇ ଦିନ୍ଦୋର, ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ନିର୍ବାଚନମଣ୍ଡଳୀ ପ୍ରଭାରୀ ମହିରୀ ସାମଲ ପ୍ରମୁଖ ଯୋଗ ଦେଇ ଭାଜପା ପ୍ରାର୍ଥୀମାନଙ୍କୁ ବିଜୟ କରିବାକୁ ଅନୁରୋଧ କରିଥିଲେ।

ବକ୍ତାମାନେ କହିଥିଲେ, ୨୪ ବର୍ଷର ବିଜେଡି ସରକାରକୁ ହଟାଇବାକୁ ସମୟ ଆସିଛି। ସେମାନଙ୍କ ଆଉ ଚାଲାକି ଚଳିବ ନାହିଁ। ସେମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାମରେ ପ୍ରଚାର କରି ଦଳୀୟ ଭିତ୍ତିରେ ବଣ୍ଟନ କରିବା ଏବଂ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବିକୁ ଲୁଚାଇ ରଖିଥିବା ଦଳୀୟ ନେତାମାନେ କହିଥିଲେ। ଏଥି ସହିତ ମୋଦି ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିଥିବା ବେଳେ ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଖରେ ତାହାକୁ ପହଞ୍ଚାଇବାକୁ ସମର୍ଥ ହୋଇନାହାନ୍ତି। ସେଥିପାଇଁ କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଦରକାର। ମୋଦି ସରକାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି। ଏହାର ଫାଇଦା ସମସ୍ତ ମହିଳା ଉଠାଇ ପାରିବେ ବୋଲି ବକ୍ତାମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଭାଜପା ଏମ୍ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ବହୁ ସଂଖ୍ୟାରେ ମତଦାନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା ମାଝି, ଆରତୀ ମିଶ୍ର, ବିଜୟାଲକ୍ଷ୍ମୀନନ୍ଦ ଓ ଜୟଶ୍ରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# କୋରନ୍ଦ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

**ରାଜକନିକା,୨୧।୫ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ଦୋସଉତୁଣୀ ଖେଳ ପଡ଼ିଆରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ସାହୁଙ୍କ ସହଯୋଗରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆଳି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କର୍ମୀମାନଙ୍କୁ ସମ୍ବୋଧିତ କରି ବିଜେଡି ସରକାରର ସୁଶାସନ ଓ ସଫଳତା ତଥା ଲୋକକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ନେତୃମଣ୍ଡଳୀଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ବିଜେଡି ବ୍ଲକ ଯୁବ ସଙ୍ଗଠକ ପବିତ୍ର ରାଉତ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ଜିଲା ପରିଷଦ ସଭ୍ୟା ଅମିତା ସାହୁ ଓ ରାଜକନିକା ବ୍ଲକ ବିଜୁଜନତା ଦଳ ମହିଳା ମୋର୍ଚ୍ଚାର ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଷଷ୍ଠ ଥର ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ୬୦ ପରିବାର ବିଜେଡିରେ ସାମିଲ

**ରାଜକନିକା,୨୨।୫ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତର ମୁଗଡିହ ସପ୍ତାଦାଣ୍ଡରେ ବୁଧବାର ସମିତି ସଭ୍ୟ ସଞ୍ଜୟ ବେହୁରିଆଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଳିର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କଂଗ୍ରେସ ଛାଡିଥିବା ପ୍ରାକ୍ତନ ସରପଞ୍ଚ ସସ୍ମିରେଖା ସାମଲଙ୍କ ସମେତ ୬୦ପରିବାର ବିଜେଡିରେ ସାମିଲ ହୋଇଥିଲେ। ସମସ୍ତ ନବାଗତଙ୍କୁ ଦଳୀୟ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଭାତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ମିଶ୍ରଣ ପର୍ବରେ ପଞ୍ଚାୟତ ସଭାପତି ବିପିନ ନାୟକ, ଉମାକାନ୍ତ ବେଉରିଆ,ସନ୍ତୋଷ ବେଉରିଆ, ହୃଷିକେଶ ବେଉରିଆ,ପ୍ରଦୀପ ନାୟକ,ନଦିଆ ଚାନ୍ଦ ରାଉତ, ସାଗର ବଳ, ଚୌଧୁରୀ ପଢ଼ିହାରୀ, ରବୀନ୍ଦ୍ର ସାମଲ, ସୁବାସ ଲେଙ୍କା, ଅଜୟ ପଢ଼ିହାରୀ, ରମାକାନ୍ତ ନାୟକ, ଅଶୋକ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଂଶୀଧର ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ଆଳି,୨୨।୫(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବଳଭଦ୍ରପୁର ଗ୍ରାମରେ ବଂଶୀଧର ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମଦ୍ ଭଗବତ ଗୀତା ପାଠ କରାଯାଇଥିଲା। ଅପରାହ୍ନରେ ପ୍ରତାପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱମ୍ଭର ପାଣି ଓ ସମ୍ମାନିତ ଅତିଥି ଖଗେଶ୍ୱର ମାହୁନ୍ତ, ଶିବରାମ ପାଣି, ଦୟାନିଧି ସ୍ୱାଇଁ, ଦୁର୍ଗା ପ୍ରସନ୍ନ ଜେନା, ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ବିଶ୍ୱମ୍ଭର ପାଣି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଟ୍ରଷ୍ଟର କୋଷାଧ୍ୟକ୍ଷ ଭୋଳାନାଥ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଧ୍ରୁବଙ୍କୁ ଭେଟିଲେ ଛାତ୍ର ନେତା



ଛାତ୍ରୀନେତାମାନେ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ସ୍ୱାଗତ କରୁଛନ୍ତି।

**ରାଜନଗର,୨୨।୫ (ଭାସ୍କର ରାଉତରାୟ)**

ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଯୁବ ଛାତ୍ର ନେତାମାନେ ଭେଟି ନିର୍ବାଚନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବୁଧବାର ସାହୁଙ୍କୁ ପୂର୍ବତନ ବ୍ଲକ ଛାତ୍ର ବିଜେଡି ସଭାପତି ଦୀପକ କୁମାର ରାଉତ, ପୂର୍ବତନ ଛାତ୍ର ସଂସଦ ଉପସଭାପତି ବିଭୂ ପ୍ରସାଦ ସାହୁ, ଭକ୍ତି ସିଦ୍ଧାନ୍ତ ବିଶ୍ୱାଳ, ବୁବୁନ ମଲିକ, ଦେବ ପ୍ରସାଦ ସାହୁ, ଶୁଭାଶିଷ ସାହୁ ପ୍ରମୁଖ ଭେଟି ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହିତ ଚଳିତ ନିର୍ବାଚନରେ ଦଳ ପାଇଁ କାମ କରିବାକୁ ଆଲୋଚନା କରିଛନ୍ତି।

# କଂଗ୍ରେସ ଛାଡ଼ିଥିବା ଶତାଧିକ କର୍ମୀ ବିଜେଡିରେ ସାମିଲ

**କର୍ମୀମାନଙ୍କୁ ସ୍ୱାଗତ କଲେ ବିଜୟ ମହାପାତ୍ର**

**ଡେରାବିଶ,୨୨।୫ (ବେବର୍ତ୍ତା ଅଜୟ ଦାସ)**

ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକ ଅର୍ନ୍ତଗତ ଚାଟରାଚକଡା ପଞ୍ଚାୟତର ଛତାଠାରେ ପାଟକୁରା ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଶାନ୍ତ କୁମାର ଦାସ ଓ ଗରଦପୁର ବ୍ଲକ ପୂର୍ବତନ ଯୁବ କଂଗ୍ରେସ ସଭାପତି ବିଶ୍ୱ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଧୀନ ୭ ପଞ୍ଚାୟତ ସମେତ ସମୁଦାୟ ୫୧ ପଞ୍ଚାୟତରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ଏହି ଅବସରରେ ଆୟୋଜିତ ସ୍ୱାଗତ ସମାବେଶରେ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବାଗତ କଂଗ୍ରେସ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ପାଟକୁରା ନିର୍ବାଚନମଣ୍ଡଳୀ ଗୋଟିଏ ପରିବାର ବୋଲି କହିଥିଲେ। ନିର୍ବାଚନମଣ୍ଡଳର ସାମୁହିକ ବିକାଶ ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ସହ ଦଳୀୟ ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଓ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟ କରିବା ପାଇଁ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ଗଣେଶ ଚନ୍ଦ୍ର ସାମଲ, ସୁଧାଂଶୁ ରାୟ ଯୋଗ ଦେଇ ନବାଗତଙ୍କୁ ସ୍ୱାଗତ କରିଥିଲେ। ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ ନେତା ପ୍ରଶାନ୍ତ ଓ ବିଶ୍ୱରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦଳ ତାଙ୍କୁ ଅଣଦେଖା କରିଥିବାରୁ କଂଗ୍ରେସ ପରିତ୍ୟାଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ଯୋଗ ଦେଇଛୁ। ବରିଷ୍ଠ କଂଗ୍ରେସ ନେତା ରଜନୀକାନ୍ତ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେବା ସହ ଦଳର ଏକ ଶୃଙ୍ଖଳିତ କର୍ମୀ ଭାବେ କାମ କରିବେ ବୋଲି କହିଛନ୍ତି। ଅପରପକ୍ଷେ ଏହି ମିଶ୍ରଣ ପର୍ବକୁ ନେଇ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ବିଜେଡିରେ ଯୋଗ ଦେଇଥିବା ଏହି ବ୍ୟକ୍ତିମାନଙ୍କ ପାଇଁ ଦଳ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ଚଳିତ ନିର୍ବାଚନରେ କଂଗ୍ରେସ ପାଟକୁରାରେ ବାଜିମାତ କରିବ ବୋଲି ତ୍ରିପାଠୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ପୂର୍ଣ୍ଣାନନ୍ଦ ବେହେରା, ନିକୁଞ୍ଜ କିଶୋର ପ୍ରଧାନ, ରଞ୍ଜନ କୁମାର ସାହୁ ଓ ଯଶୋବନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ମିଶ୍ରଣ ପର୍ବରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ନୃସିଂହ ଚତୁର୍ଦ୍ଦଶୀ ପାଳିତ



କବିସୂର୍ଯ୍ୟନଗର/ବୁଗୁଡ଼ା/ଛତ୍ରପୁର, ୨୨।୫ (କୃପାସିନ୍ଧୁ ସ୍ୱାଇଁ/ କାଳିଚରଣ ଦାଶ/ଦିଲ୍ଲୀପ ସାମଲ)

କବିସୂର୍ଯ୍ୟନଗର ଉପକଣ୍ଠରେ ବିରାଜମାନ ଶ୍ରୀଜଟେଶ୍ୱର ବେଢା ମଧ୍ୟରେ ପୂଜା ପାଉଥିବା ନୃସିଂହ ମହାପ୍ରଭୁଙ୍କ ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀବଳଦେବ ଜୀଉ ନୃସିଂହ ବେଶ ଧାରଣ କରିଥିଲେ। ମହାପ୍ରଭୁଙ୍କୁ ପ୍ରାତଃ ସ୍ନାନ ପୂର୍ବକ ପୂଜାବିଧି ସମାପନ ପରେ ସନ୍ଧ୍ୟାରେ ନଗର ପରିକ୍ରମା କରାଯାଇଥିଲା। ଏକ ସୁସଜ୍ଜିତ ରଥରେ ମହାପ୍ରଭୁଙ୍କୁ ବସାଇ ଭକ୍ତଗଣ ଟାଣି ଟାଣି ସାହି ପରିକ୍ରମା କରିଥିଲେ। ଏଥିରେ ଜଟେଶ୍ୱର ଓ ନୃସିଂହ ମହାପ୍ରଭୁ ଯୁବ ସଂଘ ସହଯୋଗ କରିଥିଲେ।

ସେହିପରି ବୁଗୁଡ଼ା ବଳଦେବ ମନ୍ଦିରପରିସରସ୍ଥ ନୃସିଂହ ମନ୍ଦିରରେ ନୃସିଂହ ଚର୍ତୁଦ୍ଦଶୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଠାକୁରଙ୍କ ଷୋଡ଼ଶୋପଚାର ପୂଜା, ମଙ୍ଗଳ ଆଳତି, ଅଭିଷେକ ଏବଂ ସନ୍ଧ୍ୟାରେ ମହାଆଳତି, ହୋମ ସହ ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ପୁରୋହିତ ରାମାନୁଜ ମହାପାତ୍ର, ଦୁର୍ଗା ମାଧବ ପାଣି ଓ ପଦ୍ମଚରଣ ଦାଶଶର୍ମାଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶରତଚନ୍ଦ୍ର ମହାରଣା ଏବଂ ମନ୍ଦିର ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ଠାକୁର ନୃସିଂହନାଥଙ୍କ ଦର୍ଶନାର୍ଥେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସେହିପରି ଛତ୍ରପୁରସ୍ଥିତ ନୀଳକଣ୍ଠେଶ୍ୱର ସାହିରେ ନୃସିଂହ ଠାକୁରଙ୍କ ଜୟନ୍ତି ପାଳିତ ହୋଇଛି । ମଙ୍ଗଳବାରଠାରୁ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିବା ବେଳେ ବୁଧବାର ସକାଳୁ ମନ୍ଦିର ପରିସରରେ କର୍ମକାଣ୍ଡ ବିଶେଷଜ୍ଞ ସରୋଜ ଶତପଥି ଓ ଅଲେଖ ଶତପଥିଙ୍କ ପୌରହିତରେ ପ୍ରଭୁ ନୃସିଂହଙ୍କ ମହାସ୍ନାନ ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ହୋମ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଜିତ ଚୌଧୁରୀ କର୍ତ୍ତା ଭାବେ ଯୋଗ ଦେଇଥିଲେ।

### ହିଞ୍ଜିଳିରେ ଅଧିକ ମତଦାନ କଲେ ମହିଳା

ହିଞ୍ଜିଳିକାଟୁ, ୨୨।୫ (ଦ୍ୱିତୀକୃଷ୍ଣ ପଣ୍ଡା): ଗତ ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଆସିକା ସଂସଦୀୟ କ୍ଷେତ୍ର ଅଧିନସ୍ଥ ୭ଟି ବିଧାନସଭା ଆସନ ସକାଶେ ମତଦାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଢୁଥିବା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀରେ ୬୧.୦୧ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି। ଅନ୍ୟ ପକ୍ଷରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ ମତଦାନ କରିଥିବା ରେକର୍ଡ ହୋଇଛି। ପୁରୁଷ ଭୋଟର ୬୯,୪୪୦, ମହିଳା ଭୋଟର ୭୨୧୬୦ ଓ ତୃତୀୟ ଲିଙ୍ଗୀ ୪ ଜଣ ଭୋଟର ଏହିପରି ମୋଟ ୧ ଲକ୍ଷ ୪୧ ହଜାର ୬୦୪ ଭୋଟର ମତଦାନ କରିଛନ୍ତି । ନିର୍ବାଚନ ବେଳେ କାଁ ଭାଁ ଗଣ୍ଡଗୋଳ ଓ ପାଟିତୁଣ୍ଡ ହୋଇଥିଲେ ମଧ୍ୟ ସେମିତି ଆଖି ଦୃଶିଆ ହିଂସା ହୋଇନାହିଁ।

# ଗଞ୍ଜାମ ପୋଲିସ ଜିଲାରେ ନିର୍ବାଚନୀ ହିଂସା ଥମୁନି
# ୩୬ଙ୍କୁ ଗିରଫ କଲାଣି ପୋଲିସ

ଛତ୍ରପୁର,୨୨।୫(ସନ୍ତୋଷ ପାଢୀ): ଗଞ୍ଜାମ ଜିଲାରେ ପ୍ରାକ୍ ଓ ପରେ ନିର୍ବାଚନୀ ହିଂସା ଥମୁନି। ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାରେ ଏହା ଦେଖିବାକୁ ମିଳିଛି। ବ୍ରହ୍ମପୁର ପୋଲିସ ଜିଲାର ଚିକିଟି, ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳରେ ନିର୍ବାଚନୀ ପରବର୍ତ୍ତି ହିଂସା ହୋଇଥିଲା । ସେହିପରି ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଅଞ୍ଚଳରେ ମଧ୍ୟ ନିର୍ବାଚନୀ ସମ୍ବନ୍ଧୀୟ ହିଂସା ହୋଇଛି। ଏପରିକି ହତ୍ୟା ଘଟଣା ମଧ୍ୟ ଘଟିଛି। ଖଲ୍ଲିକୋଟ ଅଞ୍ଚଳରେ ଭାଜପା କର୍ମୀଙ୍କୁ ହତ୍ୟା ଓ ଗଞ୍ଜାମ ଜିଲାରେ ନିର୍ବାଚନୀ ହିଂସା ପରିପ୍ରେକ୍ଷୀରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୨୦ କମ୍ପାନୀ ସେଣ୍ଟ୍ରାଲ ପୋଲିସ ଫୋର୍ସ ମୁତୟନ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏମାନଙ୍କୁ ରିଜର୍ଭ କିମ୍ବା ଯାଞ୍ଚ କାର୍ଯ୍ୟରେ ନରଖି ବୁଥ୍ ଠାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ପୋଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଡିଜି ଆର୍.କେ.ଶର୍ମାଙ୍କୁ ଆଇନଶୃଙ୍ଖଳା ପାଇଁ ଗଞ୍ଜାମ ପୋଲିସ ଜିଲାର ହେଡକ୍ୱାର୍ଟର ଛତ୍ରପୁରଠାରେ ଡ୍ୟୁଟି ଦିଆଯାଇଥିଲା। ତେବେ ଏହା ସତ୍ତ୍ୱେ ଗଂଜାମ ପୋଲିସ ଜିଲାରେ ନିର୍ବାଚନୀ ହିଂସା ଥମିନି। ପୂର୍ବ ସାଧାରଣ ନିର୍ବାଚନ ତୁଳନାରେ ଜିଲାରେ ନିର୍ବାଚନୀ ହିଂସା ବଢିଛି । ଗଞ୍ଜାମ ପୋଲିସ ଜିଲାରେ ପ୍ରାକ୍ ଓ ପରେ ୯ଟି ନିର୍ବାଚନୀ ହିଂସା ଘଟଣା ଘଟି ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ନିର୍ବାଚନୀ ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ହୋଇଛି। ଉକ୍ତ ୯ଟି ନିର୍ବାଚନୀ ହିଂସା ଘଟଣାରେ ୩୬ ଜଣଙ୍କୁ ବିଭିନ୍ନ ଥାନା ପୋଲିସ ଗିରଫ କରିଥିବା ଗଣମାଧ୍ୟମକୁ ବୁଧବାର ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଖଲ୍ଲିକୋଟ ନିର୍ବାଚନୀ ହିଂସା ମାମଲାରେ ଖଲ୍ଲିକୋଟ ଥାନା ପୋଲିସ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଭଞ୍ଜନଗର ଥାନା ଡିହପଡାଲରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିବା ନେଇ ୨ ଟି ମାମଲା ପୋଲିସ ରୁଜୁ କରିବା ସହ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାରସିଂ ୪୭ ନମ୍ବର ବୁଥ୍‌ରେ ହୋଇଥିବା ନିର୍ବାଚନୀ ହିଂସା ମାମଲାରେ ୪ ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରାଯାଇଛି। ସୋରଡା ଥାନା ରେଂଟି ଗାଁରେ ହୋଇଥିବା ନିର୍ବାଚନୀ ହିଂସା ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସୋରଡା ଥାନା ବୁଗୁଡାରେ ୨ଟି ନିର୍ବାଚନୀ ହିଂସା ମାମଲାରେ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆପଡା ଥାନା ଅଞ୍ଚଳରେ ହୋଇଥିବା ନିର୍ବାଚନୀ ହିଂସା ନେଇ ୨ଟି ମାମଲା ରୁଜୁ ସହ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଅପରପକ୍ଷରେ ଜିଲାରେ ନିର୍ବାଚନୀ ହିଂସା ଓ ଏ ସମ୍ବନ୍ଧୀୟ ଗଣ୍ଡଗୋଳ ସମ୍ପର୍କରେ ସୂଚନା ଓ ଗୁଇନ୍ଦା ତଥ୍ୟ ସେୟାର କରିବା ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏ ସମ୍ବନ୍ଧୀୟ ମେସେଜ ଦେବା ଲାଗି ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ହ୍ୱାଟ୍ସଆପ୍ ନମ୍ବର ୯୪୩୮୯୧୬୭୨୦ ଜାରି କରାଯାଇଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

**ହ୍ୱାଟ୍ସଆପ୍ ନମ୍ବର ଜାରି**

### ଡ଼ିହପଡ଼ାଳ ସ୍ଥିତି ସ୍ୱାଭାବିକ, ଗିରଫ ସଂଖ୍ୟା ବଢୁଛି

ଭଞ୍ଜନଗର,(ବାବୁଲା ପ୍ରଧାନ): ଭଞ୍ଜନଗର ନିର୍ବାଚନମଣ୍ଡଳୀର ଡ଼ିହପଡ଼ାଳ, ତୁରୁମୁ ପଞ୍ଚାୟତରେ ଗଣ୍ଡଗୋଳ ହୋଇଥିଲା। ନିର୍ବାଚନ ପୂର୍ବଦିନ ଡ଼ିହପଡ଼ାଳ ପଞ୍ଚାୟତ ବେତାର ଛକରେ ବିଜେଡ଼ି ଓ ଭାଜପା କର୍ମୀ ମଧ୍ୟରେ କୈଣସି କଥାକୁ ନେଇ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାଜପାର ୬ଜଣ କର୍ମୀ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଉକ୍ତଦିନ ରାତିରେ ଭାଜପା କର୍ମୀମାନେ ହୋହାଲ୍ଲା କରିବା ସହ ରାସ୍ତା ଅବରୋଧ କରିଥିଲେ। ଫଳରେ ପୋଲିସ ସେହିଦିନ ରାତିରେ ହିଁ ୩ ଜଣଙ୍କୁ ଗିରଫ କରିଥିଲା। ଏହାପରେ ନିର୍ବାଚନ ଦିନ ଆଉ ୫ଜଣଙ୍କୁ ଗିରଫ କରାଯାଇଥିଲା। ଡ଼ିହପଡ଼ାଳରେ ସ୍ଥିତି ସ୍ୱାଭାବିକ ହୋଇଆସୁଥିବା ବେଳେ ବୁଧବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହୋଇଯିବା ପରେ ଭଞ୍ଜନଗର ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ତୁରୁମୁ ପଞ୍ଚାୟତର ବେରୁଆବାଡ଼ିରେ ମତଦାନ ଦିନ ବୁଥ୍ ଭିତରେ ଦୁଇଗୋଷ୍ଠୀ ଧସ୍ତାଧସ୍ତି ସହ ମୁଥ ମରାମରି ହୋଇଥିଲେ। ଏହାପରେ ଭଦ୍ରଲୋକ ଏବଂ ପୋଲିସର ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଯାଇଥିଲା। ଏନେଇ ଥାନାରେ କୈଣସି ମାମଲା ରୁଜୁ ହୋଇନାହିଁ।

## ମାଳତୀରେ ଐତିହାସିକ ଗୋଷ୍ଠ ଶୀତଳ ଉତ୍ସବ

ବେଲଗୁଣ୍ଠା,୨୨।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ଗାଙ୍ଗପୁର ଥାନା ଅନ୍ତର୍ଗତ ମାଳତୀ ଗ୍ରାମରେ ଗୋଲା ସମ୍ପ୍ରଦାୟର ଐତିହାସିକ ତଥା ପାରମ୍ପରିକ ପର୍ବ ଗୋଷ୍ଠ ଶୀତଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତିରେ ରୀତିନୀତି ମୁତାବକ ସମ୍ପ୍ରଦାୟ ପକ୍ଷରୁ ଗ୍ରାମର ଆରାଧ୍ୟା ମା' ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଆରମ୍ଭ ହେବା ସହିତ ବୁଧବାର ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ଠାକୁରାଣୀଙ୍କ ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହେବା ସହିତ ଗ୍ରାମବାସୀ ନିଜ ଗୃହପାଳିତ ଛେଳି ମେଣ୍ଢା ଗୋଠର ସୁରକ୍ଷା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୋଷ୍ଠ ଶୀତଳ ଉତ୍ସବ ସ୍ଥାନୀୟ ଗୋଲା ସମ୍ପ୍ରଦାୟର ପାରମ୍ପରିକ ବାର୍ଷିକ ଉତ୍ସବ ହୋଇଥିବା ବେଳେ ପ୍ରତିବର୍ଷ ଏହା ବୈଶାଖ ମାସ ଶୁକ୍ଳ ପକ୍ଷ ମଙ୍ଗଳବାରରେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଉତ୍ସବରେ ମାଳତୀ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ନିକଟସ୍ଥ ମୁନିଗାଡ଼ି, କେଶରାପଲ୍ଲୀ, ଗାଙ୍ଗପୁର, ସାନ ସାଦରା ଆଦି ଅଞ୍ଚଳରୁ ପ୍ରବଳ ଜନ ସମାଗମ ହୋଇଥିଲା।



ଛେଳି ମେଣ୍ଢାଙ୍କ ସହ ଗୋଲା ସମ୍ପ୍ରଦାୟର ବ୍ୟକ୍ତି

## ହିଞ୍ଜିଳିକାଟୁ ପ୍ରସିଦ୍ଧ ଲକ୍ଷ୍ମୀନୃସିଂହ ଯାତ୍ରା ଶୁଭାରମ୍ଭ

**ହିଞ୍ଜିଳିକାଟୁ, ୨୨।୫ (ଦ୍ୱିତୀକୃଷ୍ଣ ପଣ୍ଡା) :** ହିଞ୍ଜିଳିକାଟୁ ରାଜବାଟୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତିନି ଦିନିଆ ବାର୍ଷିକ ଯାତ୍ରା ବୁଧବାର ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଜ ପରିବାର ଓ ରଙ୍ଗଣିବାଡର ମିଳିତ ସହଯୋଗ ପରିଚାଳନା କରାଯାଇଛି। ଅନୁରୂପ ଭାବେ ଜଗବନ୍ଧୁ ପାଟଣା ସାହି ନୃସିଂହ ମନ୍ଦିର ପକ୍ଷରୁ ମଧ୍ୟ ଦିନିକିଆ ଯାତ୍ରା ପାଳନ କରାଯାଇଛି। ଯାତ୍ରାରେ ମାନସିକଧାରୀମାନେ କୃଷ୍ଣ, ବଳରାମ, ରାମ, ସୀତା, ହନୁମାନ, ବାଘ ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ପୌରାଞ୍ଚଳ ବଡରଙ୍ଗଣି ସାହି ଓ ପାଟଣା ସାହି ସ୍ଥିତ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଠାକୁରମାନଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ମେଢ଼ ଓ କଳାକୁଞ୍ଜ ଦେଖିବା ପାଇଁ ଯାତ୍ରାପ୍ରେମୀଙ୍କ ସମାଗମ ଲାଗି ରହିଥିଲା । କଳାକୁଞ୍ଜ ମଧ୍ୟରେ ରାମ, ହନୁମାନ, ସୀତା, ପର୍ଶୁରାମ, ଜରା ଶବର, ଦାନବୀର ରାଜା ହରିଶ୍ଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ଗୋପଲୀଳା ଆଦି ପ୍ରତିମୂର୍ତ୍ତି ସୁସଜ୍ଜିତ ଅସ୍ଥାୟୀ ମଣ୍ଡପରେ ସ୍ଥାପିତ ହେବା ସହ କିଛି କୌତୁକିଆ ଦୃଶ୍ୟ ଓ ଜନସଚେତନତା ଚିତ୍ରପଟ ମଧ୍ୟ ବିଭିନ୍ନ ସାହିରେ ସ୍ଥାପନ କରାଯାଇଛି। ରାତିରେ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ବସାଇ ବାଦ୍ୟ ବାଜଣା ଓ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା । ଗୁରୁବାର ଦ୍ୱିତୀୟ ଦିବସରେ କେଉଟବା ପକ୍ଷରୁ ଯାତ୍ରା ପରିଚାଳନା କରାଯିବା ସହ ରାତ୍ର ସମୟରେ ବାଣ ଯାତ୍ରା ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ବ୍ଲକ ବୁରୁପୋଡା ଗ୍ରାମରେ ନୃସିଂହ ଠାକୁରଙ୍କ ଜନ୍ମ ଉତ୍ସବ ମଧ୍ୟ ପାଳନ କରାଯାଇଛି ।



ବିଭିନ୍ନ ସାହିରେ ତିଆରି ହୋଇଥିବା ଆକର୍ଷଣୀୟ କଳାକୁଞ୍ଜ

### ସୋରଡ଼ାରେ ୨ଟି ଗଣ୍ଡଗୋଳ

ଭଞ୍ଜନଗର,୨୨।୫(ବାବୁଲା ପ୍ରଧାନ): ସୋରଡ଼ା ବ୍ଲକର ବୁଗୁଡ଼ା ଏବଂ ରେଣ୍ଟି ଗ୍ରାମରେ ମଙ୍ଗଳବାର ରାତିରେ ଦୁଇଟି ପୃଥକ ଗଣ୍ଡଗୋଳ ହୋଇଛି। ଗୋଟିଏ ରାଜନୈତିକ ଗଣ୍ଡଗୋଳ ହୋଇଥିବା ବେଳେ ଆଉ ଗୋଟିଏ ବ୍ୟକ୍ତିଗତ ଗଣ୍ଡଗୋଳ ହୋଇଥିବା ଜଣାପଡିଛି । ଏଥିରେ ୩ ଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ମଙ୍ଗଳବାର ରାତିରେ ଉଭୟ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ପଦକ୍ଷେପ ନେବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ବାର୍‌ହା ଆକ୍ରମଣରେ ୨ ଆହତ

ହିଞ୍ଜିଳିକାଟୁ, ୨୨।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ବାଦିଆମ୍ବଗାଁରେ ବାରହା ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ହିଞ୍ଜିଳି ଥାନା ବାଦିଆମ୍ବଗାଁର ରୋହିତ ପ୍ରଧାନ ଓ ଗଣେଶ୍ୱର ବାରିକ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବାଦିଆମ୍ବଗାଁ ୟୁପି ସ୍କୁଲ ପରିସରରେ କେତେଜଣ ଯୁବକ ଖେଳୁଥିବା ବେଳେ ଏକ ବାରହା ଖାଦ୍ୟ ଅନ୍ୱେଷଣରେ ସ୍କୁଲ ପରିସରକୁ ଆସି ଯାଇଥିଲା। ଯୁବକମାନେ ବାରହାକୁ ପଥର ଓ ଠେଙ୍ଗାରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରୁଥିବାବେଳେ ବାରହାଟି ୨ ଯୁବକଙ୍କୁ କାମୁଡି ଦେଇଥିଲା।

## ବାଉଁଶ ବଣ ଜାତୀୟ ରାଜପଥ ଅବରୋଧ କରୁଛି



ସିଧାପଦର ନିକଟରେ ରାସ୍ତା ଉପରେ ବାଉଁଶ ଗଛ ଓହଳି ଅଛି।

ଭଞ୍ଜନଗର, ୨୨।୫(ବାବୁଲା ପ୍ରଧାନ): ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥର ଗଣ୍ଡିଶୁଳା ଛକରୁ ବୁଢୁଲି ପର୍ଯ୍ୟନ୍ତ ବାଉଁଶବଣ କରାଯାଇଛି। ଉକ୍ତ ଅଞ୍ଚଳରେ ହାତୀମାନଙ୍କ ଚଳପ୍ରଚଳ ହେଉଥିବା ଯୋଗୁ ୧୩ବର୍ଷ ପୂର୍ବେ ତତ୍କାଳୀନ ଡିଏଫଓ ବିପିନି ବିହାରୀ ବେହେରାଙ୍କ ସମୟରେ ବାଉଁଶ ବଣ କରାଯାଇଥିଲା। ହାତୀମାନଙ୍କ ମୁଖ୍ୟ ଖାଦ୍ୟ ହେଉଛି ବାଉଁଶ, ଆମ୍ବ। ତେଣୁ ବାଉଁଶ ବଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ବାଉଁଶ ଗଛ ବହୁତ ବଡ଼ ହୋଇଗଲାଣି । ଅନେକ ସ୍ଥାନରେ ରାଜପଥ ଆଡ଼କୁ ବାଉଁଶ ଗଛ ମାଡ଼ି ଆସିଲାଣି। ଏହାଦ୍ୱାରା ଜାତୀୟ ରାଜପଥ ଅବରୋଧ ହେଉଛି। ଅନେକ ସମୟରେ ଉକ୍ତ ରାସ୍ତାରେ ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ବନ ବିଭାଗ ପକ୍ଷରୁ ରାସ୍ତା ଉପରକୁ ମାଡ଼ି ଆସୁଥିବା ବାଉଁଶ ଗଛକୁ କଟାଯାଉନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି।

## ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ



ଆସିକା,୨୨।୫ (ସୁରେନ୍ଦ୍ର ନାଥ ସାହୁ) ଆସିକା ସହର ଓ ଆଖପାଖ ଗ୍ରାମାଞ୍ଚଳରେ ଥିବା ନୃସିଂହ ଠାକୁରଙ୍କ ମନ୍ଦିରରେ ବୁଧବାର ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛି। ଆସିକା ସହରର ସୁନାମ୍ବ ରଥଦାଣ୍ଡ ସାହିରେ ବିଜେ ଅଭୟ ନୃସିଂହ ଠାକୁରଙ୍କ ମନ୍ଦିରରେ ଏହି ଉତ୍ସବ ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ହୋଇଥିଲା । ଭୋରରୁ ଦ୍ୱାରଫିଟା ନିତି, ଦ୍ୱାରପୂଜା, ରୋଷ, ହୋମ, ଅବକାଶ, ମଇଲମ, ତଡପଲାଗି, ମଙ୍ଗଳ ଆଳତୀ ପରେ ସ୍ୱତନ୍ତ୍ର ବେଶ କରାଯାଇଥିଲା। ମଧ୍ୟାହ୍ନରେ ବରୁଣ ପୂଜା, ସ୍ୱସ୍ତି ବାଚନ, ସଂକଳ୍ପ, ଗ୍ରହପୂଜା, ଜନ୍ମ ବିଧାନ, ଷୋଡଷ ପୂଜା, ହୋମଯଜ୍ଞ, ଆଳତି ଓ ପୁଷ୍ପାଞ୍ଜଳି ହୋଇଥିଲା। ରାତ୍ରରେ ଠାକୁରଙ୍କ ବିଜେ ପ୍ରତିମାକୁ ବିମାନରେ ବସାଇ ବାଦ୍ୟବଜଣା ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଗୁରୁବାର ଭୋରରେ ଠାକୁରଙ୍କ ମନ୍ଦିର ସମ୍ମୁଖରେ ନିର୍ମିତ ଏକ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇ ଦିନତମାମ ପୂଜାର୍ଚ୍ଚନା ଓ ସାଧାରଣ ଦର୍ଶନ ବ୍ୟବସ୍ଥା ହୋଇଛି । ଯାତ୍ରା ଉପଲକ୍ଷେ ବିଭିନ୍ନ ପୌରାଣିକ ନୃତ୍ୟ ନାଟିକା ଆୟୋଜନ କରାଯାଇଛି। ଆସିକା ବ୍ଲକର ଖଡଭାଗ, ନଳବଣ୍ଠା, କାଳଷଣ୍ଡପୁର, ଜୟପୁର, ବାବନପୁର, ନିରାଳ, ପଥରା ଆଦି ଗ୍ରାମରେ ମଧ୍ୟ ଏହି ଉତ୍ସବ ପାଳିତ ହୋଇଥିଲା।

## ପୁଇଁତୋଳାରେ ନୃସିଂହ ଚତୁର୍ଦ୍ଦଶୀ



ନାମ ସଂକୀର୍ତ୍ତନ ଚାଲିଛି।

ଗଞ୍ଜାମ,୨୨।୫(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ନୃସିଂହ ଚତୁର୍ଦ୍ଦଶୀ ପାଳିତ ହୋଇଛି। ଏହି ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ପାଣି ଅଣାଯିବା ପରେ ନମଯଜ୍ଞ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ କୀର୍ତ୍ତନ ମଣ୍ଡଳୀ ନାମ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋମଯଜ୍ଞରେ ରଞ୍ଜନ କୁମାର ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗଣେଶ ରଥ ଦେବଶର୍ମା ଓ ରାଜେନ୍ଦ୍ର ରଥ ଦେବଶର୍ମାଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ନୃସିଂହ ଠାକୁରଙ୍କ ଆଳତି ଦର୍ଶନ ନିମନ୍ତେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ପରେ ନଗର କୀର୍ତ୍ତନ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ହୋଇଥିଲା। ସାହିର ସମସ୍ତ ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

## ଶ୍ୱଶୁରଙ୍କ କାତି ଚୋଟରେ ବୋହୂ ଗୁରୁତର

ଦିଗପହଣ୍ଡି,୨୨।୫(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଓଡ଼ାସିଙ୍ଗି ଗ୍ରାମରେ ବୁଧବାର ସକାଳ ପ୍ରାୟ ୮ ଟାରେ ଶ୍ୱଶୁର ଜାଗିଲି ରେଡ୍ଡୀଙ୍କ କାତି ଚୋଟରେ ବୋହୂ ବିଜୟଲକ୍ଷ୍ମୀ ରେଡ୍ଡୀ ଗୁରୁତର ଆହାତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ ଅଶାନ୍ତିକୁ ନେଇ ସକାଳେ ଶ୍ୱଶୁର ଏବଂ ବୋହୂଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ବୋହୂ ବିଜୟଲକ୍ଷ୍ମୀ ଘରେ ରୋଷେଇ କରୁଥିବା ବେଳେ ଶ୍ୱଶୁର ଜାଗିଲି ଉତ୍ତ୍ୟକ୍ତ ହୋଇ କାତିରେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଚୋଟ ପକାଇବା ବେଳେ ସେ ଡାହାଣ ହାତ ଦେଖାଇ ଦେବାରୁ କାତି ବାଜି ହାତରେ ଗଭୀର କ୍ଷତ ହୋଇଥିଲା। ସାହି ପଡୋଶୀ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ମତ୍ସ୍ୟବିଭାଗ ପକ୍ଷରୁ ସଚେତନତା

ଛତ୍ରପୁର, ୨୨।୫ (ଦିଲୀପ ସାମଲ): ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ସମୁଦ୍ର ଅଶାନ୍ତ ରହିବ। ତେଣୁ ବିପଦ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ୨୩ ଓ ୨୪ ଦୁଇ ଦିନ ସମୁଦ୍ର ଭିତରକୁ ନ ଯିବା ପାଇଁ ସଚେତନତା କରାଯାଇଛି। ସମୁଦ୍ର ଅଶାନ୍ତ ରହିବା ଫଳରେ ପ୍ରବଳ ଉଚ୍ଚ ଜୁହାର ସମେତ ପବନ ବହିବାର ଆଶଙ୍କା ରହିଛି। ଫଳରେ ସମୁଦ୍ର ଭିତରକୁ ଡଙ୍ଗା ନେବା ପାଇଁ ବାରଣ କରିଛି । ଏନେଇ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ର ନିକଟରେ ବସବାସ କରୁଥିବା ଗ୍ରାମାଞ୍ଚଳକୁ ଯାଇ ମାଇକ ଯୋଗେ ପ୍ରଚାର କରାଯିବା ସହ ମତ୍ସ୍ୟଜୀବୀମାନଙ୍କୁ ସଚେତନତା କରାଯାଇଛି । ଅନ୍ୟପକ୍ଷରେ ସମୁଦ୍ରକୁ ଦୈନିକ ମାଛ ଧରିଲେ ପରିବାର ପ୍ରତିପୋଷଣ କରିଥାନ୍ତି ମତ୍ସ୍ୟଜୀବୀ। ତେଣୁ ଦୁଇ ଦିନ ମାଛ ଧରିବା ବାରଣ କରାଯାଇଥିବାରୁ ସେମାନଙ୍କ ଜୀବିକା ଉପରେ ପ୍ରଭାବ ପଡିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି ।



ମତ୍ସ୍ୟଜୀବୀମାନେ

### ନୂତନ ଭୋଟରଙ୍କ ମତଦାନ

ବେଲଗୁଣ୍ଠା,୨୨।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଆସିକା ସଂସଦୀୟ କ୍ଷେତ୍ର ଏବଂ ବେଲଗୁଣ୍ଠା ବିଧାନସଭା କ୍ଷେତ୍ର ପାଇଁ ସ୍ଥାନୀୟ ବ୍ଲକର ବିଭିନ୍ନ ବୁଥ୍‌ରେ ଭୋଟର୍‌ମାନେ ସୋମବାର ସେମାନଙ୍କ ମନ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ବିଶେଷକରି ଭୋଟ୍ ଦେବା ପାଇଁ ନୂତନ ଯୁବ ମତଦାତାଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଏହି ଅବସରରେ ଗୋବରା ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ଲିଜାରାଣୀ ସାହୁ, ଶିବଶଙ୍କର ଗୌଡ଼, ସନ୍ତୋଷ କୁମାର ସେଠୀ, ନେଟେଙ୍ଗା ପଞ୍ଚାୟତର ମାମାଲି ସ୍ୱାଇଁ, ଝୁମୁରି ପରିଡ଼ା ପ୍ରମୁଖ ପ୍ରଥମ ଥର ପାଇଁ ନିଜର ମତଦାନ କରିଛନ୍ତି। ଇଭିଏମ୍‌ରେ ମତଦାନ ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ହୋଇଥିବା ବେଳେ ସକାଳୁ ସକାଳୁ ବୁଥ୍‌ଗୁଡ଼ିକ ସମ୍ମୁଖରେ ଏହି ନୂତନ ଭୋଟର୍‌ଙ୍କ ଗହଳି ଦେଖିବାକୁ ମିଳିଥିଲା।

## ଘୁମୁସର ବନଖଣ୍ଡରେ ହାତୀ ଗଣନା ଆରମ୍ଭ

ଭଞ୍ଜନଗର,୨୨।୫(ବାବୁଲା ପ୍ରଧାନ): ଭଞ୍ଜନଗର ଉତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହା ଶୁକ୍ରବାର ସରିବ। ଉଭୟ ବନଖଣ୍ଡରେ ୭୯ ଟି ମଞ୍ଚ ଗଛ ଉପରେ ତିଆରି କରାଯାଇଛି। ଉକ୍ତ ଗଛ ଉପରେ ବନ ବିଭାଗ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମଚାରୀ ବସି ହାତୀ ଗଣନା କରୁଛନ୍ତି। ପ୍ରତ୍ୟକ୍ଷ ଭାବେ ଦେଖିଥିବା ହାତୀକୁ ହିଁ ଗଣନାରେ ସାମିଲ କରାଯିବ। କରୋନା ପରଠୁ ହାତୀ ଗଣନା ରାଜ୍ୟରେ ବନ୍ଦ ଥିଲା । ଚଳିତ ବର୍ଷ ହାତୀ ଗଣନାରେ ସ୍ୱଚ୍ଛତା ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମ କିଭଳି ଚାଲିଛି ପ୍ରତ୍ୟେକ ବନଖଣ୍ଡକୁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟିମ୍ ଆସିଛନ୍ତି । ଉକ୍ତ ଟିମ୍ ସ୍ଥାନୀୟ ଅଧିକାରୀମାନଙ୍କ ସହ ମିଶି ସମୀକ୍ଷା କରିବେ। ଏହିଭଳି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ଟିମ୍ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିସହ କର୍ମଚାରୀମାନେ ଦିନତମାମ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପରିଦର୍ଶନ କରିବା ପରେ ସନ୍ଧ୍ୟାରେ ମଞ୍ଚ ଉପରେ ବସି ଗଣନା କାର୍ଯ୍ୟ ତଦାରଖ କରୁଛନ୍ତି । ଦକ୍ଷିଣ ଘୁମୁସର ବନଖଣ୍ଡର ବୁଗୁଡ଼ା, ଆସିକା ଏବଂ ସୋରଡ଼ା ରେଞ୍ଜରେ ହାତୀ ଗଣନା ହେଉଛି। ଡିଏଫଓ ବିନୋଦ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାତୀ ଗଣନା କାର୍ଯ୍ୟ ଚାଲିଛି।



ହାତୀ ଗଣନା ପାଇଁ ଗାଲେରୀ ରେଞ୍ଜରେ ପ୍ରସ୍ତୁତ କରାଯାଇଥିବା ମଞ୍ଚ।




## ମ୍ୟାଲେରିଆ ନିରାକରଣ ପାଇଁ ବାହାରିଲା ଟିକା




# ଭିଜିଲାନ୍ସ କୋର୍ଟରେ ୨ଭାଇଙ୍କୁ ୨ବର୍ଷ ଜେଲ

## ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି

ଜୟପୁର/କୋରାପୁଟ/କଟକ, ୨୨।୫ (ପବନ ପାଣିଗ୍ରାହୀ/ ଅମିତାଭ ବେହେରା/ କାର୍ତ୍ତିକ ସାହୁ)

ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ନେଇ ହୋଇଥିବା ଅଭିଯୋଗର ଶୁଣାଣି ବୁଧବାର ଜୟପୁର ଭିଜିଲାନ୍ସ କୋର୍ଟରେ ହୋଇଛି। ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଢେଙ୍କାନାଳ ଜିଲାର ୨ଭାଇ ଅଦିତ କୁମାର ବିଶ୍ୱାଳ ଓ ଅଜିତ କୁମାର ବିଶ୍ୱାଳଙ୍କୁ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ କୋର୍ଟ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ଜଣାପଡ଼ିଛି, ୧୯୯୬ରେ କୋରାପୁଟ ଜିଲା ଓଏସ୍ଏପି ତୃତୀୟ ବାଟାଲିୟନର ସିପାହି ନିଯୁକ୍ତି ପାଇଁ ସାକ୍ଷାତ୍କାର ହୋଇଥିଲା। ଏଥିରେ ଅଦିତ ଓ ଅଜିତ ସାମିଲ ହୋଇ କୃତକାର୍ଯ୍ୟ ହୋଇ ନିଯୁକ୍ତି ପାଇଥିଲେ। ତେବେ ପରବର୍ତ୍ତୀ ସମୟରେ ସେମାନେ ସାକ୍ଷାତ୍କାର ବେଳେ ଦେଇଥିବା ଶିକ୍ଷାଗତ ଯୋଗ୍ୟତା ଓ କ୍ରୀଡ଼ାର ପ୍ରମାଣପତ୍ର ଜାଲ୍ ବୋଲି ତା୨୦।୧।୧୯୯୭ରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତକରି ଅଭିଯୋଗର ସତ୍ୟତା ଥିବା ଜାଣିପାରିଥିଲା। ଏନେଇ କର୍ତ୍ତୃପକ୍ଷଙ୍କୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଅଦିତ ଓ ଅଜିତଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେମାନଙ୍କ ସହ ଏଥିରେ ସମ୍ପୃକ୍ତ ଅନ୍ୟ ୫ଜଣଙ୍କୁ ଗିରଫ କରାଯାଇଥିଲା। ପରେ ଏହି ମାମଲା ଭିଜିଲାନ୍ସ ହାତକୁ ଯାଇଥିଲା। ସେବେଠାରୁ ଭିଜିଲାନ୍ସ କୋର୍ଟରେ ଉକ୍ତ ମାମଲା ବିଚାରାଧୀନ ଥିଲା। ସମସ୍ତ ତଥ୍ୟ ପ୍ରମାଣକୁ ଆଧାରକରି ବୁଧବାର କୋର୍ଟ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଅଦିତ ଓ ଅଜିତଙ୍କୁ ଦଣ୍ଡିତ କରିବା ସହ ୫ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ପ୍ରସନ୍ନ ନାୟକ, ବସନ୍ତ ମହାନ୍ତି, କିଶୋର ଚନ୍ଦ୍ର ରାଉତରାୟ, ପ୍ରଶାନ୍ତ ଜେନା ଓ ଦିଲୀପ ଭଞ୍ଜ। ମାମଲାକୁ ସରକାରୀ ଓକିଲ ଶଶୀଧର ପଟ୍ଟନାୟକ ପରିଚାଳନା କରୁଥିଲେ।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

### ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ସ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଓ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଅଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ ସୂତ୍ରରେ ରହିଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ/ ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି, ଯାହାକୁ **"ଯେପରି ଯେଉଁଠାରେ ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ସୁରକ୍ଷିତ ଋଣଦାତା ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ. | ଶାଖା ନାମ / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର/ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|
| ୧. | **ବାଲେଶ୍ୱର ଶାଖା, ଫୋନ୍: ୮୭୯୦୫୪୮୩୭୯** ଋଣଗ୍ରହୀତା/ବନ୍ଧକଦାତା:**ଶ୍ରୀ ଯଯାତି ଦାସ,** ପିତା: ୰ ବିଜୟ କେଶରୀ ଦାସ, **ଋଣଗ୍ରହୀତା: ଶ୍ରୀମତୀ ବୈଥିକା ସ୍ୱାଇଁ,** ସ୍ୱାମୀ: ଯଯାତୀ ଦାସ, ଉଭୟଙ୍କ ଠିକଣା- ସା: ଭାସ୍କରଗଞ୍ଜ, ଷ୍ଟେସନ୍ ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧ | **ଶ୍ରୀ ଯଯାତି ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୭୪/୨୫୫, ପ୍ଲଟ୍ ନଂ.: ୫୮୦/୧୪୫୮, ୯୮୩/୧୪୬୧, କ୍ଷେତ୍ର: ଏକର୦.୦୨୬ଡିସିମିଲି ଏବଂ ଏକର୦.୦୪୭ଡିସିମିଲି, ମୌଜା: ଭାସ୍କରଗଞ୍ଜ, ତହସିଲ: ରେମୁଣା, ଥାନା: ବାଲେଶ୍ୱର ଟାଉନ, ଜିଲ୍ଲା: ବାଲେଶ୍ୱର ଏବଂ ଏହାର ଚଉହଦ୍ଦୀରେ- ପୂର୍ବ: ପ୍ଲଟ୍ ନଂ. ୪୬, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୪୬, ଦକ୍ଷିଣ: ଅନୁପ କୁମାର ପରମାର |
| ୨. | **କଣାସ ଶାଖା, ଫୋନ୍: ୯୪୪୯୪୯୯୪୦୯** ଋଣଗ୍ରହୀତା: **ଶ୍ରୀ ସନ୍ତୋଷ କୁମାର ସାହୁ,** ପିତା: ୰ ସୁରେନ୍ଦ୍ର ସାହୁ, **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ୰ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: କାତପଡା, ପୋ: ତ୍ରିଲୋଚନପୁର, ଥାନା: କଣାସ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୭ | **୧) ଶ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୩, କ୍ଷେତ୍ର: ଏକର୦.୦୨ଡିସିମିଲି, ଖାତା ନଂ.: ୪୧୩/୨୪ ଏବଂ ପ୍ଲଟ୍ ନଂ.: ୩୭୪, କ୍ଷେତ୍ର: ଏକର୦.୦୨ଡିସିମିଲି, ଖାତା ନଂ.: ୨୯, କିସମ: ଘରବାରି, ମୌଜା: କାତପଡା, ଏସ୍‌ଆର୍: କଣାସ, ଜିଲ୍ଲା: ପୁରୀ ଏବଂ ଏହାର ଚଉହଦ୍ଦୀରେ- ପୂର୍ବ: ଧବଳେଶ୍ୱର ମହାପାତ୍ର, ପଶ୍ଚିମ: ମୃତ୍ୟୁଞ୍ଜୟ ମହାପାତ୍ର, ଉତ୍ତର: ମୃତ୍ୟୁଞ୍ଜୟ ମହାପାତ୍ର, ଦକ୍ଷିଣ: ରାସ୍ତା **୨) ଶ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୦୯, କ୍ଷେତ୍ର: ଏକର୦.୦୧ଡିସିମିଲି, କିସମ: ଘରବାରି ଏବଂ ପ୍ଲଟ୍ ନଂ.: ୫୧୦, କ୍ଷେତ୍ର: ଏକର୦.୦୬ଡିସିମିଲି, କିସମ: ପତିତ, ଖାତା ନଂ.: ୪୧୩/୨୪, ମୌଜା: କାତପଡା, ଏସ୍‌ଆର୍: କଣାସ, ଜିଲ୍ଲା: ପୁରୀ ଏବଂ ଏହାର ଚଉହଦ୍ଦୀରେ- ପୂର୍ବ: ସନ୍ତୋଷ ମହାପାତ୍ର, ପଶ୍ଚିମ: ଖାଲି ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା |
| ୩. | **ଦଶରଥପୁର ଶାଖା, ଫୋନ୍: ୮୨୪୯୭୬୫୮୫୪** **ଋଣଗ୍ରହୀତା: ମେସର୍ସ ବାବା ଆଖଣ୍ଡଳମଣୀ ସପ୍ଲାୟର, ସ୍ୱତ୍ୱାଧିକାରୀ: ଶ୍ରୀ କିରଣ କୁମାର ମିଶ୍ର,** ପ୍ଲଟ୍ ନଂ.: ୫୫୨, ଓଡେଇ, ଦଶରଥପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ କିରଣ କୁମାର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ର, ସା/ପୋ: ଦଶରଥପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, **ଜାମିନ୍‌ଦାର: ଶ୍ରୀ ରାକେଶ କୁମାର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ର, ସା/ପୋ: ଦଶରଥପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬ | **୧) ଶ୍ରୀ କିରଣ କୁମାର ମିଶ୍ର ଏବଂ ଶ୍ରୀ ରାକେଶ କୁମାର ମିଶ୍ରଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୩୯୯/୩୯୮, ପ୍ଲଟ୍ ନଂ.: ୨୭୯, କ୍ଷେତ୍ର: ଏକର୦.୦୯୦ଡିସିମିଲି, ମୌଜା: ଦଶରଥପୁର, ତହସିଲ: ଦଶରଥପୁର, ଏସ୍‌ଆର୍‌ଓ: ମଙ୍ଗଳପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, କିସମ: ଘରବାରି ଏବଂ ଏହାର ଚଉହଦ୍ଦୀରେ- ପୂର୍ବ: ପଞ୍ଚାୟତ ରାସ୍ତା, ପଶ୍ଚିମ: ହରିନାରାୟଣ ମିଶ୍ର, ଉତ୍ତର: ହରିନାରାୟଣ ମିଶ୍ର, ଦକ୍ଷିଣ: ଜଳସେଚନ ଜମି **୨) ଶ୍ରୀ କିରଣ କୁମାର ମିଶ୍ର ଏବଂ ଶ୍ରୀ ରାକେଶ କୁମାର ମିଶ୍ରଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୩୯୯/୩୯୮, ପ୍ଲଟ୍ ନଂ.: ୨୯୯/୪୪୧୫, କ୍ଷେତ୍ର: ଏକର୦.୪୧୦ଡିସିମିଲି, ମୌଜା: ଦଶରଥପୁର, ତହସିଲ: ଦଶରଥପୁର, ଏସ୍‌ଆର୍‌ଓ: ମଙ୍ଗଳପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, କିସମ: ଘରବାରି ଏବଂ ଏହାର ଚଉହଦ୍ଦୀରେ- ପୂର୍ବ: ରାଧୁ ମିଶ୍ର, ପଶ୍ଚିମ: ପଞ୍ଚାୟତ ରାସ୍ତା, ଉତ୍ତର: ହରିନାରାୟଣ ମିଶ୍ର ଏବଂ ଗୌରୀଶଙ୍କର ମିଶ୍ର, ଦକ୍ଷିଣ: ଗୌରୀଶଙ୍କର ମିଶ୍ର |
| ୪. | **ଆନନ୍ଦପୁର ଶାଖା, ଫୋନ୍: ୯୩୪୮୫୭୮୫୯୫** **ଋଣଗ୍ରହୀତାମାନେ: ୧) ମେସର୍ସ ଶ୍ରୀ ଜଗନ୍ନାଥ ଟେକ୍ସଟାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଆତଶ କୁମାର ସାହୁ,** ସା: ଖପରାଖାଇ, ପୋ: ଘସିପୁରା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୨୧, **୨) ଶ୍ରୀ ଆତସ କୁମାର ସାହୁ,** ସା: ନୂଆ ସାହି, ପୋ: ପଦ୍ମପୁର, ଥାନା: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୨୧, **ଜାମିନ୍‌ଦାର/ ବନ୍ଧକଦାତା: ପ୍ରାଣକୃଷ୍ଣ ସାହୁ,** ପିତା: ୰ ରଥ ସାହୁ, ସା: ନୂଆ ସାହି, ପୋ: ପଦ୍ମପୁର, ଥାନା: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୨୧ | **ଶ୍ରୀ ପ୍ରାଣକୃଷ୍ଣ ସାହୁ,** ପିତା: ୰ ରଥ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାକି ଆର୍‌ଏସ୍‌ଡି୧୪, ପ୍ଲଟ୍ ନଂ.: ୩୪୫୭, ଖାତା ନଂ.: ୬୨୧/୭୦୬, ମୌଜା: ପଦ୍ମପୁର, ତହସିଲ: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, କ୍ଷେତ୍ର: ୨୧୭୮ ବର୍ଗଫୁଟରେ ଅବସ୍ଥିତ ଏବଂ ଏହାର ଚଉହଦ୍ଦୀରେ- ଉତ୍ତର: ରାସ୍ତା, ଦକ୍ଷିଣ: ଗୟାଧର ସାହୁ, ପୂର୍ବ: ବାବାଜୀ ସାହୁ, ପଶ୍ଚିମ: ଦୈତାରୀ ସାହୁ |
| ୫. | **ବାଲୁଗାଁ ଶାଖା, ଫୋନ୍: ୭୨୮୮୮୮୦୦୭୨** **ଋଣଗ୍ରହୀତା: ମେସର୍ସ ଶୁଭଲକ୍ଷ୍ମୀ ଗ୍ରେନ୍ ପ୍ରୋସେସିଂ ପ୍ରା. ଲିଃ.,** ସା: ପୁଞ୍ଜିଆମା ଶାସନ, ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୧, **ପରିଚାଳନା ନିର୍ଦ୍ଦେଶକ/ନିର୍ଦ୍ଦେଶକ/ଜାମିନ୍‌ଦାର/ବନ୍ଧକଦାତାମାନେ: ୧) ଶ୍ରୀ ଅମ୍ବିକା ପ୍ରସାଦ ମିଶ୍ର, ୨) ଶ୍ରୀମତୀ ସଞ୍ଜୁକ୍ତା ମିଶ୍ର, ୩) ଶ୍ରୀ ଆଦିତ୍ୟ ପ୍ରସାଦ ମିଶ୍ର,** ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ପୁଞ୍ଜିଆମା ଶାସନ, ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୧ | **୧) ଶ୍ରୀମତୀ ସଞ୍ଜୁକ୍ତା ମିଶ୍ରଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜମିର କ୍ଷେତ୍ର: ୨୬୧୩.୬୦ ବର୍ଗଫୁଟ, ପ୍ଲଟ୍ ନଂ.: ୧୬୪୩/୩୬୮୦, ଖାତା ନଂ.: ୪୧୭/୧୭୫୪, ମୌଜା: ଶିଶୁପାଳଗଡ଼, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉହଦ୍ଦୀରେ- ଉତ୍ତର: ପ୍ଲଟ୍ ନଂ. ୧୬୪୪/୧୬୪୧, ଦକ୍ଷିଣ: ୧୬୬୧, ପୂର୍ବ: ରାସ୍ତା, ପଶ୍ଚିମ: ଲବଙ୍ଗଲତା ସୁନ୍ଦରା ଏବଂ ଅନ୍ୟମାନେ **୨) ମେସର୍ସ ଶୁଭଲକ୍ଷ୍ମୀ ଗ୍ରେନ୍ ପ୍ରୋସେସିଂ ପ୍ରା. ଲିଃ.**ର ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜମିର କ୍ଷେତ୍ର: ୬୫,୯୯୩.୪୦ବର୍ଗଫୁଟ, ପ୍ଲଟ୍ ନଂ.: ୧ ଏବଂ ୧/୪୮୧, ଖାତା ନଂ.: ୩୭ ଏବଂ ୨୬/୩୬, ମୌଜା: କନ୍ଧ ପୁଞ୍ଜିଆମା, ଥାନା: ଭାଣପୁର ଏବଂ ନଂ. ୭୭, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉହଦ୍ଦୀରେ- ଉତ୍ତର: ରାସ୍ତା, ଦକ୍ଷିଣ: କେନାଲ, ପୂର୍ବ: ରାସ୍ତା, ପଶ୍ଚିମ: ମାଟିଆ ନାୟକ |
| ୬. | **ବାରବାଟି ଷ୍ଟାଡିୟମ ଶାଖା, କଟକ, ଫୋନ୍: ୮୩୨୭୭୧୪୫୯୭** **ଋଣଗ୍ରହୀତା/ଜାମିନ୍‌ଦାର: ଚୌଧୁରୀ ଆଇଜାଜୁଦ୍ଦିନ ଅହମ୍ମଦ,** ପିତା: ଚୌଧୁରୀ ସଲାଉଦ୍ଦିନ ଅହମ୍ମଦ, ପ୍ଲଟ୍ ନଂ.: ୬୦୮/୪୪୮୪, ମୌଜା: ନଂ. ୫ କଟକ ଟାଉନ, ୟୁନିଟ୍ ନଂ. ୧୬, କାଠଗଡା ସାହି, ଥାନା: ପୁରୀଘାଟ, ଜିଲ୍ଲା: କଟକ, **ଜାମିନ୍‌ଦାର/ବନ୍ଧକଦାତା: ଅକ୍ତାରୁନ ନିଶା ଅହମ୍ମଦ,** ସ୍ୱାମୀ: ଚୌଧୁରୀ ସଲାଉଦ୍ଦିନ ଅହମ୍ମଦ, [illegible] | **ଅକ୍ତାରୁନ ନିଶା ଅହମ୍ମଦଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଂ. ୫ କଟକ ଟାଉନ ୟୁନିଟ୍ ନଂ. ୧୬, କାଠଗଡା ସାହି, ଥାନା: ପୁରୀଘାଟ, ଜିଲ୍ଲା: କଟକ, ଖାତା ନଂ.: ୬୯୯/୩୪୮, ପ୍ଲଟ୍ ନଂ.: ୬୦୮/୪୪୮୪, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚଉହଦ୍ଦୀରେ- [illegible] |
| ୭. | **ଚଣ୍ଡିଖୋଲ ଶାଖା,** [illegible] ... ପୋ: ବଗରା (ଏନ୍‌ଏଚ୍-୫ ପାଖ), ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୧୨, **ଅଂଶୀଦାରମାନେ: ୧) ଶ୍ରୀ କୁମୁଦ ଚନ୍ଦ୍ର ସୁଆର,** ପିତା: ୰ ନୃସିଂହ ଚରଣ ସୁଆର, **୨) ଶ୍ରୀମତୀ କମଳା ସୁଆର,** ସ୍ୱାମୀ: ୰ ନୃସିଂହ ଚରଣ ସୁଆର, ଉଭୟଙ୍କ ଠିକଣା- ସା: ବଡବାରଙ୍ଗ, ପୋ: ବଳଦେବଜିଉ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୧୧ | **୧) ଶ୍ରୀମତୀ କମଳା ସୁଆର ଏବଂ ଶ୍ରୀ କୁମୁଦ ରଞ୍ଜନ ସୁଆରଙ୍କ** ନାମରେ ଥିବା [illegible] ... ଚଉହଦ୍ଦୀରେ- ପୂର୍ବ: ପ୍ଲଟ୍ ନଂ. ୮୩୧, ପଶ୍ଚିମ: ପ୍ଲଟ୍ ନଂ. ୮୨୯, ଉତ୍ତର: ପ୍ଲଟ୍ ନଂ. ୬୯୬, ଦକ୍ଷିଣ: ପ୍ଲଟ୍ ନଂ.: ୮୨୯ **୨) ଶ୍ରୀ ରଶ୍ମି ରଞ୍ଜନ ସୁଆର ଏବଂ ଶ୍ରୀ କୁମୁଦ ରଞ୍ଜନ ସୁଆରଙ୍କ** ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୬୨୯, ୩୬୩୦ ଏବଂ ୩୬୩୩, ଖାତା ନଂ.: ୨୪୪୧/୧୨୦ ଏବଂ ୨୪୪୧/୯୬, କ୍ଷେତ୍ର: ଏକର୦.୫୩୦ଡିସିମିଲି କିମ୍ବା ୨୩୦୮୬.୮ ବର୍ଗଫୁଟ, ମୌଜା: ଶାମଗୁଡିଆ, ଥାନା: କେନ୍ଦ୍ରାପଡା ଏବଂ ନଂ. ୨୪୨, ତହସିଲ: କେନ୍ଦ୍ରାପଡା ଏବଂ ନଂ.୨୪୨, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, **ପ୍ଲଟ୍ ନଂ. ୩୬୨୯, ୩୬୩୦**ର ଚଉହଦ୍ଦୀରେ- ପୂର୍ବ: ପ୍ଲଟ୍ ନଂ. ୩୬୨୮, ପଶ୍ଚିମ: ପ୍ଲଟ୍ ନଂ. ୩୬୨୪, ଉତ୍ତର: ପ୍ଲଟ୍ ନଂ. ୩୬୨୫, ଦକ୍ଷିଣ: ପ୍ଲଟ୍ ନଂ. ୩୬୨୬, **ପ୍ଲଟ୍ ନଂ. ୩୬୩୩**ର ଚଉହଦ୍ଦୀରେ- ପୂର୍ବ: ପ୍ଲଟ୍ ନଂ. ୩୬୩୪, ପଶ୍ଚିମ: ପ୍ଲଟ୍ ନଂ. ୩୬୩୨, ଉତ୍ତର: ପ୍ଲଟ୍ ନଂ. ୩୬୩୮, ଦକ୍ଷିଣ: ପ୍ଲଟ୍ ନଂ. ୩୬୩୭ |
| ୮. | **ଚଣ୍ଡିଖୋଲ ଶାଖା, ଫୋନ୍: ୮୯୭୫୯୧୯୦୭୫** **ଋଣଗ୍ରହୀତା: ମେସର୍ସ ରୁକ୍ମଣୀ ଅଟୋମୋବାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଚିତ୍ତରଞ୍ଜନ ପୃଷ୍ଟି,** ସା: ରତ୍ନଗିରି ବଜାର, ପୋ: ରତ୍ନଗିରି, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଚିତ୍ତରଞ୍ଜନ ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୨) ଶ୍ରୀ ନବକିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୩) ଶ୍ରୀ ବ୍ରଜ କିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୪) ଶ୍ରୀ ରାଜ କିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **ବାସସ୍ଥାନ ଠିକଣା-** ସା/ପୋ: କମ୍ପଗଡ, ଭାୟା: ଇନ୍ଦୁପୁର, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୪୨୧୪ | **୧) ଶ୍ରୀ ଚିତ୍ତରଞ୍ଜନ ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୨) ଶ୍ରୀ ନବକିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୩) ଶ୍ରୀ ବ୍ରଜ କିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟି, **୪) ଶ୍ରୀ ରାଜ କିଶୋର ପୃଷ୍ଟି,** ପିତା: ନୀଳମଣି ପୃଷ୍ଟିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାକି ତଳ ମହଲା ଏବଂ ପ୍ରଥମ ମହଲା ଗୋଟିଏ ପ୍ଲଟ୍‌ରେ ଅବସ୍ଥିତ ଯାହାର ଜମିର କ୍ଷେତ୍ର: ଏକର୦.୦୨ଡିସିମିଲି, ସେଟେଲମେଣ୍ଟ ଖାତା ନଂ.: ୨୫୯, ପ୍ଲଟ୍ ନଂ.: ୨୪୪୪/୩୦୦୭, ମୌଜା: କମ୍ପଗଡ, ଥାନା ନଂ./ତହସିଲ ନଂ. ୬୮, ଥାନା: ବିଂଝାରପୁର, ତହସିଲ: ବରୀ, ଜିଲ୍ଲା: ଯାଜପୁର, ଏସ୍‌ଆର୍: ବରୀ, କିସମ: ଘରବାରି, ସ୍ଥିତିବାନ, ଅନୁରୂପ ଖାତା ନଂ.: ୧୫, ପ୍ଲଟ୍ ନଂ.: ୧୬୧୫, କ୍ଷେତ୍ର: ଏକର୦.୦୦୬ଡିସିମିଲି ରୁ ଏକର୦.୦୦୩ଡିସିମିଲି ରୁ ଏକର୦.୦୦୨ଡିସିମିଲି, ଏହାର ଚଉହଦ୍ଦୀରେ- ପୂର୍ବ: ଗୌରାଙ୍ଗ ସାହୁ, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଗୌରାଙ୍ଗ ସାହୁ |
| ୯. | **କଟକ ଶାଖା, ଫୋନ୍: ୮୮୯୫୬୭୪୦୩୮** **ଋଣଗ୍ରହୀତା: ମେସର୍ସ ରୋହନ ଆଣ୍ଡ ସୋହନ ଇଣ୍ଟରନ୍ୟାଶନାଲ, ଅଂଶୀଦାର-୧: ଶ୍ରୀ ଚିତ୍ତରଞ୍ଜନ ଦାସ, ଅଂଶୀଦାର-୨: ଶ୍ରୀମତୀ ରୁପଶ୍ରୀ ଦାସ / ଋଣଗ୍ରହୀତା/ ବନ୍ଧକଦାତାମାନେ: ୧) ଶ୍ରୀ ଚିତ୍ତରଞ୍ଜନ ଦାସ, ୨) ଶ୍ରୀମତୀ ରୁପଶ୍ରୀ ଦାସ,** ସମସ୍ତଙ୍କ ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୬୦୫/୧୧୧୧, କୈବଲ୍ୟ ନଗର (ଅଣ୍ଡେଇ ସାହି), ପୋ: ଭେରିପୁର, ଜଗତପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୨୦୦ | **ଶ୍ରୀମତୀ ରୁପଶ୍ରୀ ଦାସ,** ସ୍ୱାମୀ: ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଗୃହ ସହିତ ଫ୍ୟାକ୍ଟ୍ରି ସେଡ୍‌ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୪୯/୩୮୨, ପ୍ଲଟ୍ ନଂ.: ୬୦୫/୧୧୧୧, କ୍ଷେତ୍ର: ଏକର୦.୦୧୧୫ଡିସିମିଲି (୫୦୦୯.୪ ବର୍ଗଫୁଟ), ମୌଜା: ଅଣ୍ଡେଇ ସାହି, ଥାନା: ସାଲେପୁର, (ଥାନା ନଂ. ୦୩), ପୋ: ସାଲେପୁର, ତହସିଲ: ସାଲେପୁର, ଜିଲ୍ଲା: କଟକ-୭୫୪୨୦୦, ଓଡ଼ିଶା, ଏହାର ଚଉହଦ୍ଦୀରେ- ପୂର୍ବ: ପ୍ଲଟ୍ ନଂ. ୬୦୩, ପଶ୍ଚିମ: ପ୍ଲଟ୍ ନଂ. ୬୦୫ (ଅଂଶ), ଉତ୍ତର: ଗୋଚର, ଦକ୍ଷିଣ: ସାବିତ୍ରୀ ବେହୁରା |
| ୧୦. | **ସହୀଦ ନଗର ଶାଖା, ଫୋନ୍: ୯୦୨୫୯୭୩୬୪୧** **ଋଣଗ୍ରହୀତା: ମେସର୍ସ ନ୍ୟାଶନାଲ ହ୍ୟୁମାନ ରୁରାଲ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ: ଶ୍ରୀ ଭାଗିରଥି ପ୍ରଧାନ,** ସା/ପୋ: ବାଲିପାଟଣା, ଭାୟା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୨, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: ୧) ଶ୍ରୀ ଭାଗିରଥି ପ୍ରଧାନ,** ସା/ପୋ: ବାଲିପାଟଣା, ଭାୟା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୨, **୨) ଶ୍ରୀ ପ୍ରଦିପ୍ତ କୁମାର ସ୍ୱାଇଁ,** ପିତା: ମଦ୍ଦରଧର ସ୍ୱାଇଁ, ସା: କୁଆଁସ, ପୋ: ତରଡାପଡ଼ା, ଜିଲ୍ଲା: ପୁରୀ, ଓଡ଼ିଶା, **୩) ଶ୍ରୀମତୀ ପ୍ରତିମା ବାରିକ,** ସ୍ୱାମୀ: ମୋହନ ବାରିକ, ସା: ଜଗନ୍ନାଥପୁର, ପୋ: କାକରୁଦ୍ରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **୪) ଶ୍ରୀ ନୀଳକଣ୍ଠ ପଣ୍ଡା,** ପିତା: ୰ ଦିନବନ୍ଧୁ ପଣ୍ଡା, ସା: ଆଇତଲଙ୍ଗ, ପୋ: ଅଠାନ୍ତର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **୫) ଶ୍ରୀମତୀ ଚାରୁଲତା ପ୍ରଧାନ,** ପିତା: ୰ ଅର୍ଜ୍ଜୁନ ପ୍ରଧାନ, **୬) ଶ୍ରୀ ସଞ୍ଜୟ କୁମାର ପ୍ରଧାନ,** ପିତା: ୰ ଅର୍ଜ୍ଜୁନ ପ୍ରଧାନ, ଉଭୟଙ୍କ ଠିକଣା- ସା/ପୋ: ରଟିଲୋ, ଭାୟା: ରେଞ୍ଚ, ଜିଲ୍ଲା: ପୁରୀ, ଓଡ଼ିଶା | **୧) ଶ୍ରୀ ଭାଗିରଥି ପ୍ରଧାନଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ସମୁଦାୟ କ୍ଷେତ୍ର: ଏକର୨.୪୦୦ଡିସିମିଲି, ଖାତା ନଂ.: ୭୦୦/୧୭୨, ପ୍ଲଟ୍ ନଂ.: ୧୯୩୧, ୧୪୭୨, ୧୪୪୦, ୧୪୭୧, ୧୪୫୦, ୧୫୭୬, ୧୪୬୮, ୧୪୪୫, ୨୦୯୪, ୧୪୯୪, ୧୫୭୫, ୧୪୭୪, ୧୯୩୪, ୧୪୮୬/୨୫୮୧, ୧୪୮୩/ ୨୫୮୦, ୧୪୯୬, ୧୪୮୭, ୧୯୩୨, ୧୪୮୯, ୧୪୬୪, ୧୪୬୦, ୧୪୭୬, ୧୪୭୮, ୧୪୭୫ ଏବଂ ୧୪୭୯, ଗ୍ରାମ: ଆଇତଲଙ୍ଗ, ତହସିଲ: ବାଲିପାଟଣା ଏବଂ ୪୨୭, ଥାନା: ବାଲିପାଟଣା ଏବଂ ନଂ. ୨୩, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୨, **୨)** ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜମିର କ୍ଷେତ୍ର: ଏକର୦.୦୭୦ଡିସିମିଲି, ଖାତା ନଂ.: ୮୧୫, ପ୍ଲଟ୍ ନଂ.: ୨୦୯୩, ରଟିଲୋ ଗ୍ରାମ, ତହସିଲ: ନିମାପଡା, ଥାନା: ନିମାପଡା ଏବଂ ନଂ. ୩୬, ପୁରୀ, ଓଡ଼ିଶା-୭୫୨୧୧୪ |
| ୧୧. | **ମଙ୍ଗେଶ୍ୱର ଶାଖା, ଫୋନ୍: ୯୫୧୫୨୨୦୨୭୧** **ଋଣଗ୍ରହୀତା: ମେସର୍ସ ଟେକୋଲାଇଟ୍ ଇଲେକ୍ଟ୍ରୋନିକ୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ରାମ କୃଷ୍ଣ ମହାପାତ୍ର, ନିର୍ଦ୍ଦେଶକ: ଶ୍ରୀମତୀ ପ୍ରିୟଙ୍କା ପଣ୍ଡା, ପଞ୍ଜିକୃତ କାର୍ଯ୍ୟାଳୟ:** ୧୦୩, ବି ବ୍ଲକ୍, ସନରାଇଜ୍ ଅନୁଲତା ରେସିଡେନ୍ସି, ପଟିଆ କଲେଜ ନିକଟ, ଭୁବନେଶ୍ୱର-୭୫୧୦୨୪, **ମୁଖ୍ୟ କାର୍ଯ୍ୟାଳୟ:** ସା: ୨୧୦, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ / **ଜାମିନ୍‌ଦାର/ବନ୍ଧକଦାତାମାନେ: ୧) ଶ୍ରୀମତୀ ରାଜେଶ୍ୱରୀ ମହାପାତ୍ର,** ସ୍ୱାମୀ: ୰ ବିନାୟକ ମହାପାତ୍ର, **୨) ଶ୍ରୀ ରାମ କୃଷ୍ଣ ମହାପାତ୍ର,** ପିତା: ବିନୟ କୁମାର ମହାପାତ୍ର, **୩) ଶ୍ରୀମତୀ ପ୍ରିୟଙ୍କା ପଣ୍ଡା,** ସ୍ୱାମୀ: ଶ୍ରୀ ରାମ କୃଷ୍ଣ ମହାପାତ୍ର, **ବାସସ୍ଥାନ ଠିକଣା-** ୧୦୩, ବି ବ୍ଲକ୍, ସନରାଇଜ ଅନୁଲତା ରେସିଡେନ୍ସି, ପଟିଆ କଲେଜ ନିକଟ, ଭୁବନେଶ୍ୱର-୭୫୧୦୨୪ | **ଶ୍ରୀମତୀ ରାଜେଶ୍ୱରୀ ମହାପାତ୍ରଙ୍କ** ନାମରେ ଥିବା ଫ୍ରିହୋଲ୍ଡ ବାସପୋଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୨୩, ଖାତା ନଂ.: ୨୩୯, କ୍ଷେତ୍ର: ଏକର୦.୦୧୨ଡିସିମିଲି, ମୌଜା: ହରିଡାଖଣ୍ଡି, ତହସିଲ: ବ୍ରହ୍ମପୁର, ଏସ୍‌ଆର୍‌ଓ: ବ୍ରହ୍ମପୁର-୧, ଜିଲ୍ଲା: ଗଞ୍ଜାମ, ଏହାର ଚଉହଦ୍ଦୀରେ- ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ରଙ୍ଗନିଧି ସାହୁଙ୍କ ଗୃହ, ଦକ୍ଷିଣ: ଦିଲି ସାହୁଙ୍କ ଗୃହ |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ ବିଡ୍/କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ ଏବଂ ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ) |
|---|---|---|---|---|---|---|---|
| ୧. | ଟ.୨,୪୧,୭୯,୪୦୦/- | ଟ.୨୪,୧୭,୯୪୦/- | ଟ.୧୮,୭୭,୩୦୯/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୭.୦୬.୨୦୧୫ / ୨୭.୧୧.୨୦୧୫ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୨. | ଟ.୨୮,୫୦,୦୦୦/- | ଟ.୨,୮୫,୦୦୦/- | ଟ.୧୪,୩୧,୧୨୭.୬୦ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୧୭.୦୭.୨୦୨୩ / ୨୩.୧୧.୨୦୨୩ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୩. | ଟ.୮୨,୫୨,୦୦୦/- | ଟ.୮,୨୫,୨୦୦/- | ଟ.୪୩,୨୪,୯୦୭/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୧.୧୧.୨୦୨୩ / ୧୯.୦୨.୨୦୨୪ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୪. | ଟ.୨୦,୬୩,୦୦୦/- | ଟ.୨,୦୬,୩୦୦/- | ଟ.୨୨,୨୬,୯୯୮.୬୭ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୧୭.୧୧.୨୦୨୩ / ୦୨.୦୩.୨୦୨୪ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୫. | ସମ୍ପତ୍ତି-୧ ଟ.୩୬,୯୭,୦୦୦/- ସମ୍ପତ୍ତି-୨ ଟ.୨୬,୧୩,୦୦୦/- | ସମ୍ପତ୍ତି-୧ ଟ.୩,୬୯,୭୦୦/- ସମ୍ପତ୍ତି-୧ ଟ.୨,୬୧,୩୦୦/- | ଟ.୩,୧୫,୬୧,୪୨୪/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୦୭.୦୧.୨୦୧୭ / ୨୭.୦୪.୨୦୧୭ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୬. | ଟ.୪୬,୫୮,୦୦୦/- | ଟ.୪,୬୫,୮୦୦/- | ଟ.୨୭,୭୮,୭୩୨/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୧୫.୦୭.୨୦୧୭ / ୧୭.୦୩.୨୦୧୮ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୭. | ଟ.୧,୪୭,୨୩,୦୦୦/- | ଟ.୧୪,୭୨,୩୦୦/- | ଟ.୧,୮୮,୭୮,୯୦୩/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୦୨.୦୬.୨୦୧୨ / ୨୫.୦୮.୨୦୧୨ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୮. | ଟ.୧୦,୮୨,୦୦୦/- | ଟ.୧,୦୮,୨୦୦/- | ଟ.୨୦,୭୦,୩୨୯.୮୩ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୦୭.୦୬.୨୦୨୨ / ୨୩.୦୯.୨୦୨୨ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୯. | ଟ.୪୫,୮୨,୦୦୦/- | ଟ.୪,୫୮,୨୦୦/- | ଟ.୮୦,୩୯,୩୨୭/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୧.୦୮.୨୦୨୧ / ୨୨.୦୨.୨୦୨୩ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୧୦. | ସମ୍ପତ୍ତି-୧ ଟ.୩୯,୧୧,୦୦୦/- ସମ୍ପତ୍ତି-୨ ଟ.୧୦,୬୦,୦୦୦/- | ସମ୍ପତ୍ତି-୧ ଟ.୩,୯୧,୧୦୦/- ସମ୍ପତ୍ତି-୧ ଟ.୧,୦୬,୦୦୦/- | ଟ.୨,୧୮,୧୩,୩୩୮/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୧୧.୧୦.୨୦୧୪ / ୦୯.୦୧.୨୦୧୫ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |
| ୧୧. | ଟ.୧୮,୩୪,୦୦୦/- | ଟ.୧,୮୩,୪୦୦/- | ଟ.୫୦,୨୭,୬୧୨.୮୩ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୨.୦୫.୨୦୨୩ / ୨୦.୦୭.୨୦୨୩ | ୨୭.୦୬.୨୦୨୪ ପର୍ଯ୍ୟନ୍ତ | ୨୭.୦୬.୨୦୨୪ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୨୮.୦୬.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା |

**ନିୟମ ଏବଂ ସର୍ତ୍ତାବଳୀ :**

(୧) ସମ୍ପତ୍ତିଗୁଡିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **https://www.mstcecommerce.com/auctionhome/ibapi/index.jsp**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ କିମ୍ବା ଇମେଲ ମାଧ୍ୟମରେ ପୋର୍ଟାଲ- **https://www.mstcecommerce.com/autionhome/ibapi/index.jsp**ରେ ରେଜିଷ୍ଟର କରନ୍ତୁ ଏବଂ ସେମାନେ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ। (୩) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍ ଲାଇନ" ମାଧ୍ୟମରେ ପୋର୍ଟାଲ **https://www.mstcecommerce.com/auctionhome/ibapi/index.jsp** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ପାନ୍‌କାର୍ଡ / ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୪) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **EFT/NEFT/RTGS M/s MSTC Ltd.** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://www.mstcecommerce.com/auctionhome/ibapi/index.jsp** ମାଧ୍ୟମରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୫) ଅମାନତ ରାଶି ବିନା ପ୍ରସ୍ତାବଗଡିକ ବାତିଲ କରାଯିବ। (୬) ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ। ନିଲାମ / ବିଡିଂ ଅନ୍ତତଃ ୪୨୦ ମିନିଟ୍ ଅବଧି ପାଇଁ ହେବ, ବିକ୍ରୟ ସମାପ୍ତ ନହେବା ପର୍ଯ୍ୟନ୍ତ ସ୍ୱତଃ ୧୦ ମିନିଟ୍ ବୃଦ୍ଧି ପାଇବ। ଉପର ଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି: **ଟ.୩୦,୦୦୦/-**, ଇ-ନିଲାମ ବନ୍ଦ ହେବାର ପୂର୍ବ ୧୦ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୧୦ ମିନିଟ୍ ବୃଦ୍ଧି ପାଇବ। (୭) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବି ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୮) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ। (୯) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନ୍‌ଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୦) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୧) ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରି ଅଛି'' ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୨) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ। (୧୩) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୪) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କ ଆକାଉଣ୍ଟ ନମ୍ବରକୁ EFT/NEFT/RTGS ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କ ଇ-ମେଲ ଆଇଡି ମାଧ୍ୟମରେ ଜଣାଇଦିଆଯିବ। (୧୫) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧୀକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୬) ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୭) ଇ-ନିଲାମ/ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: 0815samd@iob.in or visit website: https://www.mstcecommerce.com/auctionhome/ibapi/intex.jsp** ରଖାଯାଇଛି। (୧୮) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୮ (୬) ଅନୁଯାୟୀ ଉପରୋକ୍ତ କ୍ର.ନଂ.୧ ରୁ ୧୧ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା **୧୫/୩୦ ଦିନିଆ** ନୋଟିସ୍ ଅଟେ। (୧୯) କ୍ର.ନଂ. ୧ ରୁ ୧୧ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ/ଗଠନମୂଳକ ଦଖଲରେ ଅଛି। (୨୦) ଉପରଦର୍ଶିତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ / ଗଠନମୂଳକ ଦଖଲରେ ଅଛି ଏବଂ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। କେବଳ ସମ୍ପତ୍ତିର ପରିବହନ/ ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁସାରେ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ / କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ, ସଫଳ ନିଲାମଧାରୀଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ / ଦାବୀ /କ୍ଷତିପୂରଣ ଦିଆଯିବ ନାହିଁ। (୨୧) ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ / ଫୋରମ୍ / ଟ୍ରିବୁନାଲ ଇତ୍ୟାଦି ନିକଟରେ ଅନୁମୋଦନ କରାଯାଏ ତେବେ ବିକ୍ରୟ / ନିଲାମର ଚୂଡାନ୍ତକରଣ କେବଳ ଉପରୋକ୍ତ କୋର୍ଟ / ଫୋରମ୍ / ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ଏବଂ କୋର୍ଟ / ଫୋରମ୍ / ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ ନିଲାମଧାରୀମାନଙ୍କୁ ଅମାନତ ରାଶି / ଚୂଡାନ୍ତ ବିଡ୍ ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ / ଦାବୀ / କ୍ଷତିପୂରଣ ଇତ୍ୟାଦି ପ୍ରଦାନ କରିବ ନାହିଁ।

**ତାରିଖ: ୨୨.୦୫.୨୦୨୪, ସ୍ଥାନ: ଭୁବନେଶ୍ୱର**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

# ୬ ବର୍ଷ ହେଲା ସରୁନି ନକଲି ଶିକ୍ଷକଙ୍କ ତଦନ୍ତ

■ କ୍ରିମିନାଲ, ଡିପାର୍ଟମେଣ୍ଟାଲ ପ୍ରୋସିଡିଂର ଶେଷ ସ୍ଥିତି ଦାଖଲ ନିର୍ଦ୍ଦେଶ
■ ଜିଲା ଶିକ୍ଷାଧିକାରୀଙ୍କୁ ପୁଣି ଡିଇଇଙ୍କ ପତ୍ର

**ଯାଜପୁର,୨୨।୫ (ହର୍ଷବର୍ଦ୍ଧନ ବେହେରା):** ରାଜ୍ୟରେ ନକଲି ଶିକ୍ଷକଙ୍କୁ ଠାବ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହେବାର ୬ ବର୍ଷ ପରେ ବି ଆବଶ୍ୟକ ପଦକ୍ଷେପ ନୈରାଶ୍ୟଜନକ ହୋଇଛି। ଇତିମଧ୍ୟରେ ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ନିର୍ଦ୍ଦେଶକଙ୍କୁ କାରଣଦର୍ଶାଅ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି କ୍ରମରେ ଡିଇଇ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀମାନଙ୍କୁ ଆସନ୍ତା ୧୫।୬।୨୦୨୪ ସୁଦ୍ଧା ଚିହ୍ନଟ ନକଲି ଶିକ୍ଷକଙ୍କ ବିରୋଧରେ ଉଭୟ କ୍ରିମିନାଲ ଓ ଡିପାର୍ଟମେଣ୍ଟାଲ ପ୍ରୋସିଡିଂର ଶେଷତମ ସ୍ଥିତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଡମ୍ବନା, ନକଲି ଜାତିଗତ ଓ ଶିକ୍ଷା ପ୍ରମାଣପତ୍ର ବଳରେ ଶିକ୍ଷକତା କରୁଥିବା ଯାଜପୁର ଜିଲାର ଶତାଧିକ ଶିକ୍ଷକଙ୍କୁ ବିଭାଗୀୟ ତାଲିକାରୁ ବାଦ ଦିଆଯାଇଛି। ଏନେଇ ଶତାଧିକ ଥର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ହେଉଥିଲେ ହେଁ ଜିଲାସ୍ତରୀୟ ଅଧିକାରୀମାନେ କଳେବଳେ କୌଶଳେ ଉକ୍ତ ନକଲି ଶିକ୍ଷକମାନଙ୍କୁ ସୁରକ୍ଷା ଦେଇଆସୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲାର କୋରେଇ ବ୍ଲକ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଶତାଧିକ ନକଲି ଶିକ୍ଷକ ଛପି ରହିଛନ୍ତି। ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)(ସିସିଏ) ୧୯୬୨ ଆଇନର ଧାରା ୧୫ ଅନୁଯାୟୀ ଚାକିରିରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଏକାଧିକ ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ଏହାର ଉଲ୍ଲଂଘନ କରିଆସୁଛନ୍ତି। ଏହି ଉଲ୍ଲଂଘନକାରୀ ଅଧିକାରୀମାନଙ୍କ ବିରୋଧରେ ମଧ୍ୟ ଅତୀତରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଫସର ଫାଟିଛି। ଏହାପୂର୍ବରୁ ସଞ୍ଜୟ କୁମାର ମହାରଣା ହାଇକୋର୍ଟରେ ୧୮୭୫୨/୨୦୧୮ରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଶିକ୍ଷା ବିଭାଗ ପକ୍ଷରୁ ଯେନତେନ ପ୍ରକାରେ ତଦନ୍ତ କରି ୩୯୪ ଜଣ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଉକ୍ତ ତାଲିକାରେ ଯାଜପୁର ଜିଲାର ମାତ୍ର ଜଣେ ନକଲି ଶିକ୍ଷକ ଥିବା ଦର୍ଶାଯାଇଛି। ହେଲେ ବାସ୍ତବରେ ଆଜି ବି ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ ନକଲି ଶିକ୍ଷକ ଥିବା ସନ୍ଦେହ କରାଯାଉଛି। ଏହି ଜିଲାର ବ୍ୟାସନଗର ତହସିଲ ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। କେନ୍ଦୁଝର ଜିଲା ଘସିପୁରା ତହସିଲ ଅଞ୍ଚଳରେ ନାମକୁ ମାତ୍ର ଜମି କିଣି ସେହି ଜମିପଟ୍ଟା ବଳରେ ଆଦିବାସୀ ଜାତିଗତ ପ୍ରମାଣପତ୍ର ହାସଲ କରି ସରକାରୀ ଶିକ୍ଷକତା କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାବାଦ ବଡ଼ଚଣା ବ୍ଲକରେ ନକଲି ଓଟିଇଟି(ଓଡିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପ୍ରମାଣପତ୍ର ବଳରେ ୩ ଜଣ ଶିକ୍ଷକ ଚାକିରି କରୁଥିବା ଧରାପଡିଥିଲା। ଏହି କ୍ରମରେ ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସହକାରୀ ଶିକ୍ଷକମାନଙ୍କୁ ନିଲମ୍ବନ କରାଯାଇଛି। ଏହାବାଦ୍ କୋରେଇ ବ୍ଲକର ଦୁଇ ଭାଇ ଓ ଭଉଣୀ ନକଲି ଶିକ୍ଷକତା କରୁଥିବା ପ୍ରମାଣ ମିଳିବା ପରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ଏପରି ଭାବେ ଯାଜପୁର ଜିଲାରେ ଶତାଧିକ ନକଲି ଶିକ୍ଷକ ରହିଥିଲେ ହେଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ ଏଯାଏ କ୍ରିମିନାଲ କିମ୍ବା ବିଭାଗୀୟ ପ୍ରୋସିଡିଂ ଗ୍ରହଣ ହୋଇ ନ ଥିବା ଜଣାପଡିଛି। ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ଅସନଝର ଗ୍ରାମର ହରିହର ନାମକ ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେବ ନକଲି ଅନୁସୂଚିତ ଜନଜାତି (ଏସ୍‌ଟି) ସାର୍ଟିଫିକେଟ ହାସଲ କରି ଶିକ୍ଷା ବିଭାଗରେ ଚାକିରି କରି ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ସେ ପଦୋନ୍ନତି ପାଇ ପ୍ରଥମେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ଜିଲାର କେତେଜଣ ସାମାଜିକ କର୍ମୀ ଏକାଧିକ ଥର ଏନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଛି। ଖାଲି ସେତିକି ନୁହେଁ, ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ଏହି ବିଇଓ ଜଣକ ନିଜେ ସୁରକ୍ଷିତ ରହିବା ସହିତ ଏକାଧିକ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି । ନକଲି ପ୍ରମାଣପତ୍ର ବଳରେ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ଅଭିଯୋଗ ଉପରେ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଗତ ୮।୮।୨୦୨୨ରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ତତ୍କାଳୀନ ବ୍ୟାସନଗର ତହସିଲଦାର କୌଣସି କ୍ଷେତ୍ର ପରିଦର୍ଶନ ନ କରି ଅଫିସରେ ବସି ସେମାନଙ୍କ ସପକ୍ଷରେ ରିପୋର୍ଟ ଦେବାରୁ ସେମାନେ ଆଜିପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗ ହାସଲ କରିଆସୁଛନ୍ତି। ଏଭଳି ଭାବେ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦିଆଯାଉଥିବାରୁ ମେଧାବୀ ଡିଗ୍ରୀଧାରୀ ଛାତ୍ରୀଛାତ୍ର ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ରହୁଥିବା ମତପ୍ରକାଶ ପାଇଛି।



ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ୧୫ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ଦାବି

**ଡଙ୍କାରୀ ଖାଦାନରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ଧର୍ମଶାଳା,୨୨।୫(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ଅତଡ଼ା ଧସି ୩ ଶ୍ରମିକଙ୍କ ମୃତ୍ୟୁ ହେବା ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ। ଡଙ୍କାରୀରେ କେବଳ ଏହି ଘଟଣା ନୁହେଁ, ପୂର୍ବରୁ ଅନେକ ଥର ଏଭଳି ଘଟଣା ଘଟି ବହୁ ଶ୍ରମିକଙ୍କ ଜୀବନ ହାନି ଘଟିଛି। ଏନେଇ ନ୍ୟାୟାଳୟରେ ହୋଇଥିବା ମାଲା ମଧ୍ୟ ବିଚାରାଧୀନ ରହିଛି। ଜିଲା ପ୍ରଶାସନର ଜାଣତରେ ଏଭଳି ଘଟଣା ବାରମ୍ବାର ଘଟୁଛି। ଏଥିପ୍ରତି ସରକାର ଆଖି ବୁଜି ଦେଇଛନ୍ତି ବୋଲି ଶ୍ରମିକନେତା ଅଭିଯୋଗ କରିଛନ୍ତି। ଏଥିସହିତ ଘଟଣାର ଉପଯୁକ୍ତ ତଦନ୍ତ କରି ମୃତ ଶ୍ରମିକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ଦାବିକୁ ଯଦି ପ୍ରଶାସନ କାର୍ଯ୍ୟକାରୀ ନ କରେ ତେବେ ନିର୍ବାଚନପରେ ଏହାକୁ ଜାତୀୟ ପ୍ରସଙ୍ଗ କରାଯିବ ବୋଲି ସେ ଜାରକାଠାରେ ଏକ ଖଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ସେହିପରି ଭାଜପାର ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ରଖିଥିବା ପ୍ରତିକ୍ରିୟାକୁ ନେଇ ଖୁଣ୍ଟିଆ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଣେ ଜାତୀୟସ୍ତରର ନେତା ହୋଇ ମହାପ୍ରଭୁଙ୍କୁ ନେଇ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏହାର ଉଚିତ ଜବାବ ଓଡ଼ିଶାବାସୀ ଦେବେ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଷାନ ପଣ୍ଡା, ବସନ୍ତ କୁମାର ପରିଡ଼ା, ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ କୁମାର ରାୟ ଓ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଅସ୍ମିତା ରକ୍ଷା କରିବାକୁ ଏକତ୍ର ହୁଅ

**ଭାଜପାର ବିଜୟ ସଂକଳ୍ପ ସମାବେଶ, ମିଶ୍ରଣ ପର୍ବ**

**କୁଜଙ୍ଗ,୨୨।୫(ମନୋଜ ପ୍ରଧାନ)** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଳରାମପୁରଠାରେ ଭାଜପାର ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ପ୍ରଦେଶର ପୂର୍ବତନ ବିଧାୟକ ଅଶୋକ ବନ୍‌ସାଲ୍ ଯୋଗଦେଇ ଓଡ଼ିଆ ଅସ୍ମିତାକୁ ରକ୍ଷାକରିବା ପାଇଁ ସମସ୍ତ ଓଡ଼ିଶାବାସୀ ଏକତ୍ର ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଉପରେ ଜୋର ଦେଇଥିଲେ।

ଭାଜପାର ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ଓ ପାରାଦୀପ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ସମର୍ଥନ କରିବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ପାରାଦୀପରେ ବଂଶବାଦ ରାଜନୀତି ଚାଲିଥିବା କହିଥିଲେ। ଗାଁକୁ ପିଇବା ପାଣି ମିଳୁ ନ ଥିବା ବେଳେ ଶିଳ୍ପ ସମୃଦ୍ଧ ପାରାଦୀପରେ ବେକାରି ସମସ୍ୟା ଉତ୍କଟ ବୋଲି କହିଥିଲେ। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଅଞ୍ଚଳବାସୀ ଅବହେଳିତ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ବରିଷ୍ଠ ସୂଚନା ଅଧିକାର କର୍ମୀ ରବୀନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦେବୀ ପ୍ରସାଦ ପଟ୍ଟନାୟକ, ନିମାଇଁ ଚରଣ ନାୟକ, ଛାତ୍ରନେତା ସଞ୍ଜୀବ ବେହେରା, ଆର୍ତ୍ତବନ୍ଧୁ ନାୟକ, ବରିଷ୍ଠ କଂଗ୍ରେସ କର୍ମୀ ବିଜୟ ମହାରଣା, ଶୁଚିସ୍ମିତା ମହାରଣା, ମାଳିନୀ ସିଂ, ସଂଯୁକ୍ତା ମହାରଣା, ପଦ୍ମାଳୟା ମହାରଣା ଓ ଆଇନଜୀବୀ ଅଭୟ ମହାରଣା ପ୍ରମୁଖ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ସାହୁ, ମନୋଜ ଭାଇ, ରାଜେନ୍ଦ୍ର ନାରାୟଣ ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଆଲୋକ ସାହୁ, ମିଟିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିବା କର୍ମୀ ଓ ନେତୃମଣ୍ଡଳୀ।

# ଜାହାଜ କ୍ରେନ୍‌ରୁ ଖସି ଫିଲିପାଇନ୍ସ ନାଗରିକ ମୃତ

**ପାରାଦୀପ,୨୨।୫(ଶରତ ରାଉତ):** ପାରାଦୀପ ବନ୍ଦର ମଧ୍ୟରେ ଥିବା ଘରୋଇ କମ୍ପାନୀ ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ(ପିଆଇସିଟି) ବର୍ଥରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ପଣ୍ୟବାହୀ ଜାହାଜ ଏମ୍‌ଭି ୟୁକା-ଡିର କ୍ରେନ୍ ଅପରେଟର ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଫିଲିପାଇନ୍ସ ନାଗରିକ କ୍ୟୁ ଇ ଡବ୍ଲ୍ୟୁ ଆଜାର ଉତ୍କମ (୩୪)। ସେ କ୍ରେନ୍ ଭିତରେ ଥିବା କ୍ୟାବିନରେ ଚଢ଼ି ସଫା କରୁଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ମେରାଇନ ଥାନାଧିକାରିଣୀ ବବିତା ଦେଉରୀ କହିଛନ୍ତି। ଏହାପରେ ମୃତଦେହ ପାରାଦୀପ ବନ୍ଦର ଚିକିତ୍ସାଳୟରେ ସଂରକ୍ଷିତ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ହେବ। ତା'ପରେ ଜାହାଜ ଏଜେଣ୍ଟ ଜରିଆରେ ତାଙ୍କ ଦେଶକୁ ଖବର ଦିଆଯିବ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩/୨୪ ) ରୁଜୁ ହୋଇଛି। ଉକ୍ତ ଜାହାଜ ଖାଲି ଆସିଥିଲା। ପିଆଇସିଟି ବର୍ଥରେ ପଣ୍ୟ ବୋଝେଇ ହୋଇଥାନ୍ତା। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୯ରେ ସେହି ପିଆଇସିଟି ବର୍ଥରେ ଲାଗିଥିବା ଏମ୍‌.ଭି ଦେବୀ ନାମକ ଜାହାଜ କ୍ରେନ ମଧ୍ୟରୁ ୨୨୦ କୋଟି ଟଙ୍କାର କୋକେନ ଜବତ କରାଯାଇଥିଲା। ଏପର୍ଯ୍ୟନ୍ତ ସେହି ଜାହାଜ ଅଟକ ଅଛି ଓ ସେଥିରେ ୨୧ ଜଣ ନାବିକ ମଧ୍ୟ ରହିଛନ୍ତି।

# ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଚାରା ରୋପଣ



ଟାଟା ଷ୍ଟିଲ୍ ପକ୍ଷରୁ ଚାରା ରୋପଣ କରାଯାଉଛି।

**ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ**

**ଯାଜପୁର,୨୨।୫(ହର୍ଷବର୍ଦ୍ଧନବେହେରା):** ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ସ୍ଥାନୀୟ ଜୈବ ବିବିଧତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚାରା ରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀମାନେ ବ୍ରାହ୍ମଣୀପାଳ ହାଉସିଂ କଲୋନୀ ଓ ଫ୍ଲଟ୍ -୨ ହାଉସିଂ କଲୋନୀରେ ବିଭିନ୍ନ ଦେଶୀ ପ୍ରଜାତିର ୫ଶହରୁ ଅଧିକ ଚାରା ରୋପଣ କରିଥିଲେ। ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ବ୍ରାହ୍ମଣୀପାଳ ହାଉସିଂ କଲୋନୀରେ ଆୟୋଜିତ ଚାରାରୋପଣ ଅଭିଯାନରେ ଟିଏସ୍‌କେର ଉପାଧ୍ୟକ୍ଷ ରାଜୀବ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ଟାଟା ଷ୍ଟିଲ୍ ପରିବେଶ ପରିଚାଳନା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ବିଭିନ୍ନ ସ୍ଥାୟିତ୍ୱ ପଦକ୍ଷେପକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରୁଛି ବୋଲି କହିଥିଲେ। ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପ୍ରାକୃତିକ ପରିବେଶର ସୂକ୍ଷ୍ମ ସନ୍ତୁଳନର ସଂରକ୍ଷଣ ଏବଂ ପୋଷଣ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ବାର୍ଷିକ କାର୍ଯ୍ୟକ୍ରମ ବୋଲି ସୂଚନା ଦିଆଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମିତ୍


@ ଲକ୍ଷ୍ମୀଧର


@ ପଞ୍ଚାନନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ବଡ଼ଚଣା ଆସିବେ ଜେ.ପି. ନଡ୍ଡା, ୨୫ରେ ପାଣ୍ଡିଆନ୍

**ଚଣ୍ଡିଖୋଲ/ବଡ଼ଚଣା,୨୨।୫(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଗୁରୁବାର ବଡ଼ଚଣା ଆସିବେ। ସେଥିପାଇଁ ବଡ଼ଚଣା ମହୋତ୍ସବ ପଡ଼ିଆରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ସେ ଅପରାହ୍ନ ୩ଟାରେ ବଡ଼ଚଣା ମହୋତ୍ସବ ପଡ଼ିଆରେ ପହଞ୍ଚି ଉଦ୍‌ବୋଧନ ଦେବେ ବୋଲି ପାର୍ଟି ପକ୍ଷରୁ ସୂଚନା ଦିଆଯାଇଛି। ନଡ୍ଡା ଯାଜପୁର ଲୋକସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ଓ ବଡ଼ଚଣା ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଅମର ନାୟକଙ୍କ ପାଇଁ ପ୍ରଚାର କରିବେ। ଏହାକୁ ନେଇ ବଡ଼ଚଣା ଭାଜପା କର୍ମୀମାନେ ବେଶ ଉତ୍ସାହିତ ହୋଇଛନ୍ତି। ନଡ୍ଡାଙ୍କ ସଭାରେ କିଭଳି ଅଧିକ ସଂଖ୍ୟାରେ ଲୋକ ହେବେ ସେଥିପାଇଁ କର୍ମୀମାନେ ଲାଗି ପଡିଛନ୍ତି। ସେହିପରି ଆସନ୍ତା ୨୫ ତାରିଖରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ବଡ଼ଚଣା ଗସ୍ତରେ ଆସୁଛନ୍ତି। ସେ ବଡ଼ଚଣା ବିଧାନ ସଭାକ୍ଷେତ୍ରର ମହାବିନାୟକ ପୀଠ ପାହାଡ ତଳେ ଏକ ସଭାରେ ଯୋଗ ଦେବେ। ସେଥିପାଇଁ ବିଜୁ ଜନତା ଦଳ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର ହୋଇଛି।

# ବଢୁଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା

■ ସହଜରେ ମିଳୁଛି ଶିକ୍ଷା ପ୍ରମାଣପତ୍ର
■ ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି
■ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ପାଇଁ ଦାବି

**କେନ୍ଦ୍ରାପଡ଼ା,୨୨।୫(ଜଗନ୍ନାଥ ଧଳ)** ଅନୁପ୍ରବେଶ ଓ ଆତଙ୍କବାଦ ସହିତ କେନ୍ଦ୍ରାପଡ଼ା ଜିଲାର ସଂଯୋଗ ରହିଥିବା ବେଳେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାର କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଏହି ଜିଲାର ୪୮ କି.ମି. ଖୋଲାମେଲା ସମୁଦ୍ର ତଟ ଏବେ ବି ମୁକୁଳା ହୋଇଥିବାରୁ ଅନୁପ୍ରବେଶକାରୀ ପଶି ଆସିବା ନେଇ ଜିଲାବାସୀ ଭୟଭୀତ ହୋଇଛନ୍ତି । ୨୦୦୮ରେ ବମ୍ବେ ଆକ୍ରମଣ ପରେ ସମସ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ନଜର ରଖିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଏନ୍‌ଆଇଏ ଦ୍ୱାରା ସନ୍ଦିଗ୍ଧ ଆତଙ୍କବାଦୀ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତେଣ୍ଡାକୁଡା ଗ୍ରାମର ହବିବୁର ରହେମାନ ୨୦୧୮ରେ ଧରା ପଡିବା ପରେ ଏନେଇ ଆଲୋଚନା ହୋଇଥିଲା । ୨୦୦୭ରେ ରାଜସ୍ଥାନର ଭାରତ ପାକିସ୍ଥାନ ସୀମାରୁ ଗିରଫ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଟାଉନ ଥାନା ଅନ୍ତର୍ଗତ ରଣପଡ଼ାର ମହମ୍ମଦ ଜାଭେଦଙ୍କୁ ରାଜସ୍ଥାନ ପୋଲିସ ୨୦୧୦ରେ ଏଠାକୁ ଆସି ଖୋଜିଥିଲେ । ଏଥିସହିତ ଭିତରକନିକା ଅଞ୍ଚଳରୁ ପୂର୍ବରୁ ଅନୈତିକ ରେଡିଓ ଷ୍ଟେଶନ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲା । ଏବେ ମଧ୍ୟ ସି ସଟଲ ମାଧ୍ୟମରେ ବାଂଲାଦେଶୀ ଏହି ଜିଲାକୁ ପଶି ଆସି ବସବାସ କରୁଥିବା ବହୁ ଅଭିଯୋଗ ହୋଇଛି । ଏପରି କି ବାଂଲାଦେଶର ଅମିତ ରାୟଙ୍କ ଭିସା ଓ ଅନ୍ୟାନ୍ୟ କାଗଜପତ୍ର ଜିଲା ପ୍ରଶାସନ ୨୦୧୮ରେ ଜବତ କରିଛି । ଏହାସତ୍ତ୍ୱେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଜିଲାର ଉପାନ୍ତ ଅଞ୍ଚଳରେ ବଢ଼ି ଚାଲିଥିବା ଆଲୋଚନା ହେଉଛି।

ଏନେଇ ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ସୁତାର କହିଛନ୍ତି, ୨୦୦୫ରେ ଜିଲା ପ୍ରଶାସନ ୧୫୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଥିଲେ । ତେବେ ଚିହ୍ନଟକୁ ନେଇ ଆପତ୍ତି ଅଭିଯୋଗ ପରେ ଦେଶରୁ ବିଦା କରିବା ସମ୍ଭବ ହୋଇ ନାହିଁ । ଏହି ଜିଲାରେ ୩ ସାମୁଦ୍ରିକ ଥାନା ଅଛି । ଏହାସତ୍ତ୍ୱେ କର୍ମଚାରୀ ଓ ଭିତ୍ତିଭୂମୀ ଅଭାବରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକା ଯାଇ ପରୁନାହିଁ। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ ସଂଖ୍ୟା ଓଡିଆ ଭାଷୀଙ୍କଠାରୁ ବହୁ ଗୁଣରେ ଅଧିକ ହୋଇଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଏବେ ବାଂଲାଦେଶୀଙ୍କ ଭିଡ଼ ଅଧିକ ହେଉଛି। ଏଥିପାଇଁ ସମୁଦ୍ର ପଥ, କଲିକତା ଓ ମାଲକାନାଗିରି ରାସ୍ତା ସେମାନଙ୍କୁ ବେଶ ସୁହାଉଛି । ଏହାବ୍ୟତୀତ ପୂର୍ବରୁ ରହୁଥିବା ବାଂଲାଦେଶୀ ସେମାନଙ୍କ ପାଇଁ ଏଠାରେ ରହିବାର ସମସ୍ତ ବାଧା ହଟାଇବା ପାଇଁ ବ୍ୟବସ୍ଥା କରୁଛନ୍ତି । ଏଠାରେ ଜନ୍ମିତ ବୋଲି ପ୍ରମାଣିତ କରିବା ପାଇଁ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ପ୍ରମାଣପତ୍ର ଯୋଗାଇ ଦେବା ଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ କରୁଛନ୍ତି। ଏପରି କି ସେମାନଙ୍କୁ ଭୂମିହୀନ ଦର୍ଶାଇ ବସୁନ୍ଧରା ଯୋଜନାରେ ଘର ପାଇଁ ଜମି ନେଉଛନ୍ତି । ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟିକରଣ ଏହି ଜିଲାରେ ଜରୁରୀ ହୋଇ ପଡିଥିବା ବେଳେ ଆତଙ୍କବାଦୀ ଏଠାରେ ରହି ଦେଶ ବିରୋଧରେ କାର୍ଯ୍ୟ କରିବା ଅସମ୍ଭବ ନୁହେଁ। ଏସମ୍ପର୍କରେ ଏସ୍‌ଡିପିଓ ଦେବେନ୍ଦ୍ର ମଲିକ କୁହନ୍ତି, ସାମୁଦ୍ରିକ ଥାନାର ଭିତ୍ତିଭୂମୀକୁ ଉନ୍ନତିକରଣ କରାଯାଉଛି । ନିକଟରେ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ଦୂର ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ବିରୋଧୀ ଦଳ ନେତା ମିଛ କହୁଛନ୍ତି: ମୁଖ୍ୟମନ୍ତ୍ରୀ

ନୟାଗଡ଼,୨୨।୫ (ଲୋକନାଥ ମିଶ୍ର)

ବିରୋଧୀ ଦଳ ନେତାମାନେ ମିଛ କହୁଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ସେମାନଙ୍କ କଥାରେ ଭାସି ନ ଯାଇ ବିଜୁ ଜନତା ଦଳକୁ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ନୟାଗଡ଼ ଜିଲା ସଦର ମହକୁମାର ନୟାଗଡ଼ ଷ୍ଟାଡିୟମରେ ବୁଧବାର ମଧ୍ୟାହ୍ନରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ କହିଲେ, ଆସନ୍ତା ଜୁଲାଇ ମାସରୁ ଆଉ ବିଦ୍ୟୁତ୍ ବିଲ୍ ଆସିବନି। ପ୍ରାୟ ୯୦ ପ୍ରତିଶତ ଉପଭୋକ୍ତା ଏଥିରେ ଉପକୃତ ହେବେ । ବିଏସ୍‌କେୱାଇ ଯୋଜନା ଭଲ କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ । ସେହିପରି ମିଶନ ଶକ୍ତି, ମମତା, କାଳିଆ, ମଧୁବାବୁ ପେନସନ ଯୋଜନା ପରି ଅନ୍ୟ ଯୋଜନାଗୁଡ଼ିକ ଭଲ କି ନୁହେଁ ସେ ଅନୁରୂପ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ଉତ୍ସାହିତ ହୋଇ ଉପସ୍ଥିତ ଲୋକମାନଙ୍କ ସହ ବିଜେଡି କର୍ମୀ ଓ ସମର୍ଥକମାନେ ହଁ ବୋଲି କହିବା ସହ କରତାଳି ଦେଇ ସ୍ୱାଗତ କରିଥିଲେ । ଉପସ୍ଥିତ ଲୋକମାନଙ୍କ ଉତ୍ସାହକୁ ଦେଖି ମୁଖ୍ୟମନ୍ତ୍ରୀ କହିଥିଲେ, ଆପଣମାନେ ଏତେ ଖରାରେ ଆସି ଏଠାରେ ଉପସ୍ଥିତ ହୋଇଥିବାରୁ ଧନ୍ୟବାଦ।

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉଦ୍‌ବୋଧନ ଦେଇ ଚାଷୀ ଓ ଚାଷର ଉନ୍ନତି ପାଇଁ କୁସୁମୀ ଜଳସେଚନ ପ୍ରକଳ୍ପ, ବୃତ୍ତଙ୍ଗ ଜଳସେଚନ ଯୋଜନା ସଂକ୍ରାନ୍ତରେ କହିଥିଲେ । ମଠ, ମସ୍‌ଜିଦ୍, କମ୍ୟୁନିଟି, ମିଶନ ଶକ୍ତି ଯୋଜନା ଉପରେ ସେ ବର୍ଣ୍ଣନା କରିବା ସହିତ ରାଜ୍ୟ ସରକାରଙ୍କ ଯୋଗୁ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। କଣ୍ଟିଲୋ ନୀଳମାଧବ ମନ୍ଦିରର ଉନ୍ନତି, ୫-ଟି ସ୍କୁଲ ଓ ଲକ୍ଷ୍ମୀ ବସ୍‌ରେ ୫ଟଙ୍କାରେ ଯାତାୟାତ କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇପାରିଛି। ପୁଣି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ନେବା ପରେ ପ୍ରଥମେ ମାଗଣା ବିଦ୍ୟୁତ୍ ବ୍ୟବସ୍ଥା ପରେ ବିଏସ୍‌କେୱାଇ ଯୋଜନା ପରି ଅନେକ ଯୋଜନାରେ ମୋହର ମାରିବେ। ବିଏସ୍‌କେୱାଇ ଯୋଜନାର ସୁଫଳ ସମସ୍ତେ ପାଇବେ। ମଧ୍ୟବିତ୍ତ ଲୋକଙ୍କ ପାଇଁ ହାଉସିଂ ଲୋନ୍‌ର ସୁଧ ଆଉ ବୋଝ ହେବନି। ପିଲାଙ୍କ ଶିକ୍ଷାଋଣର ସୁଧ ମଧ୍ୟ ମୁଖ୍ୟମନ୍ତ୍ରୀ ହାଲୁକା କରିବେ। ନୂଆ-ଓ ସ୍କଲାରଶିପ୍ ମଧ୍ୟ ବଢ଼ିବ। ଅନ୍ୟ ରାଜ୍ୟରେ ଏଭଳି ସେବା ବିରଳ। ସେହିଭଳି ନୟାଗଡ଼ରେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା ହେବ। ନୟାଗଡ଼କୁ ରେଳ ଚଳାଚଳ ପରେ ଶିଳ୍ପ ପ୍ରତିଷ୍ଠା ସୁବିଧା ହେବ। ଯାଜପୁର, ଜଗତ୍‌ସିଂହପୁର, ଖୋର୍ଦ୍ଧା ପରେ ନୟାଗଡ଼ରେ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକେ ରୋଜଗାର ପାଇବେ। ଏଣୁ ବିଜେଡିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ସେ ଅନୁରୋଧ କରିଥିଲେ। ଏମ୍‌ପି ପ୍ରାର୍ଥୀଙ୍କୁ ବିଜୟୀ କରାଇବା ବହୁ ଜରୁରୀ। ଅଲଗା ଲୋକ ଏମ୍‌ପି ହୋଇଗଲେ ବିକାଶ ରଥ ଅଟକି ଯିବ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କାମ କରିବାକୁ ସୁଯୋଗ ଦେବେନି ବୋଲି ପାଣ୍ଡିଆନ୍ କହିଥିଲେ ।



ନୟାଗଡ଼ଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାବେଳେ ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ବହୁ ଯୋଜନା କରିଛନ୍ତି । ସେଥିପାଇଁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ନୟାଗଡ଼ ଜିଲାର ୪ ନିର୍ବାଚନମଣ୍ଡଳୀରେ ବହୁଦିନ ହେଲା ବିଜେଡିର ଦବ୍‌ଦବା ରହିଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଶେଷ ହୋଇଥିବାବେଳେ ଅବଶିଷ୍ଟ ୩ ନିର୍ବାଚନମଣ୍ଡଳୀରେ ନବୀନଙ୍କ ହାୱା ବହୁଛି। ମୁଁ ଏହି ନିର୍ବାଚନମଣ୍ଡଳୀର ଶ୍ରେଷ୍ଠ ମୂଲିଆ ବୋଲି କହି ଅରୁଣ କହିଲେ, ନୟାଗଡ଼ ନିର୍ବାଚନମଣ୍ଡଳୀରେ ଅନେକ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଯେତେବେଳେ ଯାହା ନିବେଦନ କରାଯାଇଛି ତାହାକୁ ମଞ୍ଜୁରୀ ମିଳିଛି। ଏଭଳି ବିକାଶ କ୍ଷେତ୍ରରେ ବିରୋଧୀ ଦଳ ଶାଳୀନତା ହରାଇଛନ୍ତି। ନୟାଗଡ଼ରେ ଶାନ୍ତି ପ୍ରତିଷ୍ଠା ହୋଇଛି। ଆଗାମୀ ଦିନରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ କିପରି ଶିଳ୍ପ ପ୍ରତିଷ୍ଠା ହେବ ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ନୟାଗଡ଼ ମାଟି ଯାହା କରେ ତାହା ସାରା ଓଡ଼ିଶା ଅନୁକରଣ କରୁଛି ବୋଲି ଅରୁଣ କହିଥିଲେ ।

ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ନିଜ ଭାଷଣରେ ନୟାଗଡ଼ ଜିଲାର ବିକାଶ କିପରି ମହାବିକାଶରେ ପରିଣତ ହେବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଜୁନ ୯ରେ ମୁଖ୍ୟମନ୍ତ୍ରୀ ଭାବେ ପୁଣି ନବୀନ ପଟ୍ଟନାୟକ ଶପଥ ନେବେ। ଆପଣମାନଙ୍କ ବିକାଶମୂଳକ କାର୍ଯ୍ୟକୁ ସେ ସମ୍ପାଦନ କରିବେ ବୋଲି କହିଥିଲେ ।

ଏହି ସଭାରେ ନୟାଗଡ଼ ଜିଲା ସହ ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା ଯୋଗ ଦେଇଥିବାବେଳେ ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ ଧନ୍ୟବାଦ ଦେଇଥିଲେ।



ସଭାମଞ୍ଚରେ ଉପସ୍ଥିତ କର୍ମୀ ଓ ସମର୍ଥକ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମିତ୍



@ ଲକ୍ଷ୍ମୀଧର



@ ପଞ୍ଚାନନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଢାବାରୁ ୨୦୦ପେଟି ଦେଶୀ ମଦ ଜବତ

ନୟାଗଡ଼/ରଣପୁର, ୨୨।୫ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନା ଚମ୍ପାଗଡରେ ୫୭ ନଂ.ଜାତୀୟ ରାଜପଥ କଡରେ ଥିବା ପୁରୁଣା ରୟାଲ ଢ଼ାବାରୁ ବୁଧବାର ଅପରାହ୍ନରେ ନିର୍ବାଚନ ଫ୍ଲାଇଙ୍ଗ ସ୍କ୍ୱାର୍ଡ ୨୦୦ ପେଟି ଚୋରା ଦେଶୀ ମଦ ଜବତ କରିଛି । ଯାହାର ଦାମ ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି । ଜବତ ଚୋରା ମଦକୁ ଏକ ଗାଡ଼ି ଯୋଗେ ଚାନ୍ଦପୁର ଥାନାକୁ ଅଣା ଯାଇଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରଶ୍ନ ଉଠୁଛି ଥାନାଠାରୁ ୫୦ ମିଟର ଦୂର ଢ଼ାବାରେ ଚୋରା ଦେଶୀ ମଦ ବିକ୍ରି ହେଉଥିବାବେଳେ ପୋଲିସ ଚଢ଼ାଉ କରୁ ନ ଥିଲା କାହିଁକି । ଅବକାରୀ ବିଭାଗ ଟେର ପାଉ ନ ଥିଲା କେମିତି। ଜିଲାପାଳଙ୍କ ଦ୍ୱାରା ନିଯୁକ୍ତ ନିର୍ବାଚନ ଫ୍ଲାଇଙ୍ଗ ସ୍କ୍ୱାଡର ଚଢ଼ାଉ ପରେ ପୋଲିସ ଓ ଅବକାରୀ ବିଭାଗର ଗୁମର ଖୋଲିଛି ।

### ୧୫ କେଜି ଗଞ୍ଜେଇ ଜବତ, ୩ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼,୨୨।୫ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ସୁବଳିଆ ନିକଟ ରେଲୱେ ଓଭରବ୍ରିଜ ପାଖରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ । ଓଡି୦୨ ଟି ୦୯୬୩ ନମ୍ବର ଗାଡ଼ି ସହ୧୫ କେଜି ଗଞ୍ଜେଇ ଜବତ କରାଯାଇଛି । ଯାହାର ଦାମ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ । ଏହି ଘଟଣାରେ ୩ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିମିରିଗୁଡାର କାଇନା ଦିଗାଲ(୨୯) ଓ ବିନାୟକ ଦିଗାଲ(୩୫), ଶଶିପଦର ଗାଁର ଦେବେନ୍ଦ୍ର ଦିଗାଲ(୨୮)ଙ୍କୁ ଦଶପଲା ସବଜେଲକୁ ପଠାଇ ଦିଆଯାଇଥିବା ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡ଼ା,୨୨।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ମଖିସାହି ପାଟଣା ଗ୍ରାମର ଧର୍ମପରାୟଣା ମହିଳା ତିଳୋତ୍ତମା ସାହୁ(୮୩)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ ମହିଳା ଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡ଼ିତ ଥିଲେ । ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ମହାନଦୀ କୂଳ ମହିମା ଆଶ୍ରମ ସମ୍ମୁଖ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଯାଇଛି। ପୁତ୍ର ରଘୁନାଥ ମୁଖାଗ୍ନି ଦେଇଥିଲେ।

## ଭଞ୍ଜନଗର-ଗଣିଆ-ହିନ୍ଦୋଳ ଦେଇ ବଡ଼କେରା ଜାତୀୟ ରାଜପଥ ନିର୍ମାଣ ହେଲାନି

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)

୧୯୯୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନୟାଗଡ଼ ଓ କଟକ ଜିଲା ସୀମାନ୍ତ ସିଧାମୂଳା ମହାନଦୀ ସେତୁର ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ତାଳଚେର-ହିନ୍ଦୋଳ-ନରସିଂହପୁର-ଗଣିଆଠାରୁ ଦଶପଲ୍ଲା ରାସ୍ତାକୁ ସୁପରହାଇୱେ ଖୁବ୍ ଶୀଘ୍ର ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଫଳରେ ନବ ନିର୍ମିତ ସିଧାମୂଳା ସେତୁ କାର୍ଯ୍ୟ ସମ୍ପନ୍ନ ହେବା ପରେ କଟକ ଓ ନୟାଗଡ଼ ଅଞ୍ଚଳବାସୀଙ୍କ ମଧ୍ୟରେ ପରବର୍ତ୍ତୀ ସମୟରେ ସୁପର ହାଇୱେ ରାସ୍ତା ନିର୍ମାଣ ହେବ ବୋଲି ଆଶା ପ୍ରକଟ କରିଥିଲେ । ଅପରପକ୍ଷେ ସେତୁ ନିର୍ମାଣ ପରେ ଓଡ଼ିଶାର ବିଭିନ୍ନ ସ୍ଥାନର ଦୂରତା କେତେ କିଲୋ ମିଟର ହ୍ରାସ ପାଇବ ଏନେଇ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ମହେଶ୍ୱର ରଣା ଏକ ନକ୍ସା ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଗିରିଧାରୀ ଗମାଙ୍ଗଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏହି ରାସ୍ତା ନିର୍ମାଣ ପାଇଁ ଏକ ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା ।

ଅପରପକ୍ଷେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପଶ୍ଚିମ ଓଡ଼ିଶା ଗସ୍ତ ସମୟରେ ଅନୁଗୋଳ ଜିଲାର ବଡ଼କେରା ଠାରୁ ହିନ୍ଦୋଳ-ନରସିଂହପୁର-ଗଣିଆଠାରୁ ଦଶପଲ୍ଲା ଓ ଭଞ୍ଜନଗର ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦିଆଯାଇଥିବା ଘୋଷଣା କରିଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ସେତୁ ନିର୍ମାଣ ପରେ କଂଗ୍ରେସ ସରକାର ବଦଳି ଯିବାପରେ ଏହି ପ୍ରସ୍ତାବିତ ରାସ୍ତା ଉପରେ କୌଣସି ରାଜନେତା ଗୁରୁତ୍ୱ ଦେଇ ନାହାନ୍ତି । ବିଜେଡି ସରକାର ଦୀର୍ଘ ବର୍ଷ ଶାସନଗାଦିରେ ରହିଥିଲେ ମଧ ଉକ୍ତ ସୁପରହାଇୱେ ରାସ୍ତା ଉପରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରୀୟା ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରୂପାନ୍ତରୀକରଣ ପରେ ବି ପରିବର୍ତ୍ତନ ହେଲାନି ନୃସିଂହ ମନ୍ଦିରର ମୁଖଶାଳା

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ପୁରାତନ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଓ ଉନ୍ନତିକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ଅନୁଦାନ ଅର୍ଥରେ ପ୍ରାଚୀନ ମନ୍ଦିରର ନବୀକରଣ କରାଯାଉଛି। ଖଣ୍ଡପଡ଼ା ସହରର ରଥଗଡା ଛକରେ ଅବସ୍ଥିତ ପ୍ରଭୁ ଶ୍ରୀ ନୃସିଂହ ଦେବ ମନ୍ଦିରର ରୁପାନ୍ତରୀକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟ ସହ ରଙ୍ଗ ଦିଆଯାଇଥିଲା। ହେଲେ ମନ୍ଦିର ମୁଖଶାଳା ପୂର୍ବପରି ଟିଣ ଛପର ରହିଛି । ଟିଣ ଛପର ତଳେ ୨ଟି ବୃହତକାୟ ସିଂହଙ୍କ ଆସ୍ଥାନ ରହିଛି । ମନ୍ଦିର ମୁଖଶାଳାର କୌଣସି ପରିବର୍ତ୍ତନ କରାଯାଇ ନ ଥିବାରୁ ଏହା ମନ୍ଦିରର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।



ନୃସିଂହନାଥ ମନ୍ଦିରର ମୁଖଶାଳା।

### ପୋଖରୀରେ ବୁଡ଼ି ମହିଳା ମୃତ

ଓଡ଼ଗାଁ,୨୨।୫(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଓ ବାହାଡାଝୋଲା ଫାଣ୍ଡି ଅନ୍ତର୍ଗତ ବଧୂଲିପୁର ଗାଁରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳା ଜଣକ ହେଲେ ସେହି ଗାଁର ଦିଲ୍ଲୀପ ମାହାଙ୍କୁଡଙ୍କ ସ୍ତ୍ରୀ ଊର୍ମିଳା (୨୭)। ଊର୍ମିଳା ବୁଧବାର ସକାଳେ ବାରିପାଖ ପୋଖରୀକୁ ଗାଧୋଇ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଘରଲୋକ ବହୁ ଖୋଜାଖୋଜି କରିବା ପରେ ପୋଖରୀକୁ ଯାଇଥିଲେ। ସେଠାରେ ଗୋଟିଏ ହଳ ଚପଲ ଥିଲା । ସେହି ଚପଲ ଊର୍ମିଳାଙ୍କ ଜଣାପଡିବା ପରେ ପରିବାର ଲୋକେ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ । ଓଡ଼ଗାଁ ଦମକଳ ବାହିନୀ ପହଞ୍ଚି ପୋଖରୀରେ ପଶି ମୃତଦେହ ଉଦ୍ଧାର କରିଥିଲେ । ଊର୍ମିଳାଙ୍କ ୪ ବର୍ଷର ପୁଅଟିଏ ଅଛନ୍ତି।

## ନୂତନ ଟ୍ରାନ୍ସଫର୍ମର ପରେ ମଧ୍ୟ ସୁଧୁରୁନି ବିଦ୍ୟୁତ୍ ବିଭ୍ରାଟ

ଦଶପଲ୍ଲା,୨୨।୫ (ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିନ ରାତି ବିଦ୍ୟୁତ୍ କାଟ ଯୋଗୁ ଅତ୍ୟାବଶ୍ୟକ ସେବା ବାଧାପ୍ରାପ୍ତ ହେବା ସହିତ ବହୁ ବିଦ୍ୟୁତ୍ ଯନ୍ତ୍ରାଂଶ ପ୍ରଭାବିତ ହେବାରେ ଲାଗିଛି । ନୂଆ ଟ୍ରାନ୍ସଫର୍ମର ବସିବା ପରେ ଆଶା କରାଯାଉଥିଲା ସମସ୍ୟା ହଟିବ ଆଉ ଲୋକେ ନିୟମିତ ବିଦ୍ୟୁତ୍ ସେବା ପାଇ ପାରିବେ । କିନ୍ତୁ ପୂର୍ବ ପରି ସେହି ଅବସ୍ଥା ସୃଷ୍ଟି ହୋଇଛି । ଏପରି କି ଲୋ ଭୋଲଟେଜ ସମସ୍ୟାରେ ମଧ ସୁଧାର ଆସି ପାରୁ ନାହିଁ । ବିଦ୍ୟୁତ୍ ସେବାରେ ଏଭଳି ବିଭ୍ରାଟକୁ ନେଇ ଗାଁଠୁ ସହର ସବୁଠି ଲୋକେ ଖୁବ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛନ୍ତି । ଦଶପଲ୍ଲାରେ ଲାଗି ରହିଥିବା ବିଦ୍ୟୁତ୍ ବିଭ୍ରାଟର ପ୍ରତିକାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାର କରିବାକୁ ଦାବି କରାଯାଇଛି ।

## ରାସ୍ତା ପାର୍ଶ୍ୱରେ ବାଲିଗଦା ଯୋଗୁ ଦୁର୍ଘଟଣା ବୃଦ୍ଧି

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଜେଲଖାନା ଛକଠାରୁ କୁସୁମୀ ସେତୁ ଦେଇ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ବହୁ ମାସ ଧରି ବାଲି ଗଦା ହୋଇ ରହିଛି। ରାସ୍ତା ପାର୍ଶ୍ୱରେ ବାଲିଗଦା ଯୋଗୁ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ସମୟରେ ସମସ୍ୟା ସୃଷ୍ଟି ହେଉଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଓ ଅଘଟଣ ଘଟୁଛି । ତେଣୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ରାସ୍ତା ପାର୍ଶ୍ୱରୁ ବାଲିଗଦାକୁ ହଟାଇ ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଘୋଡ଼ାମାରିଦ୍ୱାର- ହଟିଆପଲ୍ଲୀ ରାସ୍ତା ସିଧାମୂଳାକୁ ସଂଯୋଗ ଦାବି

ଖଣ୍ଡପଡ଼ା,୨୨।୫ (ଅଜୟ କୁମାର ମହାରଣା)

ଗ୍ରାମ ପଞ୍ଚାୟତ ମୁଖ୍ୟାଳୟକୁ ପ୍ରତ୍ୟେକ ଗ୍ରାମରୁ ରାସ୍ତା ସଂଯୋଗୀକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏ ଦୃଷ୍ଟିରୁ ଘୋଡାମାରିଦ୍ୱାର ଗ୍ରାମରୁ ସିଧାମୂଳା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ପକ୍କା ରାସ୍ତା ନିର୍ମାଣ ହେବା ଜରୁରୀ ହୋଇ ପଡିଛି । କିନ୍ତୁ ସେହି କାମ ୧୯୯୨ ପରଠାରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ବଳରାମ ପ୍ରସାଦ ଗ୍ରାମରୁ ଘୋଡାମାରିଦ୍ୱାର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା ସମ୍ପ୍ରସାରଣ ତଥା ସଂଯୋଗୀକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ସମ୍ପ୍ରତି ସିଧାମୂଳା ଗ୍ରାମରୁ ନିକଟସ୍ଥ ବଳରାମପ୍ରସାଦ ଗ୍ରାମକୁ ଯିବାକୁ ହେଲେ ଘୋଡାମାରିଦ୍ୱାର ଗ୍ରାମ ରାସ୍ତା ଉପରେ ନିର୍ଭର କରିବାକୁ ପଡିଥାଏ । ମାତ୍ର ଘୋଡାମାରିଦ୍ୱାରଠାରୁ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦୟନୀୟ ଅବସ୍ଥାରେ ପଡିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ଘୋଡାମାରିଦ୍ୱାରଠାରୁ ସିଧାମୂଳା ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଦେଇ ହଟିଆପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅବସରପ୍ରାପ୍ତ ଶିକ୍ଷାବିତ୍ ମହେଶ୍ୱର ରଣା ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଚାଟେରୀ ଭୋଗ ଲାଗି ଠାକୁରଙ୍କ ଗ୍ରାମ ପରିକ୍ରମା ସମୟ ନିର୍ଦ୍ଧାରିତ

ଖଣ୍ଡପଡ଼ା,୨୨।୫(ଅଜୟ କୁମାର ମହାରଣା)

ପବିତ୍ର ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଆରୁଢ ହୋଇ କଣ୍ଟିଲୋର ବିଭିନ୍ନ ସାହିରେ ପରିକ୍ରମା କରି ଚାଟେରୀ ଖାଇବା ନେଇ ଦେବୋତ୍ତର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା ପରମ୍ପରା ଗତ ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିଠାରୁ ଆରମ୍ଭ ହୋଇଛି। ୨୧ଦିନ ବ୍ୟାପୀ ଅନୁଷ୍ଠିତ ଏହି ପରମ୍ପରାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ, ଲକ୍ଷ୍ମୀ ସରସ୍ୱତୀ ଓ ଶିବ ପାର୍ବତୀଙ୍କ ସହ ପୃଥକ ସୁସଜ୍ଜିତ ବିମାନରେ ମନ୍ଦିରରୁ ବାହାରି ନିକଟସ୍ଥ ଚନ୍ଦନ ପୁଷ୍କରିଣୀକୁ ଜଳକ୍ରୀଡା କରିବାକୁ ବିଜେ ହୋଇଥାଆନ୍ତି । ତେବେ ଠାକୁରମାନଙ୍କ ଜଳକ୍ରୀଡା(ଚାପ)ର ୧୦ ଦିନ ପରେ ଅର୍ଥାତ୍ ୧୧ଚାପ ରାତି ଚାପ ପରେ ବିଭିନ୍ନ ସାହିକୁ ବିଜେ ହୋଇ ଚାଟେରୀ ଭୋଗ ଖାଇବାର ପରମ୍ପରା ରହିଛି । ଏହି କ୍ରମରେ ଠାକୁରମାନେ କେଉଁ ସାହିକୁ କେଉଁ ଦିନ ବିଜେ ହୋଇ ଚାଟେରୀ ଭୋଗ ଖାଇବାକୁ ଯିବେ ସେ ସମ୍ପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ତାଲିକାନୁଯାୟୀ ୨୧ ତାରିଖରେ ଠାକୁର ମନ୍ଦିରରୁ ବାହାରି ପ୍ରଥମେ ନୀଳମାଧବ ବିଦ୍ୟାପୀଠ, ଜଳ ସମ୍ପଦ କାର୍ଯ୍ୟାଳୟରେ ଚାଟେରୀ ଭୋଗ ଖାଇ ଚାପକୁ ବିଜେ ହୋଇଥିଲେ । ବୁଧବାର ୟୁକୋ ବ୍ୟାଙ୍କ, ମେଡିକାଲ, ଫାଣ୍ଡି, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ପରେ ବଟେଶ୍ୱରଙ୍କ ମନ୍ଦିର ଠାରୁ କମାରସାହି(ଖୁଦବେହେରା ପାଟଣା)ପର୍ଯ୍ୟନ୍ତ ଠାକୁରଙ୍କ ଚାଟେରୀ ନୀତି ସମ୍ପନ୍ନ ହୋଇଥିଲା । ସେହିପରି ଗୁରୁବାର ଠାରୁ ଆସନ୍ତା ଗୁରୁବାର ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାହିରେ ତାଲିକା ଅନୁଯାୟୀ ଚାଟେରି ଭୋଗ ସମ୍ପନ୍ନ କରି ଠାକୁର ଚନ୍ଦନ ପୁଷ୍କରିଣୀରେ ଭଉଁରୀ ଚାପ ନୀତି ସମ୍ପନ୍ନ କରି ନିକଟସ୍ଥ ଚନ୍ଦନ ମଣ୍ଡପରେ ଅବସ୍ଥାନ କରିବେ । ପରଦିନ ୩୧ ତାରିଖରେ ଠାକୁର ଅପରାହ୍ନ ୫ଟା ସମୟରେ ବାହାରି ଗ୍ରାମ ପରିକ୍ରମା କରି ଠାକୁରମାନେ ସ୍ୱ ସ୍ୱ ମନ୍ଦିରକୁ ବାହୁଡା ବିଜେ କରିବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।



# 'ଶ୍ରୀଜଗନ୍ନାଥ ଆମର ଗତିମୁକ୍ତି ଦାତା'

## ବଟ ଶ୍ରୀକ୍ଷେତ୍ର ସପ୍ତଦଶ ବାର୍ଷିକ ଉତ୍ସବର ଚତୁର୍ଥ ସନ୍ଧ୍ୟା

ଜଗତ୍‌ସିଂହପୁର,୨୨।୫ (ପ୍ରମୋଦ କୁମାର ନାୟକ)


ବାର୍ଷିକ ଉତ୍ସବରେ ମମତା ପଜ୍ଜନାୟକ ଓ କୃତି ମହିଳାମାନଙ୍କୁ ସମ୍ମାନିତ କରାଯାଇଛି।

ବଟଶ୍ରୀକ୍ଷେତ୍ରର ସପ୍ତଦଶ ବର୍ଷିକ ଉତ୍ସବର ଚତୁର୍ଥ ସନ୍ଧ୍ୟା ମଧୁସ୍ମିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଯୋଗଦେଇ କହିଥିଲେ, ମହାପ୍ରଭୁ ଜଗନ୍ନାଥ ହେଲେ ଆମର ଗତିମୁକ୍ତି ଦାତା। ତାଙ୍କ ସହ ଭାବ ଲଗେଇଲେ ଆଉ ଭକ୍ତି କଲେ ସେ ଆମକୁ ମୁକ୍ତି ଦେବେ। ସମ୍ମାନିତ ଅତିଥିଭାବେ ଗାଡ଼ିବ୍ରହ୍ମ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ମହାନ୍ତି ଯୋଗଦେଇ କହିଥିଲେ, ମା' ସୁଭଦ୍ରା ହେଉଛନ୍ତି ମାତୃଶକ୍ତିର ପ୍ରତୀକ। ଜୀବନର ପ୍ରତି କ୍ଷେତ୍ରରେ ସେ ଆମକୁ ସହାୟ ହୋଇଥାନ୍ତି ଏବଂ ଶକ୍ତି ପ୍ରଦାନ କରିଥାନ୍ତି। ଉତ୍ସବରେ ମୁଖ୍ୟବକ୍ତାଭାବେ କିସ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ନିବେଦିତା ମହାନ୍ତି ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଉତ୍କଳୀୟ ସଂସ୍କୃତିରେ ଭଉଣୀର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମିତା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁଷ୍ପଶ୍ରୀ ରୁଳି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉତ୍ସବରେ ଶ୍ରୀଜଗନ୍ନାଥଙ୍କୁ ନେଇ ଆୟୋଜିତ ହୋଇଥିବା ଜଣାଅଜଣା ପ୍ରତିଯୋଗିତାର କୃତି ମହିଳା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ପୃଷ୍ଠପୋଷକ କଟକର ସାଧ୍ୱୀ ମମତା ପଜ୍ଜନାୟକଙ୍କୁ ଶ୍ରୀସୁଭଦ୍ରାସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟ ଶେଷରେ ଓଡ଼ି ନରେନ୍ଦ୍ର ପୋଖରୀରେ ମହାପ୍ରଭୁଙ୍କ ଚାପଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦ୍ରାପଡାର ପ୍ରସିଦ୍ଧ ନୃତ୍ୟ ସଙ୍ଗଠନ ଗଡମେକର ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# ପ୍ରାର୍ଥୀ ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଇଭିଏମ୍ କମିଶନିଂ

ଯାଜପୁର ଟାଉନ,୨୨।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜୁନ୍ ୧ରେ ଯାଜପୁର ଜିଲାରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ଅନ୍ତର୍ଗତ ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକର ଚୂଡ଼ାନ୍ତ ଇଭିଏମ୍ କମିଶନିଂ କରାଯାଇଛି। ରିଟର୍ନିଂ ଅଫିସରଙ୍କ ପରିଚାଳନା ଏବଂ ସାଧାରଣ ପର୍ଯ୍ୟବେକ୍ଷକ ଡ. କରୁଣା କୁମାରୀ ଏବଂ ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ୍ ରୁମ୍ ଖୋଲାଯାଇ ଇଭିଏମ୍‌ଗୁଡ଼ିକର ବାଲାଟ ୟୁନିଟ, କଣ୍ଟ୍ରୋଲ ୟୁନିଟ ଓ ଭିଭିପିଏଟିର ବିଭିନ୍ନ କାର୍ଯ୍ୟଗୁଡ଼ିକୁ ପ୍ରିଜାଇଡିଂ ଅଫିସରମାନେ ରିଟର୍ନିଂ ଅଫିସରମାନଙ୍କ ପରିଚାଳନାରେ ମକ୍‌ପୋଲ କରିଛନ୍ତି। ଏଥିସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ବାଲାଟ ପେପର ସେଟିଂ, ରିଟର୍ନିଂ ଅଫିସରଙ୍କ ଦସ୍ତଖତରେ ଆଡ୍ରେସ୍ ଟ୍ୟାଗ ଲଗାଇବା, ଯେତିକି ପ୍ରାର୍ଥୀ ସେତିକି ପ୍ରାର୍ଥୀଙ୍କ ବାଲାଟ ବଟନ୍ ବ୍ୟବହାର କରିବା ନିମନ୍ତେ ରଖିବା, ବ୍ୟାଟେରି ସେଟିଂ କରିବା, ବାଲାଟ ୟୁନିଟ୍‌ର ଉପର ଏବଂ ତଳ ମୁଣ୍ଡ ବଟନକୁ ନ ଛୁଇଁ ପେପର ସିଲ କରିବା, ଆଡ୍ରେସ୍ ଟ୍ୟାଗ୍ ଲଗାଇବା, କଣ୍ଟ୍ରୋଲ ୟୁନିଟରେ ବ୍ୟାଟେରି ଲଗାଇବା, ପ୍ରତ୍ୟେକ ଆଡ୍ରେସ୍ ଟ୍ୟାଗରେ ଜଉମୁଦ ସିଲ କରିବା ଓ ଭିଭିପିଏଟି ଉପରେ ସମସ୍ତ ବିଧି ଅନୁଯାୟୀ କମିଶନିଂ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଶୁଭେନ୍ଦ୍ର କୁମାର ସାମଲ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପଜିଲାପାଳ ମନୋରମା ଜାଲି, ନିର୍ବାଚନ ଡେପୁଟି କଲେକ୍ଟର ରଶ୍ମି ରଞ୍ଜନ ମଲ୍ଲିକ, ଶାଶ୍ୱତି ସାଡୁଆଳଙ୍କ ସମେତ ବିଡିଓ ଏବଂ ତହସିଲଦାରମାନେ ଯୋଗଦେଇଥିଲେ।


ଇଭିଏମ୍‌ର ଚୂଡ଼ାନ୍ତ ଯାଞ୍ଚ ଚାଲିଛି।

# ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ବ୍ୟବସାୟୀ ଗୁରୁତର

ରଘୁନାଥପୁର,୨୨।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଗୋକୁଳପୁର ଗହନିଗଡା ନିକଟରେ ମଙ୍ଗଳବାର ରାତିରେ ଜଣେ ବ୍ୟବସାୟୀଙ୍କ ଉପରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିସହ ତାଙ୍କ ବେକରୁ ୪୫ ଗ୍ରାମର ସୁନାଚେନ ନେଇ ଫେରାର ହୋଇଯାଇଛନ୍ତି। ଏହି ଆକ୍ରମଣରେ ରଘୁନାଥପୁର ଥାନା ହରିଶପୁର ଗ୍ରାମର ପ୍ରହ୍ଲାଦ ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ କଟକର ଏକ ରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଦୁର୍ବୃତ୍ତଙ୍କ ଆକ୍ରମଣରେ ପ୍ରହ୍ଲାଦଙ୍କ କାନମୁଣ୍ଡା ଫାଟିବା ସହ ଡାହାଣ ଗୋଡର ଆଣ୍ଠୁ, ତଳ ହାଡ ଏବଂ ବାମ ହାତର କଚଟି ଭାଙ୍ଗି ଯାଇଛି। ପୂର୍ବଶତ୍ରୁତାକୁ ନେଇ ଏପରି ହୋଇଥିବା ଅଞ୍ଚଳରେ ଆଲୋଚନା ହେଉଥିବାବେଳେ ଦୁର୍ବୃତ୍ତମାନେ ଛୀନତାଇ ଉଦ୍ଦେଶ୍ୟରେ ଆସି ଏପରି କରିଥିବାର ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ସନ୍ଦେହ କରିଛନ୍ତି। ଏ ସମ୍ପର୍କରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା (ନଂ. ୧୨୨/୫) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପ୍ରହ୍ଲାଦ ତାରପୁର ବାଇପାସସ୍ଥିତ ତାଙ୍କ ମିଠା ଦୋକାନରୁ ଘରକୁ ସ୍କୁଟିରେ ଫେରୁଥିବାବେଳେ ହଠାତ୍ ମୁହଁରେ କପଡ଼ା ବାନ୍ଧିଥିବା ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ପଛପଟୁ ଆସି ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କୁ ନିର୍ଦ୍ଧୁମ ମାଡ଼ ମାରି ସୁନା ଚେନ ନେଇ ଛିଣ୍ଡାଇ ନେଇଥିଲେ। ପ୍ରହ୍ଲାଦଙ୍କ ଚିତ୍କାର ଶୁଣି ନିକଟରେ ଥିବା କେତେଜଣ ଯୁବକ ଦୌଡି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

# ପୋଖରୀରୁ ପାଣି ପିଇବାରୁ ଗାଈଙ୍କୁ ଗୁଳି

## ବର୍ବରତାର ସୀମା ଟପିଲା

ରଘୁନାଥପୁର,୨୨।୫ (ରାଜେନ୍ଦ୍ର ନାରାୟଣ ସିଂହ)



ବର୍ବରତା ସୀମା ଟପିଲା। ଗୋରୁ ପୋଖରୀରୁ ପାଣି ପିଇବାରୁ ସେମାନଙ୍କ ଉପରେ ଗୁଳି ମାଡ଼ ହୋଇଛି। ଫଳରେ ୩ ଗୋରୁ ଓ ଏକ ବାଛୁରୀ ଆହତ ହୋଇଛନ୍ତି। ଏଭଳି ଘଟଣା ରଘୁନାଥପୁର ଥାନା ପୂରଣଓଡପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମର ବ୍ରଜରାଜ ବେହେରାଙ୍କ ସ୍ତ୍ରୀ ଚାରୂଲତା ଉକ୍ତ ଗ୍ରାମର ଗୌତମ ପାଲିତଙ୍କ ନାମରେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଥାନାରେ ମାମଲା (ନଂ. ୧୨୧/୨୪) ରୁଜୁ କରାଯାଇ ଆନିମଲ ଆକ୍ଟ ଅନୁସାରେ ଗୌତମଙ୍କ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ପୋଲିସର ସହଯୋଗ ମନବୃତ୍ତି ଓ କୋହଳ ଦଫା ଯୋଗୁ ଗୌତମଙ୍କୁ ଜାମିନ ମିଳିଥିବା ଅଭିଯୋଗ ହେଉଛି। ଚାରୂଲତାଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୭ଟା ସମୟରେ ସେ ପଡ଼ିଆରେ ଗୋରୁ ବାଛୁରୀଙ୍କୁ ଚରିବା ପାଇଁ ଛାଡ଼ି ଦେଇଥିଲେ। ଗୋରୁ ବାଛୁରୀ ଏହି ସମୟରେ ଗୌତମଙ୍କ ପୋଖରୀକୁ ପାଣି ପିଇବା ପାଇଁ ଚାଲିଯିବାରୁ ସେ ଉତ୍ତ୍ୟକ୍ତ ହୋଇ ଏହି ନିରୀହ ପ୍ରାଣୀଙ୍କ ଉପରକୁ ଏଆର୍ ଗନରୁ ୮ଟି ଗୁଳି ଫୁଟାଇଥିଲେ। ଚାରୂଲତା ସମସ୍ତ ଗୋରୁଙ୍କୁ ପ୍ରାଣୀ ଡାକ୍ତରଖାନା ନେଇ ଚିକିତ୍ସା କରାଇଛନ୍ତି। ଏଥିସହ ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ୩୪ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

ଧର୍ମଶାଳା,୨୨।୫(ବଟକୃଷ୍ଣ ପରିଡା)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୩୪ନଂ. ଜୋନର ୭ ପଞ୍ଚାୟତ ଯଥା- ଓଡ଼ିଶୋ, ସିଂହାପୁର, ବାରବାଟୀ, କଳଣ, ନଠୁଆବର, ଜାବରା ଏବଂ ଶ୍ରୀବନ୍ତପୁର ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ପ୍ରଚାର କରିଛନ୍ତି। ସେ ଶତାଧିକ କର୍ମୀଙ୍କ ସହିତ ଶୋଭାଯାତ୍ରାରେ ଗାଁ ବୁଲି ଲୋକଙ୍କୁ ଭୋଟ୍ ମାଗିଛନ୍ତି। ବିଭିନ୍ନ ସ୍ଥାନରେ ମହିଳାମାନେ ନିର୍ବାଚନରେ ବିଜୟ ଲାଭ ପାଇଁ ତାଙ୍କୁ ଆଶୀର୍ବାଦ କରିଛନ୍ତି। ଗାଁରେ ପ୍ରଚାର କରୁଥିବା ସମୟରେ ପ୍ରଣବ ଲୋକଙ୍କ ସୁବିଧା, ଅସୁବିଧା ପଚାରି ବୁଝିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି।

# ଏସ୍‌ଏଚ୍‌ଜି ସଭାପତିଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

- ରଣ ନେଇ ଫେରସ୍ତ କରୁନାହାନ୍ତି
- ଥାନାରେ ଅଭିଯୋଗ ପରେ ବି ହେଉନି ସମାଧାନ


ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ପାଣିକୋଇଲି,୨୨।୫(ବିକାଶ ମଲ୍ଲିକ)

ଧର୍ମଶାଳା ଥାନା ଅନ୍ତର୍ଗତ ମା' ସିନ୍ଧୁରେଇ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭାପତିଙ୍କ ବିରୋଧରେ ଗୋଷ୍ଠୀର ମହିଳାମାନେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସଭାପତି ଦେଉଳିପାଳ ଗ୍ରାମର ସସ୍ମିତା ଖୁଣ୍ଟିଆ ଓ ସ୍ୱାମୀ ତୁଷାର କାନ୍ତ ଗୋଷ୍ଠୀ ମହିଳାଙ୍କ ସହଯୋଗରେ ରଣ କରି ନିଜେ ଆତ୍ମସାତ କରିଛନ୍ତି। ଏପରି କି ୨୦୨୩ ଏପ୍ରିଲରୁ ନିଜର କିସ୍ତି ମଧ୍ୟ ଦେଉନାହାନ୍ତି। ଅପରପକ୍ଷେ ନାନାଦି ଧମକ ଚମକ ଓ ଭୁଜାଲିରେ ଆକ୍ରମଣ କରିବାକୁ ତାଙ୍କ ପରିବାର ପକ୍ଷରୁ ପଛାଉନାହାନ୍ତି। ଏନେଇ ଗୋଷ୍ଠୀ ମହିଳାମାନେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସେ ଟଙ୍କା ସୁଝିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କା ଫେରାଉନାହାନ୍ତି କି ଥାନାକୁ ଡକାଇଲେ ବି ଆସୁନାହାନ୍ତି। ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେବାରୁ ଶେଷରେ ଗୋଷ୍ଠୀର ମହିଳା ମଧୁସ୍ମିତା ଖୁଣ୍ଟିଆ, ପ୍ରଭାତୀ ନାୟକ, ରୋଜାଲିନ ନାୟକ, ପିଙ୍କି ଖୁଣ୍ଟିଆ, ମିନତି ପାଳ, କୁନି ପାଳ ଓ ସୁସ୍ମିତା ଖୁଣ୍ଟିଆ ପ୍ରମୁଖ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ଜଗତ୍‌ସିଂହପୁର,୨୨।୫ (ପ୍ରମୋଦ କୁମାର ନାୟକ)



ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୦୭-ଇଏଲ୍-ଡବ୍ଲୁଟି-୨୦୨୪-୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଟାଟା ପୋଷ୍ଟ ଅଫିସ ପାଇଁ ମନୋହରପୁର, ରାଜଗାଙ୍ଗପୁର, ବିମଳାଗଡ଼ଠାରେ ଆରପିଏଫ୍ ବାରାକ୍ର ନିର୍ମାଣ। **ଟେଣ୍ଡର ମୂଲ୍ୟ:** ₹୧୩,୯୪,୦୦୬.୩୧। **ଇଏମ୍‌ଡି:** ₹୨୭,୯୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ ଟଙ୍କାରେ:** ₹ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୧୧।୦୬।୨୦୨୪, ୧୫.୦୦ ଘଟିକାରେ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ । (PR-177)



**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2024-25/111, ତା.16.05.2024ରିଖ
**କ୍ରମ ସଂ.01,** ଟେଣ୍ଡର ନଂ. 02241369, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ବ୍ରେକ୍ ସୁ (Shoe) କମ୍ପ୍ଲିଟ୍, ପରିମାଣ : T.S. ଅନୁସାରେ ।
**କ୍ରମ ସଂ.02,** ଟେଣ୍ଡର ନଂ. 03243867, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫିକ୍ସ ୱିଣ୍ଡୋ ନିମନ୍ତେ ଗ୍ଲାସ ୟୁନିଟ୍, ପରିମାଣ : 1399 ଗୋଟି ।
**କ୍ରମ ସଂ.03,** ଟେଣ୍ଡର ନଂ. 02241045, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଏକ୍ସିଲ ବାକ୍ସ ବିୟରିଙ୍ଗ୍ CRU 150, ପରିମାଣ: T.S. ଅନୁସାରେ ।
**କ୍ରମ ସଂ.04,** ଟେଣ୍ଡର ନଂ. 03241158, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସ୍ଲାକ୍ ଆଡଜଷ୍ଟର ସହିତ ବ୍ରେକ୍ ସିଲିଣ୍ଡର, ପରିମାଣ : 73 ଗୋଟି ।
**କ୍ରମ ସଂ.05,** ଟେଣ୍ଡର ନଂ.07241011, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଡେକୋରେଟିଭ୍ ଥର୍ମୋସେଟିଙ୍ଗ୍ ଲାମିନେଟ୍ସ ସିଟ୍ସ, ପରିମାଣ : 5744 ଗୋଟି ।
**କ୍ରମ ସଂ.06,** ଟେଣ୍ଡର ନଂ. 04242295, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 25 KVA ଅଣ୍ଡର ସ୍ଲଙ୍ଗ୍ ଇନ୍‌ଭର୍ଟର, ପରିମାଣ : 06 ଗୋଟି ।
**କ୍ରମ ସଂ.07,** ଟେଣ୍ଡର ନଂ. 06235483B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ନିମନ୍ତେ ରବର ସୋଲ (Sole) ପ୍ଲେଟ୍, ପରିମାଣ: T.S. ଅନୁସାରେ ।
**କ୍ରମ ସଂ.08,** ଟେଣ୍ଡର ନଂ. 06235447A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ନଟ୍ ସହିତ ଫିସ୍ ବୋଲ୍ଟସ, ପରିମାଣ: T.S. ଅନୁସାରେ ।
**କ୍ରମ ସଂ.09,** ଟେଣ୍ଡର ନଂ. 07241014, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଭିନାଇଲ କୋଟେଡ୍ ଅପହୋଲଷ୍ଟେରୀ (Upholstery) ଫାବ୍ରିକ୍, ପରିମାଣ: 17800 ମିଟର ।
**କ୍ରମ ସଂ.10,** ଟେଣ୍ଡର ନଂ. 04245009, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫାବ୍ରିକେଟେଡ୍ ଆଣ୍ଡ ଗଲଭାନାଇଜିଡ୍ ଷ୍ଟିଲ୍ ଷ୍ଟ୍ରକ୍ଚରର୍ସ, ପରିମାଣ: 25.1 ମିଟର ।
**କ୍ରମ ସଂ.11,** ଟେଣ୍ଡର ନଂ. 03233906A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫ୍ଲେକ୍ସ ବଲ କେବୁଲ କମ୍ପ୍ଲିଟ୍ ସେଟ୍, ପରିମାଣ : 62 ସେଟ୍ ।
**କ୍ରମ ସଂ.12,** ଟେଣ୍ଡର ନଂ. 06245003, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଇଲାଷ୍ଟିକ୍ ରେଲ କ୍ଲିପ୍ ନିମନ୍ତେ ରେଟ୍ କଣ୍ଟାକ୍ଟ, ପରିମାଣ : T.S. ଅନୁସାରେ ।
ଟେଣ୍ଡର ଖୋଲାଯିବା ତାରିଖ: ତା.18.06.2024 ରିଖ(କ୍ରମ ସଂ. 1 ପାଇଁ), ତା.05.06.2024 ରିଖ (କ୍ରମ ସଂ. 2 ଏବଂ 5 ପାଇଁ), ତା.24.06.2024 ରିଖ (କ୍ରମ ସଂ.3 ପାଇଁ), ତା. 06.06.2024 ରିଖ (କ୍ରମ ସଂ.4 ଏବଂ 11 ପାଇଁ), ତା.10.06.2024 ରିଖ (କ୍ରମ ସଂ. 6 ଏବଂ 10 ପାଇଁ), ତା.03.06.2024 ରିଖ (କ୍ରମ ସଂ.7 ଏବଂ 8 ପାଇଁ), ତା.27.05.2024 ରିଖ (କ୍ରମ ସଂ.9 ପାଇଁ) ଏବଂ ତା. 12.06.2024 ରିଖ(କ୍ରମ ସଂ.12 ପାଇଁ) ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-144/P/24-25

# ୧୦ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ କୌଣସି ଉନ୍ନୟନ କାମ କରିନାହାନ୍ତି ଧର୍ମେନ୍ଦ୍ର: ଭୃଗୁ

ଭୁବନେଶ୍ୱର,୨୨ା୫(ସୁନିତ୍ ମିଶ୍ର)

ସମ୍ବଲପୁରରେ ଏବେ ସ୍ପଷ୍ଟ ହୋଇଛି ଯେ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନରେ ପରାଜିତ ହେଉଛନ୍ତି। ଓଡ଼ିଶାରେ ଭାଜପା ଯେତେବେଳେ ବି ନିର୍ବାଚନ ହାରିଯାଉଛି, ସେମାନେ ସରକାରୀ କଳର ଅପବ୍ୟବହାର, ଅର୍ଥବଳ ଆଦି ସମସ୍ତ ପ୍ରକାର ମିଥ୍ୟା ଅଭିଯୋଗ ଆଣିବା ଆରମ୍ଭ କରିଦିଅନ୍ତି ବୋଲି ବିଜେଡିର ବ୍ରହ୍ମପୁର ଲୋକ ସଭା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଭୃଗୁ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ୧୦ ବର୍ଷ ଧରି କେନ୍ଦ୍ରମନ୍ତ୍ରୀ ଅଛନ୍ତି। ହେଲେ ଏ ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁ ନ ଥିବାରୁ ତାଙ୍କ ବିରୋଧରେ ପ୍ରବଳ ଜନମତ ପ୍ରକାଶ ପାଇଛି। ଗତ ୧୦ ବର୍ଷରେ ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାମ ଶେଷ ହୋଇପାରି ନ ଥିବାରୁ ଦୁର୍ଘଟଣାରେ ଶହ ଶହ ମୂଲ୍ୟବାନ୍ ଜୀବନ ଯିବା ସହ ଲୋକେ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ହୋଇଥିଲେ ବି ଏହି ଅଞ୍ଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ରୀୟ ଦକ୍ଷତା ବିକାଶ ମନ୍ତ୍ରୀ ହୋଇଥିଲେ ମଧ୍ୟ ଗୋଟିଏ ବି ଦକ୍ଷତା ବିକାଶ କେନ୍ଦ୍ର ଖୋଲିପାରି ନାହାନ୍ତି। ମା ସମଲେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ସେ ବିରୋଧ କରିଥିଲେ ବୋଲି ସମ୍ବଲପୁରବାସୀ ଭଲଭାବେ ଜାଣିଛନ୍ତି। ଛେଣ୍ଡିପଦା ଅଞ୍ଚଳରେ ଏମ୍‌ସିଏଲ୍ ଦ୍ୱାରା କୋଇଲା ଖନନ ଯୋଗୁ ହେଉଥିବା ପ୍ରଦୂଷଣ, ଏମ୍‌ସିଏଲ୍‌ରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ଅଭାବ, ମଧ୍ୟପ୍ରଦେଶ ଓ ବିହାରର ଲୋକଙ୍କୁ ଚାକିରି ମିଳିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଚାକିରି ମିଳୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠି ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟବହୃତ ହେଉନାହିଁ। ଏହା କେଉଁଠି ବ୍ୟବହାର କରାଯାଉଛି ତାହା କେହି ଜାଣନ୍ତି ନାହିଁ। ସେ ଏବେ ଏହି ଅଞ୍ଚଳକୁ ଯାଉଥିବା ବେଳେ ତାଙ୍କ ବିରୋଧରେ ଲୋକଙ୍କ କ୍ରୋଧ ଅନୁଭବ କରିଛନ୍ତି ବୋଲି ଭୃଗୁ କହିଛନ୍ତି।

# ଭାଜପା ବିଧାୟକ, ଏମ୍‌ପିଙ୍କ ଯୋଗୁ ସମସ୍ୟାରେ ସମ୍ବଲପୁରବାସୀ

## ଖବରଦାତା ସମ୍ମିଳନୀରେ ଅଭିଯୋଗ କଲା ବିଜେଡି

## ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ ଭାଜପା ହୀନ ରାଜନୀତି କରୁଛି

ସମ୍ବଲପୁର,୨୨ା୫(ପ୍ରମୋଦ ବହିଦାର)


ପାନ୍ଥନିବାସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବର୍ଗ।

୨୦୧୯ ସାଧାରଣ ନିର୍ବାଚନରେ ସମ୍ବଲପୁରବାସୀ ଉଭୟ ଲୋକ ସଭା ଓ ବିଧାନସଭାରେ ଭାଜପାକୁ ଆଶୀର୍ବାଦ କରିଥିଲେ। ହେଲେ ସେମାନେ ଲୋକଙ୍କୁ ପ୍ରତାରିତ କରିଛନ୍ତି। ଦୀର୍ଘ ୫ବର୍ଷ ଧରି ଉଭୟଙ୍କ ଅନୁପସ୍ଥିତି ଯୋଗୁ ସମ୍ବଲପୁରବାସୀ ଆଜି ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ବୁଧବାର ସ୍ଥାନୀୟ ପାନ୍ଥନିବାସରେ ବିଜେଡି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହିଭଳି ଅଭିଯୋଗ କରି ଭାଜପାକୁ କାଠଗଡାକୁ ଟାଣିଛି ବିଜେଡି। ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୋହିତ ପୂଜାରୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରି କହିଛନ୍ତି ଯେ, ଭାଜପା ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ ହୀନ ରାଜନୀତି କରୁଛି। ମିଛ ପ୍ରତିଶ୍ରୁତି ଜରିଆରେ ଜନସାଧାରଣଙ୍କୁ ଭ୍ରମିତ କରୁଛି। ମାତ୍ର ଏକ ନୂତନ ଓ ସମୃଦ୍ଧ ସମ୍ବଲପୁର ଗଢ଼ିବା ବିଜେଡିର ସ୍ୱପ୍ନ। ସମ୍ବଲପୁରରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ, ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଓ ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ସହରର ସମସ୍ତ ଗଳି ଓ ଛକରେ ସିସିଟିଭି ଖଞ୍ଜିବା, ସମ୍ବଲପୁର ସହରର ସ୍ୱଚ୍ଛତା ରକ୍ଷାକୁ ପ୍ରାଥମିକତା ଦିଆଯିବ। ସେହିପରି ସମ୍ବଲପୁର, ହୀରାକୁଦ, ବୁର୍ଲା, ରେଙ୍ଗାଲିକୁ ନେଇ ଏକ ବୃହତ୍ ମହାନଗର ପ୍ରକଳ୍ପ କରାଯିବ। ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ହୀରାକୁଦ ଜଳଭଣ୍ଡାର ବିକାଶ ସହିତ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ନିଯୁକ୍ତି ଦିଆଯିବ, ସମ୍ବଲପୁରରେ ଆଇଟି ପାର୍କ ନିର୍ମାଣ, ସମଲେଶ୍ୱରୀ ପ୍ରକଳ୍ପର ସଫଳତା ମା' ସମଲେଇଙ୍କ ଆଶୀର୍ବାଦ, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ବୋଲି ଇଂ.ପୂଜାରୀ କହିଥିଲେ।

ସେ ଆହୁରି କହିଥିଲେ ଯେ, ଛତିଶଗଡ଼ ସରକାର ବେଆଇନ ଭାବେ ବ୍ୟାରେଜ ନିର୍ମାଣ କରି ମହାନଦୀ ପାଣିକୁ ଅଟକାଇଛନ୍ତି। ଏନେଇ କେନ୍ଦ୍ର ସରକାର ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଛତିଶଗଡ଼ରେ ବେଆଇନ ଭାବେ ମହାନଦୀ ଉପରେ ନିର୍ମିତ ସମସ୍ତ ବ୍ୟାରେଜ୍ ଭାଙ୍ଗିବାକୁ ପଦକ୍ଷେପ ନିଅନ୍ତୁ ବୋଲି କହି ସେ କେନ୍ଦ୍ର ଭାଜପା ସରକାରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀର ମାନ୍ୟତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ନିବେଦନକୁ କେନ୍ଦ୍ର ସରକାର ଅଣଦେଖା କରି ଆସିଛନ୍ତି। ଦୀର୍ଘଦିନ ଧରି ନିଜ ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତ ଥିବା ବିଧାୟକ ଜୟନାରାୟଣ ମିଶ୍ର ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ପୁଣିଥରେ ନିର୍ବାଚନର ଅବତୀର୍ଣ୍ଣ ହେବା ତାଙ୍କ କ୍ଷମତା ଲାଳସାକୁ ପ୍ରମାଣିତ କରୁଛି। ତେବେ ଆସନ୍ତା ଜୁନ ୪ ତାରିଖରେ ସମ୍ବଲପୁରବାସୀ ତାଙ୍କୁ ଫେରସ୍ତେଲ ଦେବେ ବୋଲି ସେ କହିଥିଲେ।

ସ୍ଥାନୀୟ ଜନପ୍ରତିନିଧିଙ୍କ ଅପାରଗତାରୁ କୌଣସି ନିର୍ବାଚନମଣ୍ଡଳୀ ବିକାଶ ପାଇଁ କ୍ଷମତାସୀନ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ କ'ଣ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ପୂଜାରୀ କହିଥିଲେ ଯେ ସ୍ଥାନୀୟ ଜନପ୍ରତିନିଧି ଜନତାଙ୍କ ସମସ୍ୟା ଉପସ୍ଥାପନ କରିବା ଆବଶ୍ୟକ। ତେବେ ଯାଇ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ସେହିପରି ସମ୍ବଲପୁରରେ ଦୀର୍ଘ ୧୦ ବର୍ଷ ହେଲା ମହାନଗର ନିଗମ ଗଠନ ହୋଇ ନ ଥିବାରୁ ଦାୟିତ୍ୱରେ ଥିବା ଅଧିକାରୀ ଲୋକଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି। ତେଣୁ ମହାନଗର ନିଗମ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯିବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଥିବାରୁ ନିର୍ବାଚନ ହୋଇ ପାରୁନାହିଁ।

ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ଖବରଦାତା ସମ୍ମିଳନୀକୁ ସଂଯୋଜନା କରି କହିଛନ୍ତି ଯେ, ଆଇଆଇଏମ୍‌ର ଜମି ନେଇଥିବା ଆଇଟି କମ୍ପାନୀ ନିର୍ଦ୍ଦେଶକ ନିଜେ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ଅଟନ୍ତି। ସେହିଭଳି କେନ୍ଦ୍ରରୁ ସବୁଠୁ ବେଶୀ ଟଙ୍କା ନେଇଥିବା ବିକାଶ ଫାଉଣ୍ଡେଶନର ନିର୍ଦ୍ଦେଶକ ମଧ୍ୟ ମୃଦୁଳା ଠାକୁର ରହିଛନ୍ତି। ଏହା କ'ଣ ପ୍ରମାଣିତ କରୁଛି ବୋଲି କହିଛନ୍ତି ଡ.ମହାନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ସଂଯୋଜକ ସିଦ୍ଧାର୍ଥ ଦାସ, ବିଧାନସଭା କ୍ଷେତ୍ର ସଂଯାଜକ ସଞ୍ଜୟ ବାବୁ ଉପସ୍ଥିତ ଥିଲେ।

# ସମିତି ସଭ୍ୟାଙ୍କ ପରିବାରକୁ ହତ୍ୟା ଧମକ

## ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାପ

ଯୋଡ଼ା,୨୨ା୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ କାଳିମାଟି ପଞ୍ଚାୟତର ସମିତି ସଭ୍ୟାଙ୍କ ପରିବାରକୁ ହତ୍ୟା ଧମକ ମିଳିଛି। ଏ ନେଇ ସମିତି ସଭ୍ୟା ଅଷ୍ଟମୀ ମୁଣ୍ଡା ବାମେବାରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ସମିତି ସଭ୍ୟାଙ୍କ ସ୍ୱାମୀ ଟିକେଶ୍ୱର୍ ମୁଣ୍ଡାଙ୍କ ମୋବାଇଲ ନମ୍ବରକୁ ସ୍ଥାନୀୟ ଦୁବୁନା ଆମ୍ବତୋଟା ସାହିର କେତେକ ବ୍ୟକ୍ତି କଲ କରି ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କର ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କଲେ ଅଷ୍ଟମୀଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବା ସହ ଘର ଜାଳି ଦେବାକୁ ଧମକ ଦେଇଥିଲେ। ଅଷ୍ଟମୀଙ୍କ ପରିବାର ଲୋକେ ଭୟଭୀତ ହୋଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ବାରମ୍ବାର ଏହିପରି ଫୋନ୍‌ରେ ଧମକ ମିଳୁଥିବାରୁ ଅଷ୍ଟମୀ ଏଭଳି ଧମକପୂର୍ଣ୍ଣ ବାର୍ତ୍ତାଳାପକୁ ରେକର୍ଡ କରି ପୋଲିସକୁ ଜଣାଇଥିବା କହିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଛି।

# ଜେଲରୁ ବାହାରିଲେ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ

ବ୍ରହ୍ମପୁର,୨୨ା୫(ସୁବାସ ଚନ୍ଦ୍ର ପାଢ଼ୀ)



ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ବୁଧବାର ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ହାଇକୋର୍ଟରୁ ମିଳିଥିବା ଅନ୍ତରୀଣ ଜାମିନ ବଳରେ ବୁଧବାର ସନ୍ଧ୍ୟାରେ ନାରାୟଣଙ୍କ ସମେତ ଚମାଖଣ୍ଡିର ଏନ. ଦିଲୀପ କୁମାର ରେଡ୍ଡୀ ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମା ମଧ୍ୟ ମଣ୍ଡଳ କାରାଗାରରୁ ବାହାରିଛନ୍ତି।

ପ୍ରକାଶ ଯେ, ୨୬ ବର୍ଷ ତଳେ ଛତ୍ରପୁର ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସେ ସମୟରେ ହୋଇଥିବା ବୋମାମାଡରେ ରିଜର୍ଭ ଇନ୍ସପେକ୍ଟର ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ବିଚାର କରି ୨୦୨୩ ଜୁଲାଇ ୩୧ ତାରିଖରେ ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍-୩ (ଏମ୍‌ପି ଓ ବିଧାୟକଙ୍କ ମାମଲା ବିଚାର ପାଇଁ ଗଠିତ ଅଦାଲତ)

## ହାଇକୋର୍ଟରୁ ମିଳିଲା ଅନ୍ତରୀଣ ଜାମିନ

ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ମୋଟ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ନାରାୟଣ, କାମରାଜୁ ଓ ଦିଲୀପଙ୍କ ସମେତ ମୋଟ ୧୩ଜଣ ଦୋଷୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ଏହାଭିତରେ ଅତିରିକ୍ତ ଜିଲାଜଜ-୩ଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ନାରାୟଣଙ୍କ ସହ ଅନ୍ୟ ଦୋଷୀମାନେ ନିଜ ଓକିଲଙ୍କ ଜରିଆରେ ହାଇକୋର୍ଟରେ ମୋଟ ୫ଟି ଅପିଲ ଦାଏର କରିଥିଲେ। ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ଉକ୍ତ ୫ ଆବେଦନର ଏକତ୍ର ଶୁଣାଣି କରିବା ସହ ସମସ୍ତ ଦୋଷୀଙ୍କୁ ୮ ସପ୍ତାହ ପାଇଁ ଗତ ୨୦ ତାରିଖରେ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ବୁଧବାର ନାରାୟଣଙ୍କ ଓକିଲ ଶିଶିର ପାଢ଼ୀ ହାଇକୋର୍ଟରୁ ମିଳିଥିବା ଅନ୍ତରୀଣ ଜାମିନ ସମ୍ପର୍କିତ କାଗଜପତ୍ର ଓ ବଣ୍ଡ ଅତିରିକ୍ତ ଜିଲା ଜଜ-୩ ଅଦାଲତରେ ଦାଖଲ କରିଥିଲେ। ସେହିକ୍ରମରେ ପୂର୍ବତନ ବିଧାୟକଙ୍କ ସମେତ ୩ ଜଣ କାରାଗାରରୁ ମୁକୁଳିଛନ୍ତି। ଅନ୍ୟ ଦୋଷୀମାନେ ମଧ୍ୟ ଖୁବ୍‌ଶୀଘ୍ର କାରାଗାରରୁ ବାହାରିବେ ବୋଲି ଶୁଣାଯାଉଛି।

# ନିର୍ବାଚନ ଡ୍ୟୁଟିରେ ନିୟୋଜିତ ସହକାରୀ ଶିକ୍ଷକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

## ଜିଲା ପ୍ରଶାସନକୁ ଦାୟୀକଲେ ପରିବାର ଲୋକେ

ସୁନ୍ଦରଗଡ଼, କୁଆଁରମୁଣ୍ଡା,୨୨ା୫ (ଜୟ ନାରାୟଣ ମେଣ୍ଡୁଲି/ମହେନ୍ଦ୍ର ସାହୁ)

ସୁନ୍ଦରଗଡ଼ ଜିଲାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ ଜଣେ ସହକାରୀ ଶିକ୍ଷକଙ୍କ ରାଉରକେଲା ଜେନେରାଲ ହସ୍ପିଟାଲ(ଆରଜିଏଚ)ରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ହେଲେ ମଙ୍ଗଲୁ ଟପ୍ପୋ(୫୮)। ଜିଲା ମଙ୍ଗଳ ବିଭାଗ ଅଧିକାରୀ ପବିତ୍ର ପ୍ରଧାନଙ୍କ ସୂଚନା ଅନୁସାରେ, ଟପ୍ପୋ କୁଆଁରମୁଣ୍ଡା ଲାଞ୍ଜିବେର୍ଣ୍ଣା ସେବାଶ୍ରମ ସ୍କୁଲର ସହକାରୀ ଶିକ୍ଷକ ଥିଲେ। ଗତ ୨୦ ତାରିଖରେ ହୋଇଥିବା ନିର୍ବାଚନରେ ବଣାଇ ଧରଣୀଧର ହାଇସ୍କୁଲରେ ତାଙ୍କ ଡ୍ୟୁଟି ପଡିଥିଲା। ଇଭିଏମ ଭିଭିପ୍ୟାଟି ମେଶିନ ରିସିଭ କରିସାରିବା ପରେ ହଠାତ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପ୍ରଥମେ ବଣାଇ ଉପଖଣ୍ଡ ଡାକ୍ତରଖାନା ଓ ପରେ ରାଉରକେଲା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ମଙ୍ଗଲୁଙ୍କ ସ୍ତ୍ରୀ ମାଳତୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ଜଣେ ପରାଲିସିସ୍ ରୋଗୀ। ଶରୀର ଅସୁସ୍ଥ ଥିବାରୁ ସେ ଡ୍ୟୁଟି କରିପାରିବେ ନାହିଁ ବୋଲି ୩ ଥର ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପ୍ରକାରେ ତାଙ୍କର ଅନୁରୋଧ ଗ୍ରହଣ କରାଯାଇ ନ ଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ମାଳତୀ କହିଛନ୍ତି।

# ଝଞ୍ଜାବତୀ, ଚୁଆରେ ବୁଡ଼ି ୨ ନାବାଳକ ମୃତ: ୩ ଉଦ୍ଧାର

କୋରାପୁଟ/ନାରାୟଣପାଟଣା/ଦଶମନ୍ତପୁର,୨୨ା୫ (ଅମିତାଭ ବେହେରା/ରାଜ କିଶୋର ଜେନା/ଅରବିନ୍ଦ ନାୟକ)

କୋରାପୁଟ ଜିଲାରେ ବୁଧବାର ଝଞ୍ଜାବତୀ ନଦୀ ଓ ଚୁଆରେ ବୁଡ଼ି ୨ ବାଳକଙ୍କ ମୃତ୍ୟୁ ଘଟିଛି। ଜିଲାର ନାରାୟଣପାଟଣା ଥାନା ଅନ୍ତର୍ଗତ ବାଲିପେଟା ଗ୍ରାମ ନିକଟରେ ଥିବା ଝଞ୍ଜାବତୀ ନଦୀରେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଦଶମନ୍ତପୁର ବ୍ଲକ୍‌ର ମଇନାମାଳ ଗ୍ରାମରେ ଏକ ଚୁଆରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଝଞ୍ଜାବତୀରୁ ଜଣେ ବାଳକଙ୍କ ମୃତଦେହ ମିଳିଥିବା ବେଳେ ୩ ଜଣ ନାବାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମୃତ ନାବାଳକ ହେଲେ ଶଙ୍କର ଖରା (୧୨)। ତାଙ୍କ ଘର ବନ୍ଧୁଗାଁ ବ୍ଲକ୍‌ର କୁମ୍ଭାରିପୁଟ ଗ୍ରାମରେ। ସେ ଉକ୍ତ ଗ୍ରାମର ପରମାନନ୍ଦ ଖରାଙ୍କ ପୁଅ ବୋଲି ଜଣାପଡିଛି।

ନିଜସମ୍ପର୍କୀୟ ମାମୁଘର ମଙ୍ଗରାଜ ମହାନନ୍ଦିଆଙ୍କ ଘରକୁ ଘଣ୍ଟଯାତ୍ରା ଦେଖିବାକୁ ଆସିଥିବା ଶଙ୍କର ବୁଧବାର ମଧ୍ୟାହ୍ନରେ ଗାଧୋଇବା ପାଇଁ ୪ ଜଣ ସାଙ୍ଗଙ୍କ ସହ ଝଞ୍ଜାବତୀ ନଦୀକୁ ଯାଇଥିଲେ। ଏହି ସମୟରେ ହଠାତ୍ ଶଙ୍କର ଜଳରାଶିର ଗଭୀର ସ୍ଥାନକୁ ଖସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ସେଠାରେ ଥିବା ଅନ୍ୟ ୩ ସାଙ୍ଗ ଉଦ୍ୟମକରି ବିଫଳ ହୋଇଥିଲେ। ସେମାନେ ନିକଟରେ ଥିବା କେତେ ଜଣ ଗ୍ରାମବାସୀଙ୍କୁ ସହାୟତା କରିବାକୁ ନିବେଦନ କରିଥିଲେ। ଗ୍ରାମବସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ନାବାଳକଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏନେଇ ନାରାୟଣପାଟଣା ପୋଲିସ ଓ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ନଦୀରେ ବହୁ ସମୟ ଖୋଜାଖୋଜି କରିବା ପରେ ଶଙ୍କରଙ୍କ ମୃତଦେହ ନଦୀରୁ ମିଳିଥିଲା। ପରେ ବ୍ୟବଚ୍ଛେଦ ପାଇଁ ନାରାୟଣପାଟଣା ମେଡିକାଲକୁ ପଠାଇଥିଲେ। ସେହିପରି ପୂର୍ବରୁ ଉଦ୍ଧାର ହୋଇଥିବା ୩ ନାବାଳକଙ୍କୁ ମଧ୍ୟ ମେଡିକାଲକୁ ନିଆଯାଇ ସେଠାରେ ସେମାନଙ୍କ ଚିକିତ୍ସା ପରେ ସମସ୍ତଙ୍କୁ ବାଲିପେଟାସ୍ଥିତ ନିଜ ଘରକୁ କର୍ମଚାରୀମାନେ ପଠାଇ ଦେଇଥିଲେ। ଏହି ଘଟଣା ବାଲିପେଟା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

ସେହିପରି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକଫୁଲବେଡ଼ା ପଞ୍ଚାୟତର ମଇନାମାଳ ଗ୍ରାମରେ ବୁଧବାର ଏକ ଅଘଟଣ ଘଟିଛି। ଚୁଆପାଣିରେ ବୁଡ଼ି ଜଣେ ୪ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମର ନକୁଳ କମାରଙ୍କ ପୁଅ ଅମିତ ବୋଲି ଜଣାପଡ଼ିଛି। ଖରା ଯୋଗୁ କେତେଜଣ ସାଙ୍ଗ ପିଲାଙ୍କ ସହ ଅମିତ ଗ୍ରାମ ତଳେ ଥିବା ଏକ ଧାନ ବିଲର ଚୁଆକୁ ଗାଧୋଇବାକୁ ଯାଇଥିଲେ। ଚୁଆରେ ପାଣି ଅଧିକ ଥିବାରୁ ଗାଧୋଉଥିବା ବେଳେ ଅମିତ ବୁଡ଼ିଯାଇଥିଲେ। ସେ ଦୀର୍ଘ ସମୟ ଧରି ବାହାରକୁ ନ ବାହାରିବାରୁ ଅନ୍ୟ ସାଙ୍ଗମାନେ ଦୌଡ଼ି ଯାଇ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ଓ ଗ୍ରାମର କେତେଜଣ ଯୁବକ ଚୁଆଠାରେ ପହଞ୍ଚି ପାଣିରେ ଖୋଜାଖୋଜି କରି ମୃତ ଅବସ୍ଥାରେ ଅମିତଙ୍କୁ ବାହାର କରିଥିଲେ। ଏ ନେଇ ସରପଞ୍ଚ ମହେଶ୍ୱର ଗାଦାବାଙ୍କ ଉପସ୍ଥିତିରେ ଅମିତଙ୍କ ବାପା ନକୁଳ ଘଟଣା ସମ୍ପର୍କରେ କୋରାପୁଟ ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ୧୨ ମାଓବାଦୀ ଗିରଫ


ଗିରଫ ମାଓବାଦୀ

ମାଲକାନଗିରି,୨୨ା୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଡିଆର୍‌ଜି ବାହିନୀ ଓ ୨୦୪, ୨୦୬, ୨୦୮ କୋବ୍ରା ବାହିନୀ ମିଳିତ ଭାବେ ଦୁଲେଡ, ବେଟ୍ଟେଡୋଙ୍ଗ, ରାସାପଲ୍ଲୀ, ପିନାରଂଦା, ଇରାପଲୀ, ମେଟାମୁଡେମ ଓ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେଶନକରି ୧୦ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେହିପରି ଦାନ୍ତେୱାଡ଼ା ଜିଲା ଅରନପୁର ଥାନା ଅଞ୍ଚଳରୁ ୨ ଜଣ ମାଓବାଦୀଙ୍କ ମଧ୍ୟ ଗିରଫ କରାଯାଇଛି।

ଏମାନଙ୍କୁ ଦୁଲେଡ୍ ଗ୍ରାମ ନିକଟ ଜଙ୍ଗଲରୁ ଗିରଫ କରାଯାଇଛି। ଏମାନେ ହେଲେ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ମାଡବୀ ବୁସ୍କାଙ୍କ ସହ ମାଡବୀ ଜଗା, ପଦାମ ଜୋଗା, ସୋଡି ଗଙ୍ଗା, ମାଡବି ହୁଙ୍ଗା, ସୋଡି ମୁଡା, ମଡକମ ଦେବା, ମଡକମ ହିଂଗା, ବେଟି ହୁଙ୍ଗା ଓ ମଡକମ ନନ୍ଦା। ଏମାନେ ଡିଏକେଏମ୍ଏସ୍, ଏର୍ନାପାଲ୍ଲୀ ଆର୍‌ପିସି ମିଲିସିଆ ସଦସ୍ୟ, ବୋଟେଡୋଂଗଡ ଏକେଏମ୍ଏସ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତଦନ୍ତ କରିବାରୁ ମାଡବି ଜଗା, ମାଡବି ବୁସ୍କା, ପଦାମ ଜଗା, ସୋଡି ଗଙ୍ଗା, ମାଡବି ହୁଙ୍ଗା ଚନ୍ତାଗୁଫା ଅଞ୍ଚଳରେ ୨୦୨୩ ଡିସେମ୍ବରରେ ମିନପା ଗ୍ରାମକୁ ଯାଉଥିବା ସମୟରେ ଜଣେ ଗ୍ରାମବାସୀଙ୍କୁ ଅପହରଣକରି ହତ୍ୟା କରିଥିବା ରେକର୍ଡ ରହିଛି। ଏମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ସେହିପରି ଦାନ୍ତେୱାଡ଼ା ଜିଲା ଅରନପୁର ଥାନା ଅଞ୍ଚଳ ନିଲାବାୟା, କେଶାପାରା ଓ ପୋଟାଲି ଗ୍ରାମରେ ସିଆର୍‌ପିଏଫ୍ ୧୧୧ ବାହିନୀ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ପୋଟାଲୀ ଗ୍ରାମରୁ ୨ ଜଣ ମାଓବାଦୀଙ୍କୁ ଗିରଫ କରିଛି। ଏହି ୨ଜଣଙ୍କ ମଧ୍ୟରୁ ଜଣେ ହୁଙ୍ଗା ଓରଫ ଗଟମୁ ସୋଡି ଓ ଅନ୍ୟ ଜଣେ ଜଗା କୁଡାମୀ ବୋଲି ଜଣାପଡିଛି। ଏମାନେ ପୋରଦେମ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏଥିସହ ଏହି ୨ଜଣଙ୍କ ନିକଟରୁ ଗୋଟିଏ ଟିଫିନ ବୋମା, ଦୁଇଟି ଡିଟୋନେଟର, ତାର ଓ ମାଓବାଦୀ ପୋଷ୍ଟର ଇତ୍ୟାଦି ଜବତ କରାଯାଇଛି। ଏହି ଦୁଇଜଣଙ୍କ ନାମରେ ବିଭିନ୍ନ ଥାନାରେ ଭିନ୍ନ ଭିନ୍ନ ଘଟଣାରେ କେସ୍ ରେକର୍ଡ ହୋଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଭୋଟ ପରେ ଗୁଳି: ଜଣେ ମୃତ, ୨ ଆହତ

ପାଟନା,୨୨ା୫

ବିହାରର ଶରନ ଜିଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି। ଭିକାରୀ ଠାକୁର ଛକ ନିକଟ ବଡ଼ା ତେଲ୍‌ପା ଅଞ୍ଚଳରେ ମଙ୍ଗଳବାର ସକାଳେ ଗୁଳିମାଡ଼ରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ସିଟି ପୋଲିସ ଷ୍ଟେଶନ ଇନ୍-ଚାର୍ଜ ଅଶ୍ୱିନୀ ତିୱାରୀଙ୍କୁ ଏକ କମ୍ ଗୁରୁତ୍ୱପୂର୍ଣ୍ଣ ପଦକୁ ବଦଳି କରାଯାଇଛି। ସୋମବାର ଏହି ଅଞ୍ଚଳରେ ଭୋଟ ଗ୍ରହଣ ବେଳେ ଅନିୟମିତତାକୁ ନେଇ ଭାଜପା ଏବଂ ଆର୍‌ଜେଡି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀ ଗୁଳି ଚଳାଇବାରୁ ଅପର ଗୋଷ୍ଠୀର ୩ ଜଣ ଆହତ ହୋଇଥିଲେ।

# ସିଦ୍ଧାର୍ଥ ସ୍ପଞ୍ଜ୍ ଆଣ୍ଡ ପାୱାର୍ ନିର୍ଦ୍ଦେଶକ ଗିରଫ

## ଖଣି ଦୁର୍ନୀତି ମାମଲା

ଭୁବନେଶ୍ୱର,୨୨ା୫ (ସୂର୍ଯ୍ୟକାନ୍ତ ବେହେରା)

ଖଣି ଦୁର୍ନୀତି ମାମଲାରେ ଭୁବନେଶ୍ୱରସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ୍ ପାୱାର ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରିଛି। ପ୍ରାପ୍ତ ଅନୁମତିଠାରୁ ଅଧିକ ଆଇରନ ଓର୍ (ଲୁହାପଥର) ଉତ୍ତୋଳନ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଇଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଆନନ୍ଦଙ୍କୁ ଗତ ୧୮ ତାରିଖରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ଇଡି ୫ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଥିଲା। ତେବେ ବୁଧବାର ତାଙ୍କୁ ଇଡି ପୁଣି କୋର୍ଟରେ ହାଜର କରାଇବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଇଡିର ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାର କାଶିବେଡ଼ା ଖଣିରୁ ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲ ଓ ଅନ୍ୟମାନେ ଅନୁମତିଠାରୁ ଅଧିକ ଖନନ କରିଥିଲେ। ଅଭିଯୋଗ ଆଧାରରେ ପ୍ରଥମେ ଭିଜିଲାନ୍ସ ପକ୍ଷରୁ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯିବା ସହ ଘଟଣାର ତନାଘନା କରାଯାଇଥିଲା। ପରେ ୨୦୨୩ରେ ଇଡି ପକ୍ଷରୁ ସେମାନଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୫ କୋଟି ଟଙ୍କାର ଲୁହାପଥର ଖନନ କରାଯାଇଥିବା ଓ ଏଥିଯୋଗୁ ରାଜକୋଷକୁ ୨୧ କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିବା ତଦନ୍ତବେଳେ ଜଣାପଡିଥିଲା। ଏହା ପରଠାରୁ ଇଡି ପକ୍ଷରୁ ଅଧିକ ତନାଘନା ଜାରି ରହିଥିଲା।

# ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଗଣନା ଆରମ୍ଭ

## ୧୩ ୟୁନିଟ୍‌ରେ ୨୭ କର୍ମଚାରୀ ସାମିଲ

ଖୁଣ୍ଟୁଣୀ,୨୨ା୫(ସଚ୍ଚିଦାନନ୍ଦ ପଣ୍ଡା)

ରାଜ୍ୟର ସମସ୍ତ ବନଖଣ୍ଡରେ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ବନାଞ୍ଚଳରେ ସନ୍ଧ୍ୟାରୁ ହାତୀ ଗଣନା କରାଯାଇଛି। ଏହି କାର୍ଯ୍ୟ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନରେ ଥିବା ଖୁଣ୍ଟୁଣୀ, ଗୋବରା, ଓରନ୍ଦା, କୃଷ୍ଣପୁର ଓ ଗୁରୁଡିଝାଟିଆ ଫରେଷ୍ଟ ସେକ୍ସନର ୧୩ଟି ଫରେଷ୍ଟ ବିଟ୍ ଅଞ୍ଚଳରେ ହାତୀ ଗଣନା କରାଯାଉଛି। ବନାଞ୍ଚଳର ୧୩ଟି ୟୁନିଟ୍‌ରେ ମୋଟ୍ ୪ଜଣ ଫରେଷ୍ଟର, ୧୦ ଗାର୍ଡ ଓ ୧୩ ଆଣ୍ଟି ଡିଫେନ୍ସ ସ୍କ୍ୱାର୍ଡ(ଏଡିଏସ୍) ଷ୍ଟାଫ ଓ ହାତୀ ଟ୍ରାକର ଏହି ଗଣନାରେ ସାମିଲ ହୋଇଥିବା ବନବିଭାଗ ସୂଚନା ଦେଇଛି। ଆସନ୍ତା ଶନିବାର ହାତୀ ଗଣନାର ରିପୋର୍ଟ ପ୍ରକାଶ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ସୀମାକୁ ଲାଗି କପିଳାସ, ଡାଳିଯୋଡ଼ା ଓ ଆଠଗଡ଼ ଫରେଷ୍ଟ ରେଞ୍ଜ ରହିଅଛି।

## ସମ୍ବିତଙ୍କ ବିରୋଧରେ ଇସିଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)**

ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ତାଙ୍କ ପ୍ରଚାର ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଫଟୋକୁ ବିଜ୍ଞାପନରେ ବ୍ୟବହାର କରିଛନ୍ତି। ଏହା ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରିଛି ବୋଲି ବିଜେଡି ବୁଧବାର ଅଭିଯୋଗ କରିଛି। ଉକ୍ତ ବିଜ୍ଞାପନର ବାବଦ ୨.୫ କୋଟି ଟଙ୍କା ସମ୍ବିତ ପାତ୍ରଙ୍କ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରିଛି। ଖାଲି ସେତିକି ନୁହେଁ, ପୁରୀରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ବେଳେ ସମ୍ବିତ ତାରକା ପ୍ରଚାରକ ତାଲିକାରେ ନ ଥିବା ନେତାମାନେ ରାଲିରେ ସାମିଲ ହୋଇଥିଲେ। ତାହା ମଧ୍ୟ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ବିଜେଡି ପକ୍ଷରୁ ଭାରତର ନିର୍ବାଚନ କମିଶନର(ଇସି)ଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାର ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ପ୍ରଦାନ କରିଛି ବିଜେଡି ପ୍ରତିନିଧି ଦଳ। ସୂଚନାଯୋଗ୍ୟ, ଗତ ୨୦ତାରିଖରେ ପୁରୀ ବଡ଼ଦାଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ବେଳେ ସମ୍ବିତ ପାତ୍ର 'ମୋଦିଙ୍କ ଭକ୍ତ ଜଗନ୍ନାଥ' ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ସବୁଠି ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ସମ୍ବିତ କ୍ଷମା ପ୍ରାର୍ଥନା କରିବା ସହ ତିନିଦିନ ଉପବାସ ରହିବେ ବୋଲି କହିଥିଲେ। ଏଥିସହ ବୁଧବାର ବିଭିନ୍ନ ଖବରକାଗଜରେ ସମ୍ବିତ୍ଙ୍କ କ୍ଷମାପ୍ରାର୍ଥନାର ବିଜ୍ଞାପନ ପ୍ରକାଶ ପାଇଥିଲା, ଯେଉଁଥିରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ଥାନ ପାଇଥିଲା।

# ଅତ୍ୟାଧୁନିକ ଚିକିତ୍ସା ସହ ରୋଗୀ ଯତ୍ନକୁ ଗୁରୁତ୍ୱ

**ଭୁବନେଶ୍ୱରସ୍ଥିତ ଆମ୍ରୀ ହସ୍ପିଟାଲକୁ ଦେଶର ଜଣାଶୁଣା ସ୍ୱାସ୍ଥ୍ୟାନୁଷ୍ଠାନ ମଣିପାଲ ହସ୍ପିଟାଲ ନିଜ ଅଧୀନକୁ ନେଇଛି ଫଳରେ ସାରା ଦେଶରେ କାର୍ଯ୍ୟ କରୁଥିବା ମଣିପାଲ ହସ୍ପିଟାଲ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି ତେବେ ଏହି ହସ୍ପିଟାଲ ଓଡ଼ିଶାବାସୀଙ୍କୁ କିପରି ସ୍ୱାସ୍ଥ୍ୟସେବା ଯୋଗାଇବ ଏବଂ ରୋଗୀଙ୍କ ହୃଦୟ ଜିତିବ ତାହା ଏବେ ବଡ଼ ପ୍ରସଙ୍ଗ ହୋଇଛି। ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ସେବା ସହ ରୋଗୀଙ୍କ ପ୍ରତି ଅନ୍ୟ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି ସେନେଇ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ରଙ୍କ ସହ 'ଧରିତ୍ରୀ'ର ଆଳାପ...**

ସାକ୍ଷାତ୍କାର: ଅସମାପିକା ସାହୁ



ଡା. ଶକ୍ତିମୟ ମହାପାତ୍ର, ନିର୍ଦ୍ଦେଶକ, ମଣିପୁର ହସ୍ପିଟାଲ ଭୁବନେଶ୍ୱର

**ପ୍ର- ଆମ୍ରୀ ହସ୍ପିଟାଲକୁ ଟେକ୍ଓଭର କରିବାର ଉଦ୍ଦେଶ୍ୟ କ'ଣ?**

ଉ- ମଣିପାଲ ହସ୍ପିଟାଲ ଦେଶର ଏକ ବିଶ୍ୱସନୀୟ ହସ୍ପିଟାଲ। ଅତ୍ୟାଧୁନିକ ଚିକିତ୍ସା ପାଇଁ ଓଡ଼ିଶାରୁ ବି ରୋଗୀ ସେଠାକୁ ଯାଆନ୍ତି। ଓଡ଼ିଶା ଲୋକେ କିପରି ସେସବୁ ଚିକିତ୍ସା ସେବା ନିଜ ଅଞ୍ଚଳରେ ପାଇପାରିବେ, ତାହା ଆମର ଉଦ୍ଦେଶ୍ୟ ଥିଲା। ଏଠାରେ ଯଦି ସେସବୁ ଚିକିତ୍ସା ସୁବିଧା ମିଳିପାରିବ, ତେବେ ଓଡ଼ିଶାର ଲୋକେ ହିଁ ବିଶେଷ ଉପକୃତ ହେବେ। ଆମ୍ରୀର ଟେକ୍ ଭଲ ରହିଥିବାରୁ ଏହା ମାଧ୍ୟମରେ ଓଡ଼ିଶାରେ ମଣିପାଲ ହସ୍ପିଟାଲ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ପାରିବ।

**ପ୍ର- ଲୋକେ କାହିଁକି ମଣିପାଲ ହସ୍ପିଟାଲ ଯିବାକୁ ଆଗ୍ରହ କରିବେ?**

ଉ- ଭଲ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇବେ। ଏଥିସହିତ ଆମ କର୍ମଚାରୀ କିପରି ଭଲରେ ରହି ରୋଗୀଙ୍କର ଉତ୍ତମ ଯତ୍ନ ନେଇପାରିବେ, ତାହାକୁ ଆମେ ଗୁରୁତ୍ୱ ଦେଉଛୁ। ନର୍ସମାନେ ରୋଗୀଙ୍କ ସହିତ ନିଜର ହୋଇ କଥାବାର୍ତ୍ତା କରିବା ସହ ସେବା ଯୋଗାଇଦେବେ। ବିଶେଷକରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯେପରି ଆମ ଚିକିତ୍ସା ସେବାକୁ ନେଇ ସନ୍ତୁଷ୍ଟ ହେବେ, ସେଥିପ୍ରତି ଆମେ ଧ୍ୟାନ ଦେବୁ।

**ପ୍ର- ଭିତ୍ତିଭୂମିର ଆହୁରି ବିକାଶ ପାଇଁ ଯୋଜନା ଅଛି କି?**

ଉ- ଅଙ୍କୋଲୋଜି ବିଭାଗକୁ ଦୃଢ଼ୀଭୂତ କରାଯିବ। ଆମ୍ରୀରେ ଅଙ୍କୋଲୋଜି ବିଭାଗ ଥିଲା। କିନ୍ତୁ ରେଡିଏଶନ ଅଙ୍କୋଲୋଜି ନ ଥିଲା। ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ମଧ୍ୟ ନ ଥିଲା। ୨୦୨୫ ସୁଦ୍ଧା ଓଡ଼ିଶାର ଲୋକେ ଏହି ସୁବିଧା ମଣିପାଲ ହସ୍ପିଟାଲରେ ପାଇପାରିବେ।

**ପ୍ର- ଓଡ଼ିଶାରେ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ବା ଅଙ୍ଗ ପ୍ରତିରୋପଣକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଆମ ଲୋକ ବାହାର ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ଓଡ଼ିଶା ଲୋକ ଅଙ୍ଗଦାନ କଲେ ତାହା ପ୍ରାୟତଃ ବାହାର ରାଜ୍ୟକୁ ଯାଉଛି। ଏପରି କାହିଁକି ହେଉଛି?**

ଉ- ରାଜ୍ୟରେ ଅଙ୍ଗ ପ୍ରତିରୋପଣ ପାଇଁ ଅନୁମତି ମିଳିଛି। ଏଥିପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତିର ଆବଶ୍ୟକ। ସେହିଭଳି ପ୍ରଶିକ୍ଷିତ ଡାକ୍ତର ଏବଂ ନର୍ସଙ୍କ ଆବଶ୍ୟକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଆମ ହସ୍ପିଟାଲରେ ଉପଲବ୍ଧ କରାଉଛୁ। କିଡ୍ନି ପ୍ରତିରୋପଣ ପାଇଁ ଆମର ସବୁ ବ୍ୟବସ୍ଥା ରହିଛି। ଏବେ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ବ୍ୟବସ୍ଥା କରାଯାଉଛି, ଯାହାକି ଆସନ୍ତା ମାସରୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରଖୁଛୁ। ଅନ୍ୟ ଅଙ୍ଗ ପ୍ରତିରୋପଣ ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେବୁ। ସେହିପରି ରାଜ୍ୟର ଯେକୌଣସି ହସ୍ପିଟାଲ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟକୁ ଏକ ପ୍ରୋଗ୍ରାମ ଭାବେ ନେଇବା ଦରକାର। ଅଙ୍ଗ ପ୍ରତିରୋପଣ ଲୋକମାନଙ୍କ ପାଇଁ ବ୍ୟୟସାପେକ୍ଷ ହେବା ଦରକାର। ଆମେ ଏଠାରେ ଏହାକୁ ନିୟମିତ କରିପାରିଲେ ଏହାର ଖର୍ଚ୍ଚ ବି କମିଆସିବ। ତେଣୁ ଅଙ୍ଗ ପ୍ରତିରୋପଣ ଲାଗି ଲୋକେ ଆଉ ବାହାରକୁ ଯିବା ପାଇଁ ଚାହିଁବେନି।

# ଆମ୍ରୀକୁ ନେଲା ମଣିପାଲ ହସ୍ପିଟାଲ




ଖବରଦାତା ସମ୍ମିଳନୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଓ ବିଜୟୱାଡ଼ାର କ୍ଲଷ୍ଟର ନିର୍ଦ୍ଦେଶକ ଡା. ସୁଧାକର କାନ୍ତିପୁଡ଼ି, ଚିଫ୍ ପିପୁଲ ଅଫିସର ପାର୍ଥ ଦାସ ଓ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର ସୂଚନା ଦେଉଛନ୍ତି। (**ଫଟୋ:** ବିକାଶ ନାୟକ)

**ଭୁବନେଶ୍ୱର,୨୨।୫(ଅସମାପିକା ସାହୁ)**

ଆମ୍ରୀକୁ ନେଲା ମଣିପାଲ ହସ୍ପିଟାଲ। ଭୁବନେଶ୍ୱରର ୪୦୦ ଶଯ୍ୟାବିଶିଷ୍ଟ ଆମ୍ରୀ ହସ୍ପିଟାଲକୁ ମଣିପାଲ ହସ୍ପିଟାଲ ନିଜ ବ୍ରାଣ୍ଡରେ ଏକକୀକରଣ କରିଛି। ବୁଧବାରଠାରୁ ଅର୍ଥାତ୍ ମେ' ୨୨ରୁ ଏହି ହସ୍ପିଟାଲ ତା'ର ବିଭିନ୍ନ ସେବାଗୁଡ଼ିକୁ ମଣିପାଲ ହସ୍ପିଟାଲର ମାନଦଣ୍ଡ ଅନୁଯାୟୀ ପ୍ରଦାନ କରୁଛି। ଏହା ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବାର ରୁପାନ୍ତରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହେବ ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

ମଣିପାଲ ହସ୍ପିଟାଲର ଚିଫ୍ ପିପୁଲ ଅଫିସର ପାର୍ଥ ଦାସ କହିଛନ୍ତି, ସମଗ୍ର ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଯୋଗାଣକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ। ଏ ଦିଗରେ ଏହି ଏକକୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମ୍ରୀ ହସ୍ପିଟାଲର ସମୃଦ୍ଧ ପରମ୍ପରା ସହିତ ମଣିପାଲ ହସ୍ପିଟାଲର ପାରଦର୍ଶିତାକୁ ମିଶ୍ରଣ କରି ଆମେ ଆମର ରୋଗୀମାନଙ୍କୁ ଉତ୍କୃଷ୍ଟ ଯତ୍ନ ପ୍ରଦାନ କରିବା ସହିତ ଆମ କର୍ମଚାରୀଙ୍କ ମଧ୍ୟରେ ସହଯୋଗ ଏବଂ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପାର୍ଥ କହିଛନ୍ତି। ଭୁବନେଶ୍ୱର ଓ ବିଜୟୱାଡ଼ାର କ୍ଲଷ୍ଟର ନିର୍ଦ୍ଦେଶକ ଡା. ସୁଧାକର କାନ୍ତିପୁଡ଼ି କହିଛନ୍ତି, ମଣିପାଲ ହସ୍ପିଟାଲରେ ଆମ୍ରୀ ୟୁନିଟ୍‌ର ଏକକୀକରଣ ପାଇଁ ମୁଁ ଆନନ୍ଦିତ। ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା ଉତ୍କର୍ଷତା କ୍ଷେତ୍ରରେ ନୂଆ ଫର୍ଦ୍ଦ ଯୋଡ଼ିହେବ। ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ଏହାଦ୍ୱାରା ଆମ ରୋଗୀମାନେ ଦୂର ଯାତ୍ରା ନ କରି ଏଠାରେ ବିଶ୍ୱସ୍ତରୀୟ ଚିକିତ୍ସା ପାଇପାରିବେ ବୋଲି ଡା. କାନ୍ତିପୁଡ଼ି କହିଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ମଣିପାଲ ହସ୍ପିଟାଲ ସହ ଆମ୍ରୀର ଏକକୀକରଣ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଉପଲବ୍ଧତାକୁ ବିସ୍ତାର କରିବ। ରୋଗୀମାନେ ଏଠାରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ ବୋଲି ସେ କହିଥିଲେ।

ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ହସ୍ପିଟାଲ ପକ୍ଷରୁ ମିଡିଆ ପ୍ରିଭିଲେଜ୍ଡ କାର୍ଡକୁ ଉନ୍ମୋଚନ କରାଯାଇଥିଲା। ଏହି କାର୍ଡ ଦ୍ୱାରା ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ଟେଷ୍ଟ ଓ ଆଉଟ୍‌ପେସେଣ୍ଟ କନସଲଟେଶନ ପାଇଁ ୨୫% ରିହାତି ହୋଇପାରିବ। ତେବେ ଏଥିପାଇଁ ବିଭିନ୍ନ ସର୍ତ୍ତମୂଳକ ବ୍ୟବସ୍ଥା ରହିଛି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ମୋଖବର ଇରାନର ଅନ୍ତରୀଣ ରାଷ୍ଟ୍ରପତି

**ତେହରାନ, ୨୨।୫**

ଇରାନର ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ପରେ ଦେଶର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ମୋଖବରଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ୬୮ ବର୍ଷୀୟ ମୋଖବର ବର୍ତ୍ତମାନ ୩ ସଦସ୍ୟ ବିଶିଷ୍ଟ ପରିଷଦର ନେତୃତ୍ୱ ନେଉଛନ୍ତି। ଏହି ପରିଷଦକୁ ୫୦ ଦିନ ମଧ୍ୟରେ ରାଷ୍ଟ୍ରପତି ନିର୍ବାଚନ ଆୟୋଜନ କରିବା ଦାୟିତ୍ୱ ଦିଆଯାଇଛି। ୧୯୫୫ ସେପ୍ଟେମ୍ବର ୧ରେ ଜନ୍ମିତ ମୋଖବରଙ୍କୁ ସୁପ୍ରିମ ଲିଡର ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଘନିଷ୍ଠ ମନେକରାଯାଏ। ୨୦୨୧ରେ ରଇସିଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରାଯିବା ବେଳେ ମୋଖବର ଉପ ରାଷ୍ଟ୍ରପତି ହୋଇଥିଲେ। ଗତ ଅକ୍ଟୋବରରେ ମୋଖବର ମସ୍କୋକୁ ଗସ୍ତ କରିବାବେଳେ ରୁଷୀୟ ସେନାକୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ଆକ୍ରମଣ କରିପାରୁଥିବା କ୍ଷେପଣାସ୍ତ୍ର ଏବଂ ଅତିରିକ୍ତ ଡ୍ରୋନ ଯୋଗାଣ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ। ରଇସିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଯୋଗ ଦେଇଛନ୍ତି।

## ଆମେରିକାରେ ଦୁର୍ଘଟଣା, ୩ ଭାରତୀୟ ମୃତ

**ୱାଶିଂଟନ, ୨୨।୫**

ଆମେରିକାର ଜର୍ଜିଆ ପ୍ରଦେଶର ଅଲ୍ଫାରେଟାଠାରେ କାର୍ ଦୁର୍ଘଟଣାରେ ମଙ୍ଗଳବାର ୩ ଜଣ ଭାରତୀୟ-ଆମେରିକୀୟ ଛାତ୍ରଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ୨ ଭାରତୀୟ ଛାତ୍ର ଗୁରୁତର ଭାବେ ଆହତ ହୋଇଛନ୍ତି। ୫ ଜଣ ଭାରତୀୟ ଛାତ୍ରୀଛାତ୍ର ଥିବା ଏକ କାର୍ ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ମାଡ଼ ହୋଇଥିଲା। ୨ ଗୁରୁତର ଛାତ୍ରଙ୍କୁ ନର୍ଥ ଫୁଲଟନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାର୍‌ରେ ଥିବା ସମସ୍ତ ଛାତୀଛାତ୍ରଙ୍କ ବୟସ ୧୮ ହୋଇଥିବା ଜର୍ଜିଆ ବିଶ୍ୱବିଦ୍ୟାଳୟ ଓ ଅଲ୍ଫାରେଟା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ପୋଲିସ ସୂଚନା ଦେଇଛି। ୩ ମୃତକଙ୍କ ମଧ୍ୟରୁ ଜଣେ ଛାତ୍ର ଥିବାବେଳେ ୨ ଜଣ ଛାତ୍ରୀ ରହିଛନ୍ତି। ମୃତଛାତ୍ରଙ୍କ ନାମ ଆର୍ଯ୍ୟନ ଜୋଷୀ ଏବଂ ୨ ମୃତ ଛାତ୍ରୀଙ୍କ ନାମ ଶ୍ରୀୟା ଅବସରୱାଲା ଏବଂ ଅନ୍‌ଭି ଶର୍ମା ହୋଇଥିବା ଜଣାପଡ଼ିଛି।

# ରାଜଧାନୀରେ ଚେକିଂ ବେଳେ ୨ କାରରୁ ମିଳିଲା ୬.୫ ଲକ୍ଷ

**ଭୁବନେଶ୍ୱର,୨୨।୫ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ପୃଥକ୍ ପୃଥକ୍ ସ୍ଥାନରେ ଯାଞ୍ଚବେଳେ ୨ଟି କାରରୁ ପୁଣି ଲକ୍ଷାଧିକ ଟଙ୍କା ଜବତ ହୋଇଛି। ଏସ୍‌ଏସ୍‌ଟି-୫ର ଏକ ଟିମ୍ ନ୍ୟୁ-ଫରେଷ୍ଟ ପାର୍କ ରାସ୍ତାରେ ଯାଞ୍ଚ କରୁଥିବାବେଳେ ଏକ ଚାରିଚକିଆ ଯାନକୁ ସନ୍ଦେହବଶତଃ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ୫ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପଚରାଉଚରା ବେଳେ ସମ୍ପୃକ୍ତ ଗାଡ଼ିର ମାଲିକ ରାଜେନ୍ଦ୍ର କୁମାର ଚମ୍ପତିରାୟ କିମ୍ବା ଡ୍ରାଇଭର ହୃଦାନନ୍ଦ ସିଂହ ଉକ୍ତ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ତଥ୍ୟ ପ୍ରଦାନ ନ କରିପାରିବାରୁ ଉକ୍ତ ଟଙ୍କାକୁ ଟିମ୍ ଜବତ କରିଥିଲା। ସେହିପରି ମଙ୍ଗଳବାର ରାତିରେ ଲକ୍ଷ୍ମୀସାଗର ଥାନା ପୋଲିସ ଝାରପଡ଼ା ଗୋଲେଇ ଛକ ନିକଟରେ ଯାଞ୍ଚ କଲାବେଳେ ଏକ କଳାରଙ୍ଗର ଚାରିଚକିଆ ଯାନକୁ ସନ୍ଦେହ ବଶତଃ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରେ ୧.୫୦ଲକ୍ଷ ଟଙ୍କା ମିଳିଥିଲା। ପଚରାଉଚରା ବେଳେ ଗାଡ଼ିର ମାଲିକ ରମାକାନ୍ତ ସାହୁ ଉକ୍ତ ଟଙ୍କା ସମ୍ପର୍କରେ କୌଣସି ଠିକ୍ ତଥ୍ୟ ନ ଦେବାରୁ ପୋଲିସ ଟଙ୍କା ଜବତ କରିଥିଲା। ଅପରପକ୍ଷେ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ୍ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି ଟଙ୍କା ଜବତ ହୋଇଥିବା ମାଲିକଙ୍କୁ କୁହାଯାଇଥିଲା। ସୂଚନାନୁସାରେ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ କିଛି ଦିନ ହେବ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ କଡ଼ାକଡ଼ି ଯାଞ୍ଚ କରାଯାଉଛି।




କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ନିକଟରୁ ବାହାରିଥିବା ମତଦାତା ସଚେତନତା ଶୋଭାଯାତ୍ରା।

## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଯା'ଘରେ ନାହିଁ ବୁଢ଼ୀ,**
**ତା'ଘର ଯାଏ ବୁଡ଼ି।**

ବୃଦ୍ଧା ବା ବୟସ୍କା ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ଅଭିଜ୍ଞତା ବଳରେ ଘରସଂସାରକୁ ଠିକ୍ ଭାବେ ଚଳାଇ ନେବାରେ ନିପୁଣା ବା ସିଦ୍ଧହସ୍ତା ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯବଧାନ;**
**ଆଗ ଭାରିଯାକୁ ଛାଡ଼ପତର**
**ପଛ ଭାରିଯାକୁ ଅବଧାନ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୨୯ରେ ଆସିବେ ...

ସୂତ୍ରରୁ ଜଣାପଡିଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଆସନ୍ତା ୨୫ରେ ବାଲେଶ୍ୱର ଠାରେ ପ୍ରଚାର କରିବା ଲାଗି ଆସିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଗୁରୁବାର ପୂର୍ବାହ୍ନ ୧୧ଟାରେ କରଞ୍ଜିଆ, ମଧ୍ୟାହ୍ନ ୧୨ଟା ୩୦ରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ, ଅପରାହ୍ନ ୨ଟାରେ ବଡ଼ଚଣା ଏବଂ ଅପରାହ୍ନ ୪ଟା ୪୫ରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଏରସମାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ବାଚନୀ ପ୍ରଚାର ପାଇଁ ଗୁରୁବାର ଓଡ଼ିଶା ଆସିବେ। ଯୋଗୀ ଆଦିତ୍ୟନାଥ ପୂର୍ବାହ୍ନ ୧୦ଟା ୧୫ରେ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁରଠାରେ ଏବଂ ପୂର୍ବାହ୍ନ ୧୧ଟା ୩୦ରେ ମାହାଙ୍ଗା ନିର୍ବାଚନମଣ୍ଡଳୀର କୁଳିଆ ମାର୍କେଟ ପଡ଼ିଆରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସକାଳ ୮ଟା ୩୦ରେ ସମ୍ବଲପୁର ଗସ୍ତକରି ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଦର୍ଶନକରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ସକାଳ ୯ଟା ୧୫ରେ ସମ୍ବଲପୁରଠାରେ ଥିବା ଲକ୍ଷ୍ମୀନାଥ ବେଜବରୁଆଙ୍କ ଜନ୍ମସ୍ଥାନକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ହିମନ୍ତ ବିଶ୍ୱଶର୍ମା ଦେବଗଡ଼ଠାରେ ପୂର୍ବାହ୍ନ ୧୦ଟା ୩୦ରେ 'ରୋଡ୍ ଶୋ'ରେ ଯୋଗଦେବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ରହିବେ। ବିଶ୍ୱଶର୍ମା ମଧ୍ୟାହ୍ନ ୧ଟା ୩୦ରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବଡ଼ବିଲ, ଅପରାହ୍ନ ୩ଟାରେ ଚୌଦ୍ୱାର ଏବଂ ଅପରାହ୍ନ ୪ଟାରେ ବଡମ୍ବା ଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ପୂର୍ବାହ୍ନ ୧୦ଟା ୩୦ରେ ଦେବଗଡ଼ଠାରେ ଅନୁଷ୍ଠିତ ରୋଡ୍ ଶୋ'ରେ ବିଶ୍ୱଶର୍ମାଙ୍କ ସହ ଯୋଗଦେବେ। ଏହାପରେ ଧର୍ମେନ୍ଦ୍ର ମଧ୍ୟାହ୍ନ ୧ଟାରେ ରେଙ୍ଗାଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

**■ ଆଜି ଆସୁଛନ୍ତି ଯୋଗୀ ଆଦିତ୍ୟନାଥ, ହିମନ୍ତ ବିଶ୍ୱଶର୍ମା**
**■ ୨୫ରେ ବାଲେଶ୍ୱରକୁ ପ୍ରଚାର ପାଇଁ ଆସିପାରନ୍ତି ସ୍ମୃତି ଇରାନୀ, ରାହୁଲ ଗାନ୍ଧୀ**

### ମତଦାନ ତଥ୍ୟ ...

ଚିନ୍ତାରେ ପକାଇଦେଇଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଖେରା ଉଲ୍ଲେଖ କରିଛନ୍ତି, ଇସି ଚୂଡ଼ାନ୍ତ ତଥ୍ୟ ପ୍ରକାଶ ପାଇଁ ୧୦ରୁ ୧୧ ଦିନ ସମୟ ନେବା ପରେ ମଧ୍ୟ ଠିକ୍ କଥା କହୁନାହାନ୍ତି। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)କୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ନ ମିଳିବା ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ସେହିପରି ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ୧.୦୭ କୋଟି ଭୋଟ ବ୍ୟବଧାନକୁ ଦେଖିଲେ ପ୍ରତି ଲୋକ ସଭା ଆସନରେ ଏହା ୨୮,୦୦୦ ବୃଦ୍ଧି ପାଇବ। ଭାଜପା ଯେଉଁ ରାଜ୍ୟଗୁଡ଼ିକରେ ଶୋଚନୀୟ ପରାଜୟର ମୁହଁ ଦେଖିବା ଭଳି ମନେହେଉଛି, ସେହି ରାଜ୍ୟଗୁଡ଼ିକରେ ତାଳମେଳରେ ସର୍ବାଧିକ ତାରତମ୍ୟ ରହୁଛି। କ'ଣ ଚାଲିଛି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ତେବେ କେବଳ କଂଗ୍ରେସ ନୁହେଁ, ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ଦିନର ଏବଂ ପରବର୍ତ୍ତୀ ସମୟରେ ପ୍ରକାଶିତ ସଂଶୋଧିତ ମତଦାନ ହାରକୁ ନେଇ ଇସିଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଲୋକ ସଭା ନିର୍ବାଚନର ଫଳାଫଳ ଜୁନ୍ ୪ରେ ଆସିବାକୁ ଥିବାବେଳେ ଏଭଳି ତାରତମ୍ୟକୁ ନେଇ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନର ମତଦାନ ହାର ଏଭଳି ଭାବେ ୬% ବୃଦ୍ଧି ପାଇଥିବା ଦର୍ଶାଇ ପ୍ରକୃତ ଭୋଟିଂ ହାର ଘୋଷଣା କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଏଡିଆର୍ ନିଜ ପିଟିଶନରେ ନିବେଦନ କରିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗତ ୧୭ ତାରିଖରେ ଏହାର ଶୁଣାଣି ବେଳେ ଇସିଙ୍କୁ ଏହା ଉପରେ ସପ୍ତାହେ ମଧ୍ୟରେ ଜବାବ ମାଗିଛନ୍ତି। ଆସନ୍ତା ୨୪ରେ ସର୍ବୋଚ୍ଚ ଅଦାଲତ ଏହି ପ୍ରସଙ୍ଗରେ ପୁଣି ବିଚାର କରିବେ।

### ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ...

କି ବୋଲି ପଚାରିଥିଲେ। ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ। ବିଏସ୍‌କେୱାଇ କାର୍ଡ ସମସ୍ତଙ୍କୁ ମିଳିବ। ଆପଣମାନେ ଖୁସି ତ ବୋଲି ପଚାରିଥିଲେ। ଶଙ୍ଖ ଚିହ୍ନ ଭଲ କି ବୋଲି ପଚାରିଥିଲେ। ନବୀନ ପଟ୍ଟନାୟକ ଭଲ କି ବୋଲି ପଚାରିଥିଲେ। ଏଥିସହ ବିଜେଡିର ଏମ୍‌ପି ଓ ଏମ୍‌ଏଲ୍‌ଏ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ସେ ଅନୁରୋଧ କରିଥିଲେ। 'ଜୟ ଜଗନ୍ନାଥ' ବୋଲି କହି ଗୋଟିଏ ସ୍ଥାନରେ ତାଙ୍କ ପ୍ରଚାର କରିବା ପରେ ଆଗକୁ ଯାଇଥିଲେ। ଏହାସହ କେତେକ ସ୍ଥାନରେ ଗାଡ଼ିରୁ ଓହ୍ଲାଇ ଲୋକଙ୍କ ପାଖକୁ ମଧ୍ୟ ଯାଇଥିଲେ।

ମୁଖ୍ୟମନ୍ତ୍ରୀ ସେଠାରୁ ସାଲିଆସାହି ପେଟ୍ରୋଲ ପମ୍ପ ଦେଇ ଜୟଦେବ ବିହାରସ୍ଥିତ ବିଜୁ ପଟ୍ଟନାୟକ କଲେଜ ଦେଇ ଜାଭିୟର କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ। ସବୁ ଛକରେ ପ୍ରବଳ ଜନସମାଗମ ମଧ୍ୟ ଦେଖିବାକୁ ମିଳିଥିଲା। ଏହାପରେ ସେଠାରୁ ବିଡିଏ ସାଇ ମନ୍ଦିର ଛକଠାରୁ ଆରମ୍ଭକରି ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟ ସ୍ଥାନରେ ମଧ୍ୟ ପ୍ରଚାର କରିବା ଅବସରରେ ସେ ପୂର୍ବରୁ ଦେଇଥିବା ଭାଷଣକୁ ପୁଣି ଥରେ ଦୋହରାଇଥିଲେ। ଏହାପରେ ଜୟଦେବ ବିହାର ଦେଇ ରସୁଲଗଡ଼ ଛକରେ ମଧ୍ୟ ପ୍ରଚାର କରିଥିଲେ। ସବୁ ଛକରେ ଆଦିବାସୀ ପରମ୍ପରାର ନାଚ, ଗୀତ ମଧ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ଲାଗି ଆସିଥିବା ବିଜେଡି କର୍ମୀ ଏବଂ ସାଧାରଣ ଲୋକଙ୍କୁ ପଚାରିବାରୁ କେତେଜଣ କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଛନ୍ତି। ତାଙ୍କୁ ଦେଖିବା ଲାଗି ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା କରିଥିବା ବେଳେ ସେଥିରୁ ବହୁ ସୁବିଧା ସେମାନେ ପାଇଛନ୍ତି। ଆଗକୁ ବିଜେଡି ଦେଇଥିବା ବିଜୁଳି ବିଲ୍ ଛାଡ଼ ଏବଂ ବିଏସ୍‌କେୱାଇ ଯୋଜନାରେ ସମସ୍ତଙ୍କୁ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଉ କେତେଜଣ ବସ୍ତିବାସିନ୍ଦା କହିଛନ୍ତି, ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ଘରପଟ୍ଟା ଏବଂ ସ୍ଥାୟୀ ଘର ଯୋଗାଇ ଦେଇଛନ୍ତି। ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଉଥିବାର ଦେଖିବାକୁ ମିଳିଥିଲା। ଅନ୍ୟପଟେ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଆଉ ଏକ ଗାଡ଼ିରେ ପ୍ରଚାରକରି ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିଲେ।

**■ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଚାର କରିଥିଲେ ସୁଶାନ୍ତ ଏବଂ ମନ୍ମଥ**
**■ ବ୍ୟାପକ ବାଜାବାଣରେ ସ୍ୱାଗତ କରିଥିଲେ ବିଜେଡି କର୍ମୀ**
**■ ଗାଡ଼ିରୁ ଓହ୍ଲାଇ ଲୋକଙ୍କ ପାଖକୁ ଗଲେ**

### ଲଘୁଚାପ ସୃଷ୍ଟି, ...

ବିଭାଗ ସୂଚନା ଦେଇଛି। ବୁଧବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଆରବସାଗରର କିଛି ଅଞ୍ଚଳ, ମାଳଦ୍ୱୀପ, କୋମରିନ, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଆହୁରି ଅନେକ ଅଞ୍ଚଳକୁ ଅଗ୍ରସର ହୋଇଥିବା ପାଣିପାଗ ବିଭାଗ କହିଛି। ତେବେ ଏହା ପୂର୍ବରୁ ରାଜ୍ୟରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ବୁଧବାର ୯ଟି ସହରରେ ଦିନ ତାପମାତ୍ରା ୪୦ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ନୂଆପଡ଼ାରେ ସର୍ବାଧିକ ୪୩ଡିଗ୍ରୀ ଥିବା ବେଳେ ବଲାଙ୍ଗୀର ୪୨.୪, ବୌଦ୍ଧ ୪୧.୫, ଖୋର୍ଦ୍ଧା, ଝାରସୁଗୁଡ଼ା ଓ ବରଗଡ଼ରେ ୪୧, ସମ୍ବଲପୁର ୪୦.୭, ଭବାନୀପାଟଣା ୪୦.୫ ଓ ଭଦ୍ରକରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ବିରୋଧୀ ମିଛ ପ୍ରତିଶ୍ରୁତି ଦେଉଛନ୍ତି: ନବୀନ

■ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ କଟକ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

■ସବୁ ଲୋକ ସଭା ଆସନରେ ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ପାଣ୍ଡିଆନଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)



କଟକ ବାଲିଯାତ୍ରା ତଳପଡିଆ କଟକ-ଇନ୍-କଟକ ନିକଟରେ ବିଜେଡିର ଜିଲା ଜନସମାବେଶ ମଞ୍ଚରେ ଶେଖ୍‌ବଜାର ଅଞ୍ଚଳର ବିଶ୍ୱନାଥ ଦଳେଇଙ୍କଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫଟୋଚିତ୍ର ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍। (ଫଟୋ-ରାଜକିଶୋର ମହାନ୍ତି)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ତିନୋଟି ଲୋକ ସଭା ନିର୍ବାଚନମଣ୍ଡଳୀ ଭୁବନେଶ୍ୱର, ପୁରୀ ଓ କଟକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ କଟକରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି କହିଛନ୍ତି। ରାଜ୍ୟର ବିକାଶ ଧାରା ବଜାୟ ରଖିବା ଲାଗି ଦଳୀୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଆଶୀର୍ବାଦ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ଆସନ୍ତା ଜୁଲାଇରୁ ଲୋକଙ୍କୁ ମାଗଣା ବିଜୁଳି ମିଳିବ। ଏହାପରେ ନବୀନ ତାଙ୍କ ଚିରାଚରିତ ଢଙ୍ଗରେ ଆପଣମାନେ ଖୁସି ତ ବୋଲି ପଚାରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, କାଳିଆ, ୫-ଟି ବିଦ୍ୟାଳୟ ରୂପାନ୍ତରଣ, ମଧୁବାବୁ ପେନ୍‌ସନ, ରାଶନ କାର୍ଡ, ପୁରୀ ମନ୍ଦିର କାମ, ମା' ସମଲେଇଙ୍କ କାମ ଆଦି କେମିତି ଲାଗୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ବିରୋଧୀ ନେତାମାନେ ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଆଉ ଏବେ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ପିଙ୍କୁ ସମାଲୋଚନାକରି ସେ କହିଛନ୍ତି, ଉକ୍ତ ଏମ୍‌ପି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଲିଙ୍ଗରାଜଙ୍କ ମନ୍ଦିର କାମ ବନ୍ଦ କରିବାକୁ ଚେଷ୍ଟା କରିଥିଲେ।

ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିଜ ଅଭିଭାଷଣରେ ଭୁବନେଶ୍ୱର ଏମ୍‌ପିଙ୍କୁ ତୀବ୍ର ସମାଲୋଚନାକରି କହିଛନ୍ତି, ଏମ୍‌ପି ଭାବରେ ଭୁବନେଶ୍ୱରର ଅଭିବୃଦ୍ଧି ସମ୍ଭାବନାକୁ ବଢ଼ାଇବା ତାଙ୍କ କାମ ଥିଲା। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତାଙ୍କ କାମ, କିନ୍ତୁ ସେ ଛୋଟ ଛୋଟ କାମରେ ଲାଗିଛନ୍ତି। ଭୁବନେଶ୍ୱର ଏମ୍‌ପି ତାଙ୍କ ରିପୋର୍ଟ କାର୍ଡ ଦେଇ ଲେଖିଛନ୍ତି ଯେ, ଜାତୀୟ ରାଜପଥ ନିର୍ମାଣରେ ୬ ହଜାର ୪୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସମସ୍ତେ ବୁଝନ୍ତୁ ଏନ୍‌ଏଚ୍ ନିର୍ମାଣରେ ସାଂସଦଙ୍କ ଭୂମିକା କ'ଣ ଅଛି। କଳିଙ୍ଗ ଷ୍ଟାଡିୟମ ପାଖରେ ଫୁଟ୍ ଓଭରବ୍ରିଜ୍ କରିଛନ୍ତି। ୭ ହଜାର ସୋଲାର ଲାଇଟ, ୨୦ଟି ମିନିମାକ୍ସ ଲାଇଟ୍ ଲଗାଇଛନ୍ତି। ଏହା ହେଉଛି ଆପଣଙ୍କ ସାଂସଦଙ୍କ ବଡ଼ କାମ। ବର୍ତ୍ତମାନ ମନ୍ଦିର ବୁଲି ୱାଟର କୁଲର ଲଗାଉଛନ୍ତି। ଭୁବନେଶ୍ୱର ଲୋକ ତାଙ୍କୁ କ'ଣ ଏଥିଲାଗି ଏମ୍‌ପି କରିଥିଲେ। ଏମ୍‌ପିଙ୍କ କାମ କ'ଣ ଆପଣମାନେ ଜାଣନ୍ତି। ବିଶେଷକରି ରାଜଧାନୀର ସାଂସଦଙ୍କ ସ୍ୱତନ୍ତ୍ର ଭୂମିକା ଥାଏ। ଭୁବନେଶ୍ୱର ସାଂସଦ ଭାବେ ସହରକୁ ମେଟ୍ରୋ ଆଣିବା, ରିଂରୋଡ୍ କରି ଆଖପାଖ ଅଞ୍ଚଳକୁ ଭୁବନେଶ୍ୱର ସହ ଯୋଡ଼ିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାମ। ଏହାଦ୍ୱାରା ଭୁବନେଶ୍ୱର ସହିତ ପାରିପାର୍ଶ୍ୱିକ ଅଞ୍ଚଳ ଯଥା- ଖୋର୍ଦ୍ଧା, ବେଗୁନିଆ, ଜଟଣୀ ଆଦି ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଭୋପାଳ, ବେଙ୍ଗାଲୁରୁ ଓ ଜୟପୁରରେ ରାଜଧାନୀ ଅଞ୍ଚଳର ଭାଜପା ଏମ୍‌ପିମାନେ ସେମାନଙ୍କ ଅଞ୍ଚଳ ପାଇଁ ବଡ଼ ବଡ଼ ପ୍ରକଳ୍ପ ଆଣିପାରିଛନ୍ତି। ସେମିତି ଭୁବନେଶ୍ୱର ପାଇଁ ଅନେକ ଶିଳ୍ପ ଆଣିବେ ବୋଲି ତାଙ୍କଠାରୁ ଆଶା ଥିଲା। ହେଲେ ସେ ଆପଣଙ୍କ ପାଇଁ କ'ଣ କରିଛନ୍ତି ଜଣାପଡୁନାହିଁ। ଆପଣଙ୍କ ଅଞ୍ଚଳର ଗର୍ବ ଓ ଗୌରବ ପାଇକ ବିଦ୍ରୋହ ବିଷୟରେ ସେ କିଛି କରିଛନ୍ତି କି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖୁଛନ୍ତି, କିନ୍ତୁ ସେ ଚୁପ୍ ଅଛନ୍ତି। ସାରା ଓଡ଼ିଶା ଜାଣିଛି ନବୀନ ପଟ୍ଟନାୟକ ଜୁନ୍ ୯ରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦% ପରିବାର ପାଇଁ ବିଜୁଳି ବିଲ୍ ବନ୍ଦ ହେବ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇରେ ସାମିଲହେବେ। ୩ୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ମହିଳାଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରାଯିବ।

ସେହିପରି ନୟାଗଡ଼ରେ ପାଣ୍ଡିଆନ କହିଛନ୍ତି, ଏ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀ ବିପୁଳ ପୁଞ୍ଜିନିବେଶର ଯୋଜନା ରଖିଛନ୍ତି। ରେଳଲାଇନ ହୋଇଗଲା, ବର୍ତ୍ତମାନ ନୟାଗଡ଼ ଶିଳ୍ପସମୃଦ୍ଧ ହେବ। ଯୁବପିଢ଼ି ରୋଜଗାର ପାଇବେ, ସଶକ୍ତ ହେବେ। ପୁରୀରେ ସେ କହିଛନ୍ତି, ପୁରୀକୁ ବିଶ୍ୱସ୍ତରୀୟ ଐତିହାସିକ ନଗରୀରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଛି। ଏହି ସ୍ୱପ୍ନ ସାକାର କରିବା ପାଇଁ ସମସ୍ତଙ୍କ ଯୋଗଦାନ ରହିବ। ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ହେବ। ଦୁବାଇ, ସିଙ୍ଗାପୁର ପରି ବିମାନବନ୍ଦରରେ ପୁରୀର ନାଁ ଲେଖା ହେବ। ପୁରୀକୁ ପୁଞ୍ଜି ଆସିବ, ନିଯୁକ୍ତି ଆସିବ, ରୋଜଗାର ବଢ଼ିବ। ପୁରୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ସେ କହିଛନ୍ତି, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତଙ୍କୁ ଘର, ରାଶନ କାର୍ଡ ମିଳିବ। ଉଠାଦୋକାନୀଙ୍କ ପୁରୀର ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେମାନଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବ। ସେମାନେ ଖୁସିରେ ରହିବେ ବୋଲି ପାଣ୍ଡିଆନ୍ କହିଛନ୍ତି। କରୋନା ମୁକାବିଲାରେ ଓଡ଼ିଶା ୧ ନମ୍ବର ଥିଲା। କରୋନା ମୁକାବିଲା ସଂକ୍ରାନ୍ତରେ ସଂସଦରେ ଯେତେବେଳେ ଆଲୋଚନା ହେଲା, କଟକର ସାଂସଦଙ୍କୁ ବିଜେଡି ପକ୍ଷରୁ କହିବା ପାଇଁ ସୁଯୋଗ ମିଳିଥିଲା। ୨୦ ମିନିଟ୍ କାଳ କରୋନା ମୁକାବିଲା ବିଷୟରେ ଭାଷଣ ଦେଇଥିଲେ। ହେଲେ ଥରୁଟିଏ ବି ଓଡ଼ିଶା କିମ୍ବା ମୁଖ୍ୟମନ୍ତ୍ରୀଙ୍କ କରୋନା ମୁକାବିଲାରେ ଭୂମିକା ବିଷୟରେ କହି ନ ଥିଲେ। କେବଳ କେନ୍ଦ୍ର ସରକାରଙ୍କ ବିଷୟରେ କହିଥିଲେ। ସେ ସମୟରେ ସେ ଓଡ଼ିଶା ଓ ନବୀନବାବୁଙ୍କୁ ଭୁଲିଗଲେ। ସେଦିନ ଜଣାପଡ଼ିଯାଇଥିଲା ଯେ ସେ ଶାରୀରିକ ଭାବେ ସିନା ବିଜେଡିରେ ଅଛନ୍ତି କିନ୍ତୁ ତାଙ୍କ ଅନ୍ତରରେ ଭାଜପା ରହିଛି ବୋଲି ପାଣ୍ଡିଆନ୍ କଟକ ସଭାରେ କହିଛନ୍ତି। ଏହିସବୁ ସ୍ଥାନରେ ପ୍ରଚାର ସମୟରେ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ଅରୂପ ପଟ୍ଟନାୟକ ଏବଂ ସନ୍ତୃପ୍ତ ମିଶ୍ରଙ୍କ ସମେତ ସମସ୍ତ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀଙ୍କୁ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ପାଣ୍ଡିଆନ୍ ଅନୁରୋଧ କରିଥିଲେ।

## ପ୍ରଣବଙ୍କୁ ଭାଜପାର ଦଶ ପ୍ରଶ୍ନ

ସମ୍ବଲପୁର, ୨୨।୫ (ଭବାନୀ ଶଙ୍କର ଭୋଇ)

ଭାଜପା ବୁଧବାର ସମ୍ବଲପୁରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିକୁ ଦଶଟି ପ୍ରଶ୍ନ ପଚାରି ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଏହାର ଉତ୍ତର ରଖିବାକୁ ଆହ୍ୱାନ ଦେଇଛି। ଗତ ପାଞ୍ଚବର୍ଷରେ ବିଧାନସଭାରେ ପ୍ରଣବ ପ୍ରକାଶ କେବଳ ଗୋଟିଏ ପ୍ରଶ୍ନ ପଚାରିଥିଲେ। ତାହା ମଧ୍ୟ ଯାଜପୁରବାସୀଙ୍କ ପାଇଁ ନ ଥିଲା ବୋଲି ଭାଜପା ଅଭିଯୋଗ କରିଛି। ବିଧାନସଭାରେ କୌଣସି ବିତର୍କରେ ଭାଗ ନେଲେ ନାହିଁ କିମ୍ବା ନିଜ ବିଧାୟକ ଉନ୍ନୟନ ପାଣ୍ଠିରୁ ମାତ୍ର ୫୬% ଖର୍ଚ୍ଚ କରିପାରିଥିବା ତାଙ୍କର ପାରିବାପଣିଆର ପ୍ରମାଣ ବୋଲି ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାସହିତ ବ୍ଲାକରୋଜ ବୁଡ଼ିବା ଘଟଣାକୁ ନେଇ ମଧ୍ୟ ପ୍ରଣବଙ୍କୁ ଡ. ରଥ ପ୍ରଶ୍ନ କରିଛନ୍ତି।

୨୦୦୯ରେ ପାରାଦୀପ ବନ୍ଦରରୁ ଓଡ଼ିଶାର ଲୁହାପଥର ବ୍ଲାକରୋଜ ଜାହାଜରେ ଚାଇନାକୁ ଚୋରାଚାଲାଣ ହେଉଥିଲା। ବ୍ଲାକରୋଜକୁ ବୁଡ଼ାଇ ଚୋରା କାରବାରକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି। ଏହାର ଠିକ୍ ତଦନ୍ତ ବଦଳରେ କେସ୍‌କୁ ଚପାଇଦେବା ପାଇଁ ବିଜେଡି ହୀନ ଚେଷ୍ଟା କରିଛି। ପୂରା ଘଟଣାରେ ଶାସକ ଦଳର ନେତା, ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ମାମଲାର ସିବିଆଇ ତଦନ୍ତ ପାଇଁ ଓଡ଼ିଶା ସରକାର ଜାଣିଶୁଣି ସହଯୋଗ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ରାଜ୍ୟ ସରକାରଙ୍କ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ୍ ଦ୍ୱାରା ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା କରାଗଲା। ରାଜ୍ୟରେ ଅସୁରକ୍ଷିତ ଆଇନ ବ୍ୟବସ୍ଥାର ଏହା ସବୁଠାରୁ ବଡ ନଗ୍ନ ପ୍ରମାଣ। ମନ୍ତ୍ରୀ ହତ୍ୟା ପଛର ଅସଲ କାର୍ପଟଦାରମାନେ ଆଜି ବି ଅୟସରେ ବୁଲୁଛନ୍ତି। ରାଜ୍ୟରେ ମହିଳା ଓ ଶିଶୁ ଅସୁରକ୍ଷିତ ଥିବା ବେଳେ ମମିତା, ବେବିନା, ସ୍ମିତାରାଣୀ, ପରୀ, ପିଙ୍କୁ, ମାଧବୀଲତା, ଲକ୍ଷ୍ମୀ ଏବଂ କୁନ୍ତଳି ପୀଡ଼ିତାଙ୍କ ଅଗଣିତ ଭଉଣୀମାନେ ଆଜି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ରାଜସ୍ୱ ଲୁଟ୍ ପରେ ଏବେ ସମ୍ବଲପୁର ଅଞ୍ଚଳର ଖଣି ଖାଦାନ ପ୍ରତି ପ୍ରଣବ ପ୍ରକାଶଙ୍କ ନଜର ରହିଥିବା ଭାଜପା ଅଭିଯୋଗ କରିଛି।

୨୦୧୯ ମସିହାରୁ କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ମାଗି ଆସୁଛନ୍ତି। ଭାଜପାରୁ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ ଓ ଏମ୍‌ପି ମଧ୍ୟ ଏହି ପ୍ରସ୍ତାବ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଚୁପ୍ ରହି ସମ୍ବଲପୁରର ଆଇନଜୀବୀମାନଙ୍କୁ ଜେଲରେ ପୂରାଇଲେ। ତେବେ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ବିଚାର ବିମର୍ଶ କରି ରିପୋର୍ଟ ଦେଇଛନ୍ତି କି ବୋଲି ଭାଜପା ପ୍ରଶ୍ନ କରିଛି। ଗୁଡ୍ଡୁ ମୁସଲିମ ଭଳି ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସମ୍ବଲପୁରକୁ ଆସି ଆଶ୍ରୟ ନେଉଛନ୍ତି। ସମ୍ବଲପୁରରେ ଦଙ୍ଗା କରାଇଥିବା ଲୋକେ ତାକୁ ଲୁଚେଇ ରଖିଥିବା ଅଭିଯୋଗ ହେଉଛି। ଯେଉଁମାନେ ସହରରେ ଅନୁପ୍ରବେଶକାରୀଙ୍କୁ ପାଳି ପୋଷି ବ୍ୟାପକ ଅନୈତିକ କାମ ଓ ଜବରଦଖଲ ବଢାଇ ଚାଲିଛନ୍ତି, ସେଭଳି ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଣବ ପ୍ରକାଶ ଦାସଙ୍କ ପରୋକ୍ଷ ସୁରକ୍ଷା ଦେଉଛନ୍ତି। ସମ୍ବଲପୁର ସହରବାସୀ କେବେ ନିଜର ନିର୍ବାଚିତ ମେୟର ପାଇବେ ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି ହାରିଯିବା ଭୟରେ ଦୀର୍ଘ ୧୧ ବର୍ଷ ହେବ ନିର୍ବାଚନ କରାଇ ଦେଉନାହିଁ ବୋଲି ଡ ପ୍ରମୋଦ ରଥ ଅଭିଯୋଗ କରିଛନ୍ତି। ପ୍ରଣବ ପ୍ରକାଶ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ନେଇ ନିଜ ମତ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ମୁକେଶ ଜରିୱାଲ ଏବଂ ରଞ୍ଜିତ ରଥ ଉପସ୍ଥିତ ଥିଲେ।

## ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ: ଗିରିରାଜ



ବୁଧବାର ସମ୍ବଲପୁରରେ ଭାଜପା ପକ୍ଷରୁ ଆୟୋଜିତ ରୋଡ ଶୋ'ରେ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଗିରିରାଜ ସିଂହ।

ସମ୍ବଲପୁର, ୨୨।୫ (ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୃହବନ୍ଦୀ କରାଯାଇଛି। ଅନ୍ୟ ରାଜ୍ୟରୁ ଆସିଥିବା ଲୋକେ ରାଜ୍ୟକୁ ଶାସନ କରୁଛନ୍ତି। ସମ୍ବଲପୁରରେ ନିର୍ବାଚନୀ ପ୍ରଚାରକୁ ଆସି କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଗିରିରାଜ ସିଂହ ଏହିଭଳି ଢଙ୍ଗରେ ରାଜ୍ୟର ବିଜେଡି ସରକାରକୁ ଘେରିଛନ୍ତି। ବୁଧବାର କେନ୍ଦ୍ରମନ୍ତ୍ରୀ ସିଂହ ସମ୍ବଲପୁରରେ ଦଳ ପାଇଁ ଜୋରଦାର ପ୍ରଚାର କରିଥିଲେ। ସକାଳେ ଭୂତାପଡାରୁ ସୁନାପାଲି ପର୍ଯ୍ୟନ୍ତ ଆୟୋଜିତ ରୋଡ ଶୋ' ରେ ସେ ସାମିଲ ହୋଇ ରାଜ୍ୟର ବିଜେଡି ସରକାର ଉପରେ ବର୍ଷିଥିଲେ। ସେ ବିଗତ ଦିନରେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ହୋଇଥିବା ହିଂସା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ କରିଥିଲେ। ଏହି ଅବସରରେ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ ଆଗାମୀ ଦିନରେ ଓଡ଼ିଶାରେ ଜଣେ ଓଡ଼ିଆ ଶାସନ କରିବେ ବୋଲି କହିଥିଲେ। ଏହାସହ ଓଡ଼ିଶାରେ ଭାଜପା ସରକାର ହେଲେ

### ଅନ୍ୟ ଲୋକର ହାତରେ ଶାସନ ବ୍ୟବସ୍ଥା ଚାଲିଛି କହିଲେ

ସମସ୍ତ ପର୍ବପର୍ବାଣି ଶାନ୍ତିଶୃଙ୍ଖଳାରେ ଆୟୋଜନ ହେବ ବୋଲି କହିଥିଲେ।

କ୍ଷେତରାଜପୁରଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଓଡ଼ିଶାରେ ଆଉଟସୋର୍ସିଂରେ ସରକାର ଚାଲିଛି ବୋଲି ଅଭିଯୋଗ କରିଥିଲେ ସିଂହ। ଭାଜପା ସରକାର ଆସିଲେ ରାଜ୍ୟର ପ୍ରକୃତ ବିକାଶ ହୋଇପାରିବ। ଏଭଳି ବାବୁରାଜକୁ ସମାପ୍ତ କରିବାକୁ ଭାଜପାକୁ ଭୋଟ ଦେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦଳା ଠାକୁର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଭାଜପା ସଭାପତି ଗିରୀଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସନ୍ଧ୍ୟାରେ ବୁର୍ଲାଠାରେ ଭାଜପାର ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

## 'ଓଡ଼ିଶାକୁ ରାମରାଜ୍ୟ କରିବାକୁ ହେଲେ ପରିବର୍ତ୍ତନ ଆବଶ୍ୟକ'




ମଞ୍ଚରେ ଭାଜପା ନେତା ଅରୁଣ ଗୋଭିଲ, ଭାଜପା ଏମ୍‌ପି ପ୍ରାର୍ଥୀ, ଚମ୍ପୁଆ ବିଧାୟକ ପ୍ରାର୍ଥୀ, ତେଲକୋଇ ବିଧାୟକ ପ୍ରାର୍ଥୀଙ୍କ ସମେତ ଜିଲା ନେତୃବୃନ୍ଦ।

କେନ୍ଦୁଝର/ଚମ୍ପୁଆ(ନରେଶ୍ ଚନ୍ଦ୍ର ପଟ୍ଟନାୟକ/ମହେଶ୍ୱର ଦାସ), ୨୨।୫

ଅଭିନେତା ତଥା ଭାଜପା ନେତା ଅରୁଣ ଗୋଭିଲ ବୁଧବାର କେନ୍ଦୁଝର ଜିଲା ଗସ୍ତରେ ଆସି ଚମ୍ପୁଆ ଓ ତେଲକୋଇଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଛନ୍ତି। ଓଡ଼ିଶାକୁ ରାମରାଜ୍ୟ କରିବାକୁ ହେଲେ ପରିବର୍ତ୍ତନ ଜରୁରୀ ବୋଲି କହିବା ସହ ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ଏବଂ ତେଲକୋଇ ବିଧାୟକ ପ୍ରାର୍ଥୀ ଡା. ଫକୀର ମୋହନ ନାୟକଙ୍କ ପାଇଁ ନିର୍ବାଚନୀ ପ୍ରଚାର କରି ଭୋଟ ମାଗିଛନ୍ତି। ଚମ୍ପୁଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ସମାବେଶରେ ସେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ରାଜ୍ୟରେ ବିଜେଡି ସରକାର ଦୁର୍ନୀତିରେ ଉବୁଟୁବୁ ହେଉଛି। ଓଡ଼ିଶାକୁ ରାମରାଜ୍ୟରେ ପରିଣତ କରିବାକୁ ହେଲେ ପରିବର୍ତ୍ତନ ସହ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଆଗାମୀ ନିର୍ବାଚନରେ କେନ୍ଦୁଝର ଭାଜପା ଏମ୍‌ପି ପ୍ରାର୍ଥୀ, ଚମ୍ପୁଆ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ଛତିଶଗଡ଼ ରାଜ୍ୟ ସଭା ସଦସ୍ୟ ଅରୁଣ ଦୁବେ ମଧ୍ୟ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ଉପସଭାପତି ପ୍ରକାଶ ମଲ୍ଲିକ ସଭା ପରିଚାଳନା କରିଥିଲେ। ପରେ ସେ ତେଲକୋଇ କତରାପାଲିଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ କେନ୍ଦ୍ରରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଫାଗନ ସିଂହ କୁଲସ୍ତେ, ରାଜ୍ୟ ନେତା ସାରଦା ନନ୍ଦ, ଜିଲା ଉପସଭାପତି ଶୁକଦେବ ମହାନ୍ତ, ପୂର୍ବତନ ବିଧାୟକ ବେଦବ୍ୟାସ ନାୟକ, ସନ୍ତୋଷ ପାଣ୍ଡେ, ପ୍ରକାଶ ମଲ୍ଲିକଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହି ସମାବେଶରେ ୭ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ହଳଦିଆ ଗାମୁଛା ବଦଳାଇଲେ ଦେବୀରଞ୍ଜନ



କଟକ, ୨୨।୫(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ତଳପଡିଆ କଟକ-ଇନ୍-କଟକ ନିକଟରେ ବିଜେଡିର କଟକ ଜିଲା ଜନସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜନସମାବେଶରେ ୭ଟି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଓ କଟକ ଲୋକ ସଭା ପ୍ରାର୍ଥୀ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ହେଲେ ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏକ ହଳଦିଆ ରଙ୍ଗର ଗାମୁଛା ବେକରେ ପକାଇ ଭାଷଣ ଦେଇଥିଲେ। ଭାଷଣ ସରିବାର କିଛି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବୀରଞ୍ଜନଙ୍କୁ ପାଖକୁ ଡାକି କିଛି କହିଥିଲେ। ଫଳରେ ଦେବୀରଞ୍ଜନ ତୁରନ୍ତ ବେକରୁ ହଳଦିଆ ରଙ୍ଗର ଗାମୁଛା କାଢି ସବୁଜ ରଙ୍ଗର ଗାମୁଛା ପକାଇଥିଲେ, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଦେବୀରଞ୍ଜନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସମ୍ବଲପୁର ନିର୍ବାଚନ ପ୍ରକ୍ରିୟା ଦେଖିଲେ ୫ଦେଶର ପ୍ରତିନିଧି

ସମ୍ବଲପୁର, ୨୨।୫ (ଭବାନୀ ଶଙ୍କର ଭୋଇ)

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଚାଲିଛି ନିର୍ବାଚନର ମହାପର୍ବ। ନବେ କୋଟିରୁ ଅଧିକ ସଂଖ୍ୟାରେ ମତଦାତା ନିଜର ପ୍ରତିନିଧି ବାଛିବାକୁ ମତଦାନ କରୁଛନ୍ତି। ଏତେ ଲୋକଙ୍କୁ ଏକଜୁଟ କରି ମତଦାନ କରାଇବା, ନିରପେକ୍ଷ ନିର୍ବାଚନ କରି ପ୍ରତିନିଧି ବାଛିବା ଆଦି ପ୍ରକ୍ରିୟାକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ବୁଧବାର ପାଞ୍ଚଟି ଦେଶର ପ୍ରତିନିଧି ସମ୍ବଲପୁରରେ ପହଞ୍ଚିଥିଲେ। ଭାରତୀୟ ଗଣତନ୍ତ୍ରର ସକାରାତ୍ମକ, ଗୁଣାତ୍ମକ, ଗଠନାତ୍ମକ ଏବଂ ସୁବ୍ୟବସ୍ଥିତ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଏହି ପ୍ରତିନିଧିମାନେ ନିର୍ବାଚନ ପ୍ରଚାର, ଖବରଦାତା ସମ୍ମିଳନୀ, ମତଦାତାଙ୍କ ବିଚାର, ନିର୍ବାଚନ କମିଶନର ପ୍ରସ୍ତୁତି ଆଦି ବୁଲି ଦେଖିଥିଲେ। ଏହି ପ୍ରତିନିଧି ମଣ୍ଡଳରେ ମରିସସ, ନେପାଳ, ଅଷ୍ଟ୍ରେଲିଆ, ଡେନମାର୍କ ଓ ସିଚେଲ୍ସ



ବୁଧବାର ସମ୍ବଲପୁରରେ ପହଞ୍ଚିଥିବା ବିଦେଶୀ ପ୍ରତିନିଧିମଣ୍ଡଳୀ।

ଦେଶର ପାଞ୍ଚଜଣ ପ୍ରତିନିଧି ସାମିଲ ଥିଲେ। ଅଷ୍ଟ୍ରେଲିୟା ହାଇକମିଶନର ରାଜନୈତିକ କାଉନସିଲର ଜୋନ ବୋନର, ରୟାଲ ଡେନିସ ଆମ୍ବାସି(ଡେନମାର୍କ)ରୁ ନୂଆଦିଲ୍ଲୀରେ ଅବସ୍ଥାପିତ ରାଜନୈତିକ କାଉନସିଲର ସଲେ ଭାଷ୍ଟରଗାର୍ଡ ଆମ୍‌ଷ୍ଟ୍ରପ, ନେପାଳର ରାଷ୍ଟ୍ରଦୂତ ଶଙ୍କର ପ୍ରସାଦ ଶର୍ମା, ମରିସସ ରିପବ୍ଲିକର ହାଇକମିଶନର ହେମାନଦୟାଲ ଦିଲୁମ ଏବଂ ସିଚେଲ୍ସର ହାଇକମିଶନର ହରିସୋଆ ଲାଲାଟିନା ପ୍ରମୁଖ ସାମିଲ ହୋଇଥିଲେ। ଝାରସୁଗୁଡା ବିମାନବନ୍ଦରରୁ ଓହ୍ଲାଇ ସେଠାରେ ଅବସ୍ଥାନ କରିଥିବା ଏହି ପ୍ରତିନିଧି ଦଳ ବୁଧବାର ସମ୍ବଲପୁରରେ ପହଞ୍ଚିଥିଲେ। ପ୍ରତିନିଧି ଦଳ ସମ୍ବଲପୁରରେ ପହଞ୍ଚିବା ପରେ ସ୍ଥାନୀୟ ରୋଟାରୀ କ୍ଲବ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ପ୍ରଥମେ ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା ନିର୍ବାଚନ ପ୍ରକ୍ରିୟା ବିଷୟରେ ଅବଗତ ହେବା ପରେ ଭାଜପାର ଏକ ଖବରଦାତା ସମ୍ମିଳନୀରେ ସାମିଲ ହୋଇଥିଲେ। ନେତାମାନେ କିପରି ବିଭିନ୍ନ ପ୍ରସଙ୍ଗକୁ ଖବରଦାତାମାନଙ୍କ ଆଗରେ ଉପସ୍ଥାପନ କରୁଛନ୍ତି, ଖବରଦାତାମାନେ କିଭଳି ରାଜନୈତିକ ପ୍ରସଙ୍ଗଗୁଡ଼ିକର ଉତ୍ତର ନେତାଙ୍କଠାରୁ ସଂଗ୍ରହ କରୁଛନ୍ତି ତାହା ନିରୀକ୍ଷଣ କରିଥିଲେ। ଖବରଦାତାମାନଙ୍କ ସହ ସେମାନେ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା ଡ ପ୍ରମୋଦ ରଥ, ରାଜ୍ୟ ପେନାଲିଷ୍ଟ ମାନସ ବକ୍ସିଙ୍କୁ ସମ୍ବଲପୁରରେ ହେଉଥିବା ନିର୍ବାଚନ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ। ଏହାପରେ ସେମାନେ ରାଜନୈତିକ ଦଳଗୁଡ଼ିକର ସଭା, ପଦଯାତ୍ରା ଆଦି ବୁଲି ଦେଖିଥିଲେ। ରାଜନୈତିକ ଦଳର କର୍ମୀମାନେ କିଭଳି ବ୍ୟାନର ପୋଷ୍ଟର ଲଗାଇବାଠାରୁ ଦଳ ପାଇଁ କାର୍ଯ୍ୟ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ।

ସୂଚନାଯୋଗ୍ୟ ଯେ, ଏହି ପାଞ୍ଚଜଣିଆ ପ୍ରତିନିଧି ଦଳ ଭାରତର ଗଣତନ୍ତ୍ର ପ୍ରକ୍ରିୟାକୁ ବୁଝିବାକୁ ଦେଶର ଦୁଇଟି ଲୋକ ସଭା ଆସନ ଉତ୍ତର ପ୍ରଦେଶର ବାରାଣସୀ ଏବଂ ଓଡ଼ିଶାର ସମ୍ବଲପୁର ସଂସଦୀୟ କ୍ଷେତ୍ରକୁ ବାଛିଛନ୍ତି।

# ଭାଜପା କ୍ଷମତାକୁ ଆସିଲେ ଚିଟ୍‌ଫଣ୍ଡ ଟଙ୍କା ଫେରାଯିବ

## ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି

ବଇଣ୍ଡା,୨୨।୫(ପରିକ୍ଷିତ ସାହୁ)

ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ଚିଟ୍‌ଫଣ୍ଡର ଶିକାର ହୋଇଥିବା ସମସ୍ତ ହିତାଧିକାରୀଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର କିଶୋରନଗର ବ୍ଲକ ବରପଡ଼ିଆଠାରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ କହିଛନ୍ତି, ଭତ୍ତା ଟଙ୍କା ୩ ହଜାରକୁ ବୃଦ୍ଧି ସହ କେନ୍ଦୁପତ୍ର ବିଡ଼ା ୨ ଟଙ୍କା କରାଯିବ। ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଦିଆଯିବ। ସମସ୍ତ ପରିବାରକୁ ମାଗଣା ବିଜୁଳି, ଶୌଚାଳୟ, ପକ୍କା ଘର ମିଳିବ। ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ସମ୍ପତ୍ତି ତାଲିକା ପ୍ରକାଶ କରାଯିବ ବୋଲି ପ୍ରଧାନ କହିଛନ୍ତି।


ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାନସଭା ପ୍ରାର୍ଥୀ ସଞ୍ଜୀବ ସାହୁଙ୍କୁ ସ୍ୱାଗତ କରାଯାଉଛି।

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଡ. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଓଡ଼ିଆ ଲୋକଙ୍କ ମନରେ ସରକାର ପରିବର୍ତ୍ତନ ଚିନ୍ତା ଆସିଛି। ତେଣୁ ଓଡ଼ିଶାରେ ଏଥର ଭାଜପା ସରକାର ଗଠନ ହେବ। ଲୋକେ ଆଶୀର୍ବାଦ କଲେ ସେ ଦିଲ୍ଲୀ ଯାଇ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ସମସ୍ୟାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବେ। କୃଷି ବହୁଳ ଅଞ୍ଚଳ ଆଠମଲ୍ଲିକରେ ଜଳସେଚନ ବ୍ୟବସ୍ଥା ନାହିଁ। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଓଡ଼ିଶାର ସବୁ ଗାଁକୁ ପିଇବା ପାଣି ଯୋଗାଇ ଦେବା ପାଇଁ ମୋଦି ସରକାର ୧୦ ହଜାର କୋଟି ଟଙ୍କା ଦେଇଛନ୍ତି। ହେଲେ ଓଡ଼ିଶା ସରକାର ଏକ ତାମିଲ ଠିକାସଂସ୍ଥାକୁ ଏହି ଦାୟିତ୍ୱ ଦେଇଥିବା ଯୋଗୁ ଲୋକେ ପିଇବା ପାଣି ପାଇପାରୁନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିରେ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଯୋଗଦେଇ ଆଠମଲ୍ଲିକର ବିକାଶ ସର୍ବଦା କରି ଆସିଥିବାରୁ ତାଙ୍କୁ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଧାନସଭା ପ୍ରଭାରୀ ସୀମାଞ୍ଚଳ ଖଟେଇ, ଜିଲା ଉପ ସଭାପତି ଅର୍ଜ୍ଜୁନ ସାହୁ, ପୂର୍ବତନ ଜିଲା ପରିଷଦ ସଭାପତି ଅଞ୍ଜଳି ପ୍ରଧାନ, ପରେଶ ଦେଓ, ଅର୍ଜ୍ଜୁନ ପାଣ୍ଡେ, ଶିବାନୀ ମାଝି, ପ୍ରବୋଧ ବେହେରା, ସରୋଜ କୁମାର ସାହୁ, ତିମିର ନାୟକ, ଅନିତା ଦାସ, ହୃଦାନନ୍ଦ ପ୍ରଧାନଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କହିଲେ ଭଲକଥା, ସେମାନେ ବି ବ୍ୟବହାର କରନ୍ତୁ

## ନବୀନଙ୍କ ଭିଡିଓରେ ଏଆଇ ବ୍ୟବହାର ହେବା ପ୍ରସଙ୍ଗ

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

